

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୪୧ ଭୁବନେଶ୍ୱର ସୋମବାର, ଫେବୃୟାରୀ ୦୩.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.141 Bhubaneswar, Monday, Februarry 03, 2025


# ଖରା ମାଡ଼ରେ ଗାଏବ ମାଘର ଜାଡ଼

## ମାଘ ମାସରେ ୩୬ ଡିଗ୍ରୀ ଟପିଲା ତାତି

ଭୁବନେଶ୍ୱର,୨/୨: ହଠାତ୍ ପାଗରେ କାହିଁକି ଏହି ପରିବର୍ତ୍ତନ ହେଲା ଏହା ସାମୟିକ ନା ବସନ୍ତ ନ ଆସୁଣୁ ବୈଶାଖ ଆରମ୍ଭ ହେଲା ବୋଲି ଧରି ନିଆଯିବ ମାଘ ମାସରେ ବାଘ ଭଳି ଜାଡ଼ ହେବା କଥା। କିନ୍ତୁ ଆଉ ସେ ଜାଡ଼ ନାହିଁ। ଏଇ ଅଳ୍ପ କେଇ ଦିନ ଭିତରେ ପାଗରେ ଆସିଛି ହଠାତ୍ ପରିବର୍ତ୍ତନ। ମାଘ ମାସ ନସରୁଣୁ ଆରମ୍ଭ ହୋଇଯାଇଛି ଖରା। ଆଜି ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ଅତିକ୍ରମ କରି ଯାଇଛି। ବଲାଙ୍ଗିରରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୩୬.୭ ଡିଗ୍ରୀ ରେକର୍ଡ କରାଯାଇଛି।ସେହିଭଳି ଟିଟିଲାଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡିରେ ୩୫.୮, ଝାରସୁଗୁଡ଼ାରେ ୩୫.୬, ସମ୍ବଲପୁରରେ ୩୫.୧ ଓ ଭବାନୀପାଟଣାରେ ୩୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।ଅନୁଗୋଳ ଓ ସୁନ୍ଦରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୪.୧ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୩୪.୯ ଏବଂ କଟକରେ ୩୩ ଡିଗ୍ରୀ ରହିଥିଲା।ପ୍ରଶ୍ନ ଉଠୁଛି, ହଠାତ୍ ପାଗରେ କାହିଁକି ଏହି ପରିବର୍ତ୍ତନ ହେଲା



ଏହା ସାମୟିକ ନା ବସନ୍ତ ନ ଆସୁଣୁ ବୈଶାଖ ଆରମ୍ଭ ହେଲା ବୋଲି ଧରି ନିଆଯିବ ଏନେଇ ଉତ୍ତର ରଖିଛନ୍ତି ପାଣିପାଗ ବିଜ୍ଞାନୀ ଶରତ ଚନ୍ଦ୍ର ସାହୁ।ସେ କହିଛନ୍ତି, ସାଧାରଣତଃ ଫେବ୍ରୁଆରୀ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଶୀତ ରହେ। ଖରାର ପ୍ରଭାବ ଟିକେ ଡେରିରେ ଆସେ। ଏ ବର୍ଷ ଟିକେ ଶୀଘ୍ର ଖରା ଆସିଛି। କିନ୍ତୁ ଏହି ତାପମାତ୍ରାରେ ଏତେ ଅସଙ୍ଗତି ପରିଲକ୍ଷିତ ହୋଇନାହିଁ। ବହୁତ କମ୍ ଜାଗାରେ ତାପମାତ୍ରା ୩୪/୩୫ ଡିଗ୍ରୀ ଯାଉଛି। ଅଧିକାଂଶ ସ୍ଥାନରେ ତାପମାତ୍ରା ୩୪ ବା ୩୩ ଡିଗ୍ରୀ ତଳେ ରହୁଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବଢ଼ିବାର କାରଣ ଅଛି। ଏବେ ଦକ୍ଷିଣ-ପଶ୍ଚିମରୁ ଅର୍ଥାତ୍ ତେଲଙ୍ଗାନା, କର୍ଣ୍ଣାଟକାର କିଛି ଅଂଶ ଓ ମହାରାଷ୍ଟ୍ର ପଟରୁ ପବନ ଆସୁଛି। ଏବେ ସେହି ଅଞ୍ଚଳରେ ତାପମାତ୍ରା ଟିକେ ଅଧିକ ରହିଛି। ସେହି ସବୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ତାପମାତ୍ରା ୩୩ରୁ ୩୬ ଡିଗ୍ରୀ ରହୁଛି। ତେଣୁ ଆମର ଏଠାରେ ତାପମାତ୍ରା ବଢ଼ି ଯାଉଛି। ଦକ୍ଷିଣ-ପଶ୍ଚିମ ପବନ ସାଧାରଣତଃ ଫେବ୍ରୁଆରୀ ଦ୍ୱିତୀୟ ସପ୍ତାହ ପରେ ଆସିଥାଏ। ଏ ବର୍ଷ ତାହା ଶୀଘ୍ର ଆସିଛି। କାରଣ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ଉପକୂଳରେ ଏକ ଗୁରୁଚାପ ରହୁଛି। ସେହି ଗୁରୁଚାପ ଯୋଗୁ ପବନ ଦୂରରେ କର୍ଣ୍ଣାଟକା ପାଖରେ ବୁଲି କେନ୍ଦ୍ର ଭାରତ ଆଡ଼କୁ ଯାଉଛି। ସେହି ପବନ ପ୍ରଭାବରେ ଆମର ଏଠାରେ ତାପମାତ୍ରା ବଢୁଛି। ସେହିପରି ଉତ୍ତର-ପଶ୍ଚିମ ଭାରତରେ ଏକ ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ ରହିଛି। ସେଥିପାଇଁ ସେଠାରୁ ଥଣ୍ଡା ପବନ ଓଡ଼ିଶା ଆଡ଼କୁ ଆସିପାରୁ ନାହିଁ। ଯେତେବେଳେ ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ ସକ୍ରିୟ ରହେ ଆମର ପାଣିପାଗ ଟିକେ ଉଷୁମ ରହେ। କିନ୍ତୁ ଏବେ ସେଠାରେ ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ ପ୍ରଭାବରେ ପାଗ ଗରମ ଥିବା ବେଳେ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ଆସୁଥିବା ପବନ ଯୋଗୁ ତଥା ଓଡ଼ିଶାର ଆକାଶ ମେଘମୁକ୍ତ ଥିବା ଯୋଗୁ ତାପମାତ୍ରା ବଢ଼ିଛି। ତା' ସହିତ ଆଭ୍ୟନ୍ତରୀଣ ଓଡ଼ିଶାରେ ଆଦ୍ରତା କମ୍ ରହୁଛି। ଫଳରେ ତାପମାତ୍ରା ବଢୁଛି। ଏମିତିକି ଭୁବନେଶ୍ୱରରେ ମଧ୍ୟ ତାପମାତ୍ରା ୩୪ ଡିଗ୍ରୀ ପର୍ଯ୍ୟନ୍ତ ପଳାଉଛି। ଭୁବନେଶ୍ୱରରେ ଯେଉଁ ଜଳୀୟ ବାଷ୍ପ ରହୁଛି, ତା'ର ସୂର୍ଯ୍ୟକିରଣକୁ ଗ୍ରହଣ କରି ନେବାର କ୍ଷମତା ରହୁଛି। ଫଳରେ ଭୁବନେଶ୍ୱରରେ ତାପମାତ୍ରା ବଢୁଛି। ତେବେ ଏହା ଏକ ସାମୟିକ ପ୍ରକ୍ରିୟା। ଫେବ୍ରୁଆରୀ ୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ଏହି ପ୍ରକାର ସ୍ଥିତି ରହିବ। ୧ ଡିଗ୍ରୀ ଭିତରେ ତାପମାତ୍ରା କମ୍ ବେଶୀ ହେବ। ୬ ତାରିଖରୁ ତାପମାତ୍ରା କମିବାର ସମ୍ଭାବନା ରହୁଛି। କାରଣ ଏହା ଟ୍ରାଞ୍ଜିଟ୍ ପରିୟଡ୍। ଶୀତ ଋତୁ ଯାଉଛି ଓ ବସନ୍ତ ଋତୁ ଆସୁଛି। ଏଭଳି ସ୍ଥିତିରେ ବର୍ଷେ ବର୍ଷେ ଏମିତି ହଠାତ୍ ତାପମାତ୍ରା ବଢ଼ି ଯାଇଥାଏ। ଏ ବର୍ଷ ତାପମାତ୍ରା ବଢ଼ିଲେ ବି ତାହା ଅପ୍ରତ୍ୟାଶିତ ଭାବେ ବହୁତ ଅଧିକ ହୋଇନାହିଁ। ଫେବ୍ରୁଆରୀ ୧୫ ତାରିଖ ପରେ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଫେବ୍ରୁଆରୀ ମାସ ଶେଷ ହେବା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିବ ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ ଶରତ ସାହୁ। ସେ କହିଛନ୍ତି, ଦିନ ବେଳେ ତାପମାତ୍ରା ବଢୁଥିବା ଯୋଗୁ ସମୁଦ୍ର ଆଡୁ ପବନ ଆସିବାକୁ ପାଗ ଅନୁକୂଳ ରହୁଛି। ଅପରାହ୍ନ ବା ସନ୍ଧ୍ୟା ସମୟରେ ଦକ୍ଷିଣ ବା ଦକ୍ଷିଣ-ପୂର୍ବ ଦିଗରୁ ଓଡ଼ିଶା ଆଡ଼କୁ ପବନ ଆସୁଛି। ସେଥିରେ ଯେଉଁ ଅଳ୍ପ ପରିମାଣରେ ଜଳୀୟ ବାଷ୍ପ ସ୍ଥଳଭାଗକୁ ଆସୁଛି, ତାହା କୁହୁଡ଼ି ସୃଷ୍ଟି କରିବାରେ ସହଯୋଗ କରୁଛି। ଏହି ପ୍ରକ୍ରିୟା ଫେବ୍ରୁଆରୀ ମାସ ଶେଷ ପର୍ଯ୍ୟନ୍ତ ବଜାୟ ରହିବାର ସମ୍ଭାବନା ରହିଛି।

## ପୁଣି ଭାରତ ହେଲା ବିଶ୍ୱବିଜୟୀ

### ଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ହରାଇ ଭାରତ ବିଶ୍ୱ ଚାମ୍ପିଅନ୍




କ୍ୱାଲାଲମ୍ପୁର,୨/୨: ଚଳିତ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ ଦ୍ୱିତୀୟ ସଂସ୍କରଣରେ ଗତଥରର ଚାମ୍ପିଅନ ଭାରତ ଏଥର ପୁଣି ଥରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଶ୍ୱବିଜୟୀ ହୋଇଛି। ଲଗାତାର ଦୁଇଥର ବିଶ୍ୱବିଜେତା ବନିଛି ଟିମ୍ ଇଣ୍ଡିଆ । କୁଆଲାଲୁମ୍ପୁରରର ଓଭାଲରେ ହୋଇଥିବା ଫାଇନାଲ୍ ଲଢ଼େଇରେ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ମାତ୍ ଦେଇ ଭାରତୀୟ ମହିଳା ଦଳ ବିଶ୍ୱ ଚାମ୍ପିଅନ ବନିଛି । ପ୍ରଥମେ ଦକ୍ଷିଣ ଆଫ୍ରିକା ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୨୦ ଓଭର ଖେଳି ଅଲଆଟ୍ ହୋଇ ମାତ୍ର ୮୨ ରନ୍ କରିବାକୁ ସକ୍ଷମ ହୋଇଥିଲା । ତେବେ ଭାରତ ୮୩ ରନ୍ ଟାର୍ଗେଟର ପିଛା କରି ୧୧.୨ ଓଭର ଖେଳି ବିଜୟ ହାସଲ କରିଛି । ଲଗାତାର ଦ୍ୱିତୀୟ ଥର ପାଇଁ ଭାରତୀୟ ମହିଳା ବିଶ୍ୱ ଚମ୍ପିଆନ ବନିଛି । ୨୦୨୩ରେ ସାଉଥ ଆଫ୍ରିକାରେ ଆୟୋଜିତ ମହିଳା ଟି-୨୦ ବିଶ୍ୱକପ୍ ଜିତିଥିଲା ଭାରତ ।୨୦୨୩ରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ଭାରତ ୭ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରି ବିଶ୍ୱକପ୍‌ର ପ୍ରଥମ ଟାଇଟଲ ଜିତିଥିଲା। ଟୁର୍ଣ୍ଣାମେଣ୍ଟର ସବୁ ୬ଟି ଯାକ ମ୍ୟାଚ୍ ଜିତି ଭାରତ ଅପରାଜେୟ ରହିଛି ଓ ହଟ୍ ଫେବରାଇଟ୍ ବିବେଚତ ହୋଇଥିଲା। ନିକ୍କି ପ୍ରସାଦଙ୍କ ନେତୃତ୍ୱାଧୀନ ଭାରତ ଓେଷ୍ଟଇଣ୍ଡିଜକୁ ୯ ୱିକେଟରେ, ମାଲେସିଆକୁ ୧୦ ୱିକେଟରେ, ଶ୍ରୀଲଙ୍କାକୁ ୬୦ ରନରେ, ବାଂଲାଦେଶକୁ ୮ ୱିକେଟରେ, ସ୍କଟଲାଣ୍ଡକୁ ୧୫୦ ରନରେ ଓ ଶେଷରେ ସେମିଫାଇନାଲରେ ଇଂଲଣ୍ଡକୁ ୯ ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଆଉ ଆଜି ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ମାତ୍ ଦେଇ ବିଶ୍ୱବିଜୟୀ ହୋଇଛି।

### ବଦଳିଲା ବର୍ଣ୍ଣବୋଧ

## ବର୍ଣ୍ଣବୋଧର ଡ଼ିଜିଟାଲ କପି ଉନ୍ମୋଚିତ



ଭୁବନେଶ୍ୱର, ୨/୨: ଭକ୍ତ କବି ମଧୁସୂଦନ ରାଓଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ତାଙ୍କ ରଚିତ ବର୍ଣ୍ଣବୋଧର ଅବିକଳ ଶୋଭନ ସଂସ୍କରଣ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ବର୍ଣ୍ଣବୋଧର ନୂଆ ଶୋଭନ ସଂସ୍କରଣକୁ ଲୋକାର୍ପଣ କରିଛନ୍ତି । ଏହା ସହ ଓଡ଼ିଆ ବର୍ଣ୍ଣବୋଧ ଡିଜିଟାଲ ସଂସ୍କରଣକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ମା ମାତୃଭୂମି, ମାତୃଭାଷା ସବୁଠୁ ବଡ ପରିଚୟ । ଏହାକୁ ଯିଏ ହତାଦର କରେ ସେ ମନୁଷ୍ୟ ପଦବାଚ୍ୟ ନୁହେଁ । ମାଆ ,ମାତୃଭୂମି, ମାତୃଭାଷାକୁ ନେଇ ସମସ୍ତେ ଗର୍ବ କରିବା ଉଚ୍ଚିତ୍ । ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଏକ ସମୟରେ ହଜିଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାକୁ ଭାଗ ଭାଗ କରି ବିଭିନ୍ନ ପ୍ରଦେଶରେ (ପ୍ରେସିଡେନ୍ସି) ମିଶାଇ ଦିଆଯାଇଥିଲା । ଓଡ଼ିଆଭାଷା ଓ ହତଗୌରବ ଫେରାଇ ଆଣିବାକୁ ନେତୃତ୍ୱ ନେଇଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ ।ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଓଡ଼ିଆ ଅସ୍ମିତା କଥା ଆସିଲେ ମନ ଆନ୍ଦୋଳିତ ହେଉଛି । ସ୍ୱାଧୀନତାର ଏତେ ଦିନ ପରେ ଆଜି ଓଡ଼ିଆ ଅସ୍ମିତା ସଙ୍କଟ କଥା କାହିଁକି ଆସିଲା । ନୂଆ ସରକାର ଆସିବା ପରେ ଓଡ଼ିଆ ଅସ୍ମିତାକୁ ଆଗକୁ ନେବାକୁ ପ୍ରୟାସ କରାଯାଉଛି । ବର୍ଣ୍ଣବୋଧକୁ ଆଗକୁ ନେବାକୁ ହେଲେ ସାମାଜିକ, ଆର୍ଥିକ ଓ ଶୈକ୍ଷିକ ସ୍ଥିତି ଜାଣିବାକୁ ପଡ଼ିବ । ବର୍ଣ୍ଣବୋଧର ଭାଷା ଅତ୍ୟନ୍ତ ସହଜ ଓ ସରଳ ଥିଲା । କମ୍ ସମୟରେ ବହିଟି ବହୁତ ଆଦୃତ ହୋଇଥିଲା । ନୂଆ ସଂସ୍କରଣର ପ୍ରଥମ ପୃଷ୍ଠାରେ ଚିତ୍ରଣ ହୋଇଥିବା ହରିଣ ଚିତ୍ରକୁ ନେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି କି ବର୍ଣ୍ଣବୋଧରେ ବିଲେଇ ଆସିବା ପୂର୍ବରୁ ହରିଣ ଥିଲା । ୧୯୦୧ ମସିହାରେ ୧ ଅଣାରେ ବର୍ଣ୍ଣବୋଧ ଲେଖା ଯାଇଥିଲା ଏବଂ ସେଥିରେ ହରିଣ ଚିତ୍ର ଥିଲା । ବହିର ପ୍ରଥମ ପୃଷ୍ଠାକୁ ସ୍ୱତନ୍ତ୍ରତା ଦିଆଯାଇଛି । ଏଥିରେ କୌଣସି ନୂଆ ନାହିଁ । ଓଡ଼ିଆ ଅସ୍ମିତା ରଖାଯାଇଛି । ପୁଣି ପୁରୁଣା ଅବସ୍ଥାକୁ ଆମେ ଫେରିଛନ୍ତି । ଛବିଳ ମଧୁ ବର୍ଣ୍ଣବୋଧରେ ମଧୁଥିଲେ କିନ୍ତୁ ଏଥିରେ ମଧୁ ନାହାନ୍ତି । ଏଥିରେ ଓଡ଼ିଆ ଅସ୍ମିତାକୁ ପ୍ରାଥମିକତା ଦିଆଯାଇଛି । ଆଗକୁ ଯିବା ବଦଳରେ ଆମେ ୧୯୦୧ କୁ ଫେରିଛୁ । ଏଥିରେ ବି ସରଳତା ଓ ବୋଧଗମ୍ୟତା ରହିଛି । ୧୨୪ ବର୍ଷ ପରେ ମଧ୍ୟ ଏହାର ବିକଳ୍ପ ନାହିଁ । ପୁରୁଣାର ମୌଳିକତାକୁ ନଷ୍ଟ ନ କରି ନିର୍ଭୁଲ ଭାବେ ନୂଆ ସଂସ୍କରଣ ଅଣାଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ନୂଆ ସଂସ୍କରଣ ଅଣାଯାଇଛି । ଚଳିତ ବର୍ଷ ୧୦ ହଜାର ପୁସ୍ତକ ଛପାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

## ଅନ୍‌ଲାଇନ୍‌ରେ ଅଟୋ ବୁକ୍ କଲା ଦୁର୍ବୃତ୍ତ

### ଚାଳକଙ୍କୁ ଛୁରାମାଡ଼ କରି ଫେରାର



ଭୁବନେଶ୍ୱର,୨/୨: ରାଜଧାନୀ ଭୁବନେଶ୍ୱରରେ ଚୋରି, ଡକାୟତି, ହତ୍ୟା, ନିଶା କାରବାର ଭଳି ହିଂସାତ୍ମକ ଗତିବିଧି ବଢ଼ିବାରେ ଲାଗିଛି। ବ୍ୟାପକ ପୁଲିସିଂ ବ୍ୟବସ୍ଥା ଓ ପ୍ରମୁଖ ଛକରେ ସିସିଟିଭି ଖଞ୍ଜା ଯାଇଥିଲେ ମଧ୍ୟ ଅପରାଧୀମାନେ ଏହାକୁ ଖାତିର କରୁନାହାନ୍ତି। କମିସନରେଟ ପୁଲିସ ଅଧୀନ ଭରତପୁର ଥାନା ଅଞ୍ଚଳରେ ଆଜି ସନ୍ଧ୍ୟାରେ ଜଣେ ଅଟୋ ଚାଳକଙ୍କୁ ପ୍ରାଣାନ୍ତକ ଆକ୍ରମଣ କରାଯାଇଛି। ଆହତ ଅଟୋ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଅଭିଯୁକ୍ତ ଆଜି ଅନ୍‌ଲାଇନରେ ଅଟୋ ବୁକିଂ କରିଥିଲେ। ଅଟୋ ବୁକ୍ ହେଲା ପରେ ଏହାର ଚାଳକ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ଥିଲେ। ତେବେ ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ଚାଳକଙ୍କୁ ଛୁରାମାଡ଼ କରିଥିଲା। ବାରମ୍ବାର ଛୁରାମାଡ଼ କରିଥିଲା। ଫଳରେ ଚାଳକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ଏହି ଘଟଣା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚାଳକଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଛାନ୍‌ଭିନ୍ ଜାରି ରଖିଛି। ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ଡ୍ରାଇଭରଙ୍କୁ ଛୁରାମାଡ଼ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

## ୮ରେ ମିଳିବ 'ସୁଭଦ୍ରା'ର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା

ଭୁବନେଶ୍ୱର,୨/୨: ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ 'ସୁଭଦ୍ରା ଯୋଜନା'ର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଆଗାମୀ ଫେବ୍ରୁଆରି ୮ ତାରିଖରେ ମିଳିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଣୁ ଯେଉଁମାନଙ୍କ ପାଖକୁ ବ୍ୟାଙ୍କରୁ ଫୋନ୍ ଯିବ, ସେମାନେ ୩ ଓ ୪ ତାରିଖରେ ବ୍ୟାଙ୍କକୁ ଯାଇ ନିଜର ଇକେୱାଇସି ଠିକ୍ କରିଦେଲେ ସେମାନଙ୍କୁ ବି ସୁଭଦ୍ରା ଟଙ୍କା ଦିଆଯିବ। ଯଦି ୩/୪ରେ ଏନପିସିଆଇ କ୍ଲିଅର୍ ହୋଇଯିବ, ତେବେ 'ସୁଭଦ୍ରା ଯୋଜନା'ରେ ୧ କୋଟି ହିତାଧିକାରୀ ହୋଇଯିବ। ମାର୍ଚ୍ଚ ୮ ତାରିଖ ସୁଦ୍ଧା ଯେତେସଂଖ୍ୟକ ମହିଳାଙ୍କୁ ସମ୍ଭବ ଦିଆଯିବ। ଓଡ଼ିଶା ସରକାର ଟଙ୍କା ଦେବାରେ ହେଳା କରିବେ ନାହିଁ। ଏଯାଏ ୮୦ଲକ୍ଷ ମହିଳାଙ୍କ ବ୍ୟାଙ୍କ ଏକାଉଣ୍ଟକୁ ସୁଭଦ୍ରା ଟଙ୍କା ଯାଇସାରିଛି। ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ପାଇବା ପାଇଁ ଆବେଦନକାରୀମାନେ ଅପେକ୍ଷାରେ ଅଛନ୍ତି। ଅପେକ୍ଷାରତ ଅବେଦନକାରୀଙ୍କୁ କେବେ ଟଙ୍କା ମିଳିବ ସେନେଇ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହେବା ପରେ ହିତାଧିକାରୀମାନେ ଖୁସି ।ଗତବର୍ଷ ସେପ୍ଟେମ୍ବର ୧୭ ତାରିଖରେ ଶୁଭାରମ୍ଭ ହୋଇଥିବା ଯୋଜନାରୁ ଅନେକ ମହିଳା ଉପକୃତ ହୋଇଛନ୍ତି। ଏଣେ ମାର୍ଚ୍ଚ ୮ ତାରିଖରେ 'ସୁଭଦ୍ରା ଯୋଜନା'ର ଦ୍ୱିତୀୟ କିସ୍ତିର ପ୍ରଥମ ପର୍ଯ୍ୟାୟ ଟଙ୍କା ମିଳିବ। ସୂଚନାଯୋଗ୍ୟ, ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ପାଇବା ପାଇଁ ଆବେଦନକାରୀମାନେ ଅପେକ୍ଷାରେ ଅଛନ୍ତି। ଅପେକ୍ଷାରତ ଅବେଦନକାରୀଙ୍କୁ କେବେ ଟଙ୍କା ମିଳିବ ସେନେଇ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହେବା ପରେ ହିତାଧିକାରୀମାନେ ଖୁସି। ଗତ ବର୍ଷ ସେପ୍ଟେମ୍ବର ୧୭ ତାରିଖରେ ଶୁଭାରମ୍ଭ ହୋଇଥିବା ଯୋଜନାରୁ ଅନେକ ମହିଳା ଉପକୃତ ହୋଇଛନ୍ତି। ଏଣେ ମାର୍ଚ୍ଚ ୮ ତାରିଖରେ 'ସୁଭଦ୍ରା ଯୋଜନା'ର ଦ୍ୱିତୀୟ କିସ୍ତିର ପ୍ରଥମ ପର୍ଯ୍ୟାୟ ଟଙ୍କା ମିଳିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହୁରି କହିଛନ୍ତି, ଯାଜପୁରରେ ଚତୁର୍ଥ ପର୍ଯ୍ୟାୟ ଟଙ୍କା ଦେବେ ସରକାର। ଏହା ପୂର୍ବରୁ ଏନପିସିଆଇ ସମସ୍ୟା ଥିବା ହିତାଧିକାରୀଙ୍କୁ ବ୍ୟାଙ୍କ ଯାଇ କ୍ଲିୟର କରନ୍ତୁ।

# ବିହାର ଗେହ୍ଲାପୁଅ ଓଡ଼ିଶା ଅଭାଗା



ଭୁବନେଶ୍ୱର,୨/୨: ଚଳିତ ବଜେଟରେ କେନ୍ଦ୍ର ସରକାର ପୁଣିଥରେ ଓଡ଼ିଶାକୁ ଅଣଦେଖା କରିଛନ୍ତି। ଓଡ଼ିଶାରେ ବିଜେପି ସରକାର ଆସିଲେ ବଜେଟ୍‌ରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ନେଇ ଓଡ଼ିଶାବାସୀଙ୍କର ଯେଉଁ ଧାରଣା ଥିଲା, ତାହା ପୁଣି ଭୁଲ ପ୍ରମାଣିତ ହୋଉଛି। ୨୦୧୪ ନିର୍ବାଚନ ଇସ୍ତାହାରର ପ୍ରଥମ ପୃଷ୍ଠାରେ ବିଜେପି ପ୍ରତିଶ୍ରୁତି ଦେଇଥିଲା ଯେ କ୍ଷମତାକୁ ଆସିଲେ ଓଡ଼ିଶାକୁ ସ୍ୱତନ୍ତ୍ର ବର୍ଗର ରାଜ୍ୟ ମାନ୍ୟତା ସୁନିଶ୍ଚିତ କରିବ। ଆଉ ବିଜେପି ରାଜ୍ୟରେ ସରକାର ଗଠନ କରିବାର ଯେଉଁ ସ୍ୱପ୍ନ ଦେଖୁଥିଲା, ତାହା ୨୦୨୪ରେ ପୂରଣ ହେଲା। ହେଲେ ଓଡ଼ିଶାବାସୀ ପାଇଲେ କଣ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଲାଣି। ୨୦୨୪-୨୫ ଆର୍ଥିକ ବର୍ଷର ବଜେଟରେ ଯେପରି ଭାବେ ଏନଡିଏ ସରକାରରେ ମୁଖ୍ୟ ସହଯୋଗୀ ସାଜିଥିବା ଆନ୍ଧ୍ରପ୍ରଦେଶ ଓ ବିହାରକୁ ସ୍ୱତନ୍ତ୍ର ଅନୁଦାନ ମିଳିଥିଲା। ଏଥର ୨୦୨୫-୨୬ ବର୍ଷର ବଜେଟ୍‌ରେ ବିହାର, ଆସାମ, ଉତ୍ତର ପୂର୍ବାଞ୍ଚଳ, ଗୁଜୁରାଟ ଏବଂ ଆଣ୍ଡାମାନ ନିକୋବରକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ହେଲେ ଓଡ଼ିଶାକୁ ପୁଣି ଅଣଦେଖା କରାଯାଇଛି। ଗତଥର ଭଳି ଚଳିତ ଥର ମଧ୍ୟ କେନ୍ଦ୍ର ବଜେଟରେ ଓଡିଶା ପାଇଁ କିଛି ନାହିଁ। ୨୦୨୫-୨୬ରେ ରାଜ୍ୟ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ବା ଘୋଷଣା କରାଯାଇନାହିଁ। ୨୪ ନିର୍ବାଚନରେ ଓଡ଼ିଶାବାସୀଙ୍କୁ ବହୁ ପ୍ରତିଶ୍ରୁତି ଦେଇ ବିଜେପି ଓଡ଼ିଶାରେ ସରକାରକୁ ଆସିଲା। ଆଉ ରାଜ୍ୟର ବିଜେପି ନେତା କହିଲେ ଏବେ ମୋଦୀ ସରକାର ଓଡ଼ିଶାର ଭାଗ୍ୟ ବଦଳାଇବେ। ହେଲେ ବିଜେପି ସରକାର ଗଠନ କରିବା ମଧ୍ୟରେ କେନ୍ଦ୍ର ଦୁଇଟି ବଜେଟ (୨୦୨୪-୨୫ ଏବଂ ୨୦୨୫-୨୬) ଉପସ୍ଥାପନ କରିସାରିଲାଣି। କିନ୍ତୁ ଓଡ଼ିଶାକୁ ଆଡ଼ ଆଖିରେ ମଧ୍ୟ ଚାହିଁ ନାହାନ୍ତି କେନ୍ଦ୍ର ସରକାର। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖିନ ହେଉଥିବା ଓଡ଼ିଶା ପୂର୍ବରୁ ବହୁବାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ନେଇ ଦାବି କରିଆସୁଛି। କିନ୍ତୁ କେନ୍ଦ୍ର ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଚଳିତ ଥର ବିଜେପି ଓଡ଼ିଶାରେ ସରକାର କରିବା ପରେ ଲୋକ ଭାବୁଥିଲେ, ରାଜ୍ୟ ପାଇଁ କେନ୍ଦ୍ର ସରକାର କିଛି ଭଲ ଘୋଷଣା କରିବେ। କିନ୍ତୁ ତାହା ହେଲା ନାହିଁ। ଖାଲି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନୁହେଁ ପୋଲାଭରମ୍ ଏବଂ ମହାନଦୀ ବିବାଦ, କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର ପ୍ରସଙ୍ଗ, ଦ୍ୱିତୀୟ ଏମସ୍, କୋଷ୍ଟାଲ୍ ହାଇୱେ, ପ୍ରତି ପଞ୍ଚାୟତକୁ ମୋବାଇଲ୍ ଏବଂ ଡିଜିଟାଲ୍ ସଂଯୋଗ ପରି ଅନେକ ପ୍ରସଙ୍ଗରେ ଓଡ଼ିଶାକୁ ଅବହେଳା କରାଯାଇ ଆସୁଛି ।ସେପଟେ ବିଜେପିର ସହଯୋଗୀ ଦଳଭାବେ ସରକାରରେ ସହଯୋଗ କରୁଥିବା ନୀତିଶ କୁମାରଙ୍କ ବିହାର ପାଇଁ ମନଖୋଲା ପ୍ୟାକେଜ୍ ଦେଇଛନ୍ତି । ଗତ ଥର ବଜେଟରେ ଆନ୍ଧ୍ର ଓ ବିହାରକୁ ସ୍ୱତନ୍ତ୍ର ଅତିରିକ୍ତ ସହାୟତା ପାଇଥିବା ବେଳେ ଏଥର ବିହାର ପାଇଁ ଯୋଜନାର ପେଡି ଖୋଲିଦେଇଛନ୍ତି ମୋଦୀ ସରକାର। ହେଲେ ଓଡ଼ିଶା ପାଇଁ ବାରମ୍ବାର ଦାବି କରାଯାଉଥିଲେ ବି ମୋଦୀ ସରକାରଙ୍କୁ କିଛି ଫରକ ପଡୁନି। କେନ୍ଦ୍ର ସରକାର ବାରମ୍ବାର ଓଡ଼ିଶାକୁ ଅବହେଳା କରୁଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଜେଟ୍ ୨୦୨୫-୨୬କୁ ନେଇ ବର୍ଷିଥିବା ବେଳେ ଓଡ଼ିଶା ପାଇଁ ଏ ବଜେଟ ନିରାଶଜନକ ବୋଲି କହିଛନ୍ତି। ଅନ୍ୟପଟେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ବଜେଟକୁ ନେଇ କହିଛନ୍ତି ' ବଜେଟ ୨୦୨୫-୨୬ ଏକ ଖୋଲା ରାଜନୈତିକ ବ୍ୟାପାର ! ନିର୍ବାଚନ ପୂର୍ବରୁ ବିହାର ପାଇଁ ବିଶେଷ ପ୍ୟାକେଜ, ହେଲେ ଓଡ଼ିଶା ପୁଣିଥରେ ଅବହେଳିତ !

# ଏଟିଏମ୍ ଜମା ଟଙ୍କାରୁ ୧୦ ଲକ୍ଷ ଚୋରି

## ୫ ଜଣ ବ୍ୟକ୍ତି ଗିରଫ ୭ ଲକ୍ଷ ୮୦ ହଜାର ଟଙ୍କା, ୫ ମୋବାଇଲ ଜବତ

କଳାହାଣ୍ଡି ୨/୨(ନି.ପ୍ର): ଏଟିଏମ୍ ରୁ ଏଟିଏମ୍ ଯାଇ ଟଙ୍କା ଜମା କରିଆସିବେ। ଏହା ଥିଲା ସେମାନଙ୍କର ଦାୟିତ୍ୱ । ଟଙ୍କା ଲୋଭ ଖାଇଲା। ୧୦ ଲକ୍ଷ ଟଙ୍କା ଚୋରି କରିନେଲେ। କର୍ତ୍ତୃପକ୍ଷଙ୍କ ଅଭିଯୋଗ ପରେ ପୋଲିସ ଖୋଲତାଡରେ ଏହି ଘଟଣା ସାମ୍ନାକୁ ଆସିଛି। ସମ୍ପୃକ୍ତ ୩ ଜଣ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଜିଲ୍ଲାର ବିଭିନ୍ନ ଏଟିଏମରେ ଟଙ୍କା ଜମା କରିବା ପାଇଁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ପକ୍ଷରୁ ସିକ୍ୟୁର ଭେଲ୍ୟୁ ଇଣ୍ଡିଆ ଲିମିଟେଡ୍ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସେହି ଅନୁଯାୟୀ, ଗତ ୧୮ ତାରିଖରେ ଟଙ୍କା ଜମାକାରୀ ସଂସ୍ଥାର କର୍ମଚାରୀ ଲକ୍ଷ୍ମୀକାନ୍ତ ରଣା, ପକ୍ଷୀରଜ ଗୌଡ଼ ଓ ଚଞ୍ଚଳ ରାଉତ ବିଭିନ୍ନ ଏଟିଏମ୍ ରେ ଟଙ୍କା ଜମା କରିବା କୁ ବାହାରିଥିଲେ। ଏଥିପାଇଁ ସେମାନେ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାର ଡେପୁଟି ମେନେଜରଙ୍କ ଠାରୁ ୪ କୋଟି ୮୦ ଲକ୍ଷ ଟଙ୍କା ଗ୍ରହଣ କରି ବାକ୍ସରେ ରଖିଥିଲେ। ଲକ୍ଷ୍ମୀକାନ୍ତ ରଣାଙ୍କ ନିକଟରେ ବାକ୍ସ ଚାବିକାଠି ଥିଲା। ଏହି ୩ ଜଣ କର୍ମଚାରୀ କେତେକ ଏଟିଏମରେ ଟଙ୍କା ଜମା କରିବା ପରେ କେସିଙ୍ଗା ଏଟିଏମ୍ ରେ ଟଙ୍କା ଜମା ବେଳେ କୁଆଡ଼େ ୧୦ ଲକ୍ଷ ଟଙ୍କା କମଥିଲା। ଏନେଇ ସେମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ଆଡୁ ତଦନ୍ତ କରିବା ପରେ ସମ୍ପୃକ୍ତ ସଂସ୍ଥା ଗତ ୨୮ ତାରିଖ ଭବାନୀପାଟଣା ସହର ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଟାଉନ ପୋଲିସ ଥାନା ଅଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସଆଇ କୁନି ପାଢ଼ୀ, ଏସଆଇ ଶ୍ରୀରାଜ ପାଢ଼ୀ, ଏସଆଇ ଶୀତେଶ ନାଏକ, ଏଏସ୍ଆଇ ତ୍ରିସେନ୍ଦ୍ର ପାତ୍ର, ଏସଆଇ ବଂଶୀଧର ସାମାଲ ପ୍ରମୁଖ ତଦନ୍ତ କରିଥିଲେ। ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ପୋଲିସ ତଦନ୍ତକୁ ପ୍ରଥମେ ବାଟବଣା କରିଥିବା ବେଳେ ପରେ ସତ ମାନି ଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ପୋଲିସର କହିବା ଅନୁଯାୟୀ, ବୁଭିନ୍ନ



ଏଟିଏମରେ ଟଙ୍କା ଜମା କରିବା ମଧ୍ୟରେ ପୂର୍ବ ଯୋଜନା ଅନୁଯାୟୀ ଅଭିଯୋଗମାନେ ୧୦ ଲକ୍ଷ ଟଙ୍କା ଚୋରି କରିଥିଲେ। ସେହି ଚୋରି ଟଙ୍କାରୁ ସ୍ଥାନୀୟ ଜିତୁ ଲହଜଲ୍ ନାମକ ଯୁବକ ପାଖରେ ରଖିଥିଲେ। ପୋଲିସ ତଦନ୍ତ ବେଳେ ଲକ୍ଷ୍ମୀକାନ୍ତ ରଣା କୁଆଡ଼େ ଏହା ସ୍ୱୀକାର କରିଥିଲେ। ପରେ ଗାଡି ଚାଳକ ପକ୍ଷୀରାଜ ରାଉତ ଓ ସୁରକ୍ଷକର୍ମୀ ଚଞ୍ଚଳ ରାଉତଙ୍କ ମଧ୍ୟ ଚୋରିରେ ସମ୍ପୃକ୍ତ ଥିବା ଘଟଣାକୁ ସ୍ୱୀକାର କରିଥିଲେ। ପୋଲିସ ସେମାନଙ୍କ ଠାରୁ ଚୋରି ହୋଇଥିବା ଟଙ୍କା ମଧ୍ୟରୁ ୭ ଲକ୍ଷ ୮୦ ହଜାର ଟଙ୍କା ଜବତ କରିବା ସହିତ ୫ ଟି ମୋବାଇଲ ଓ ସମ୍ପୃକ୍ତ ଏଟିଏମ୍ ଟଙ୍କା ଜମାଗଡି ଜବତ କରିଛି। ଏଥିସହ ଲକ୍ଷ୍ମୀକାନ୍ତ, ପକ୍ଷୀରାଜ ଓ ଚଞ୍ଚଳ ରାଉତ ପ୍ରମୁଖ ୩ ଜଣ କର୍ମଚାରୀଙ୍କ ସମେତ ଚୋରି ଟଙ୍କା ରଖିଥିବା ଜିତୁ ଲହଜଲ ଓ ଅମୀର ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ୨୦୧୦ ମସିହା ଜାନୁୟାରୀ ୧୬ ତାରିଖ ଆମପାଣି ଘାଟିରେ ସ୍ଥାନୀୟ ଆଇସିଆଇସି ବ୍ୟାଙ୍କର ଏଟିଏମ୍ ଟଙ୍କା ଜମା ଗାଡ଼ିରୁ ପ୍ରାୟ ୩୫ ଲକ୍ଷ ଟଙ୍କା ଡକାୟତି ହୋଇଥିବା ଅଭିଯୋଗ ହୋଇଥିଲା। ସେହି ଘଟଣାରେ ମଧ୍ୟ ସମ୍ପୃକ୍ତ ଗାଡିର କର୍ମଚାରୀ ମାନେ ଡକାୟତି ନାଟକ ରଚି ଟଙ୍କା ଭଗବାଣ୍ଟା କରିଥିବା ପୋଲିସ ତଦନ୍ତ ବେଳେ ଜଣାପଡିଥିଲା। ଜଣଙ୍କ ଛଡା ଏହି ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ପୋଲିସ ତୁରନ୍ତ ଗିରଫ କରିଥିଲେ। ଯେଣେ ଅଭିଯୁକ୍ତକୁ ବିଳମ୍ବରେ ରାଜ୍ୟ ବାହାରୁ ପୋଲିସ ଧରିଥିଲ। ୨୦୧୨ ମସିହା ଏପ୍ରିଲ ମାସରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ବେଳାଖଣ୍ଡି ଶାଖାରେ ଦିନ ଦ୍ୱିପହରରେ ଡକାୟତି ହୋଇଥିଲା। ସେହି ଘଟଣାରେ ସଂପୃକ୍ତ ଶାଖାର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସୂତ୍ରଧର ଭାବରେ ପୋଲିସ ଡେରିରେ ଗିରଫ କରିଥିଲେ। ତେବେ କର୍ମଚାରୀ ନିଯୁକ୍ତି ଦେବା ବେଳେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କ ସାଧୁତା ପରୀକ୍ଷା ନକରି ସେମାନଙ୍କ ହାତରେ କୋଟି କୋଟି ଟଙ୍କା ଟେକି ଦେବା ଦ୍ୱାରା ଏଭଳି ଘଟଣା ଘଟୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ମାଛଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଟଣା ୨/୨(ନି.ପ୍ର): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ମାଛଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ସୁଫଳ ଦେହୁରୀ ଙ୍କ ଅଧ୍ୟକ୍ଷତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀଧର ମହାନ୍ତ ଯୋଗଦାନ କରି ଉତ୍ତମ ଛାତ୍ର ଗଠନ କରିବା ବିଦ୍ୟାଳୟ ଏକ କାରଖାନା ବୋଲି ଅଭିଭାଷଣ ରଖି ଥିଲେ । ମୁଖ୍ୟବକ୍ତା ଭାବେ କବି,ଗାଳ୍ପିକ ମିତ୍ରଭାନୁ ତନ୍ତି ଯୋଗକରି ଛାତ୍ର ଗଢିବା ଶିକ୍ଷକ ମାନେ ଏକ ଅବତାର ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଥିନ ମହାନ୍ତ,ନଳିନୀ ଘଣା,ପୂର୍ବତନ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମହାନ୍ତ,ରମେଶ ଚନ୍ଦ୍ର ମହାନ୍ତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ପାର୍ଥ ସାରଥୀ ବେଜ ସଂଯୋଜନା କରିଥିବା ବେଳେ ମଞ୍ଚ ପରିଚାଳନା ବିଦ୍ୟାଳୟ ର ସହକାରୀ ଶିକ୍ଷକ ବିଦ୍ୟାଧର ନାଏକ କରିଥିଲେ। ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏକ ସ୍ୱତନ୍ତ୍ର ନାଟକ ଅଲେକ୍ଷ ମଣିଷ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ମନୋଜ କୁମାର ମହାନ୍ତ,ବିଷ୍ଣୁପ୍ରିୟା ମହାନ୍ତ,ମମତା ମଞ୍ଜୁରୀ ମହାନ୍ତ, ରୋଜାନୀ ଝାଲିଆ,ଦିବ୍ୟଜ୍ୟୋତି ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## କୋଟପାଡ଼ ରେ ଅଦ୍ୱିକା କାର୍ଯ୍ୟକ୍ରମ ଅନୁଷ୍ଠିତ

କୋରାପୁଟ/କୋଟପାଡ଼ ୨/୨(ନି.ପ୍ର): କିଶୋର କିଶୋରୀ ମାନଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ'ଅଦ୍ୱିକା',ଆଜି କୋଟପାଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସିଡିପିଓ ଶ୍ରୀମତୀ ସୁମିତା ତ୍ରିପାଠୀ ଏହି କାର୍ଯ୍ୟକ୍ରମ ଆୟୋଜିୟ କରାଇଥିଲେ ।ଏହି କାର୍ଯ୍ୟକ୍ରମ ଦ୍ୱାରା କିଶୋରୀ ବାଳିକା ମାନଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନ କୁ ଆସିପାରିବ ବୋଲି ସିଡିପିଓ ଶ୍ରୀମତୀ ତ୍ରିପାଠୀ,ମନ୍ତ୍ୟବ ଦେଇଛନ୍ତି ।ବାଲ୍ୟ ବିବାହ,ମହିଳା ସଶକ୍ତିକରଣ,ଲିଙ୍ଗ ସମାନତା ଭଳି ଶୀର୍ଷକ ରେ ଚିତ୍ରକଳା ପ୍ରଦର୍ଶନ,ଡିବେଟ ପ୍ରତିଯୋଗିତା,ରଚନା ଲେଖନ,ଗୀତ ଲେଖନ ଏବଂ ନୃତ୍ୟ ପ୍ରତିଯୋଗିତା ଅୟୋଜିତ କରାଯାଇଥିଲା ।କାର୍ଯ୍ୟକ୍ରମ ରେ କୋଟପାଡ଼ ବ୍ଲକ ଏବଂ ଏନଏସି ର ବିଭିନ୍ନ ବିଦ୍ୟାଳୟ ର ଛାତ୍ରୀ ଉପସ୍ଥିତ ରହି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ କୁ ସଫଳ କରିବାରେ ପଦ୍ମିନୀ ପଟନାୟକ,କୁନ୍ତୀମଣି ମାଝୀ,ଗଜେଶ୍ୱରୀ ପାତ୍ର,ପ୍ରେମବତୀ ପାଲକା,ଚନ୍ଦ୍ରଶେଖର ଚାଲାନ,ରବୀନ୍ଦ୍ର ମାଝୀ,ଆଶିଷ ପଟନାୟକ,ସାଗର ସାସମଲ,ନିଲକଣ୍ଠ ଅମାନାତ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଦୁଇ ବର୍ଷ ପୁରି ନାହିଁ , ବିଦ୍ୟାଳୟ ଫାଟକ ରୁ ଟାଇଲି ଖସି ପଡିଲା



ପାଟଣା ୨/୨(ନି.ପ୍ର): ଦୁଇବର୍ଷ ତଳେ ୫-ଟି ଯୋଜନା ରେ ତିଆରି ହୋଇଥିବା ବିଦ୍ୟାଳୟ ଫାଟକ ର ସମସ୍ତ ମାର୍ବଲ ଟାଇଲ ଖସି ପଡ଼ିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସାହାରପଡା ବ୍ଲକ ର ମହ୍ଲରପଦା ପଞ୍ଚାୟତ ଅନ୍ତର୍ଗତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ରେ । ଗତ ଦୁଇ ବର୍ଷ ତଳେ ଯୋଜନାଟି ଆରମ୍ଭ ହେବା ପରେ ପ୍ରଥମ ପର୍ଯ୍ୟାୟ ରେ ଉକ୍ତ ବିଦ୍ୟାଳୟ ରେ ରୂପାନ୍ତରିତ କାର୍ଯ୍ୟ ହୋଇ ଥିଲା । ସାହାରପଡା ବ୍ଲକ ରେ ଉକ୍ତ ଉଚ୍ଚ ବିଦ୍ୟାଳୟ ଟି ପ୍ରଥମ ହୋଇଥିଲା। କିଛି ମାସ ପରେ ଫାଟକ ରୁ କିଛି ଟାଇଲ ଖସି ଯାଇଥିଲା। ପୁଣି ବାତ୍ୟା ରେ ବହୁବିଧ ଉପଯୋଗୀ ଗୃହର ଛପର ମଧ୍ୟ ଉଡିଯାଇଥିଲା। ଏବେ ଫାଟକ ର ସବୁତକ ଟାଇଲ ଖସିଯାଇଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ତିଆରି ହୋଇ ଥିବା ବିଦ୍ୟାଳୟ ଟି ଅଳ୍ପ ଦିନରେ ନଷ୍ଟ ହୋଇଯିବା ଗ୍ରାମବାସୀ ବିଶ୍ୱାସ କରି ପାରୁ ନାହାନ୍ତି। ବିଭାଗୀୟ ତଦନ୍ତ ଦାବୀ ହେଉଛି ।

## ୨ ଛେଳି ଚୋର କୁ ଉଦ୍ଧାର କଲା ପୁଲିସ

ପାଟଣା ୨/୨(ନି.ପ୍ର): ପାଟଣା ଥାନା ଅଞ୍ଚଳ ସାହାରପଡା ବ୍ଲକ ଘୋଳକୁଣ୍ଡ ଗ୍ରାମର ପ୍ରଫୁଲ୍ଲ ନାଏକ ଙ୍କ ୨ଟି ଛେଳି ରାସ୍ତା କଡରେ ଚରୁଥିବା ସମୟରେ ଗୋଟିଏ ବଡ଼ ଖାସି କୁ ବାଇକରେ ଥିବା ଦୁଇଜଣ ଉଠାଇ ଆଣି ଫେରାର ହୋଇ ଯାଉଥିବା ସମୟରେ ମାଛଗଡ଼ ନିକଟରେ ଲୋକମାନେ ବାଇକ ସହ ଉଭୟ ଙ୍କୁ ଧରି ବାନ୍ଧି ପକାଇ ଥିଲେ ।ଖବର ପାଇ ସାହାରପଡା ଫାଣ୍ଡି ଏ ଏସ ଆଇ ପଞ୍ଚମୀ ମହାନ୍ତ ଘଟଣା ସ୍ଥଳକୁ ଯାଇ ଉଭୟ ଙ୍କୁ ଉଦ୍ଧାର କରି ସାହାରପଡା ଫାଣ୍ଡି କୁ ଆଣିଛନ୍ତି ।ଖାସି ଚୋରି କରିଥିବା ୨ ଜଣ ପାଟଣା ବ୍ଲକ ଏରେଣ୍ଡେଇ ଗ୍ରାମର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ରହିଛି ।ଏନେଇ ପୁଲିସ ରେ ଆଜି ସନ୍ଧ୍ୟା ସୁଦ୍ଧା ଲିଖିତ ଅଭିଯୋଗ ହୋଇ ନଥିବା ଜଣାପଡିଛି।

## ବାରହା ଆକ୍ରମଣ ରେ ଜଣେ ଗୁରୁତର

ପାଟଣା ୨/୨(ନି.ପ୍ର): ପାଟଣା ବନାଞ୍ଚଳ ଇଲାକା ତଥା ଘଟଗାଁ ବ୍ଲକ ଅନ୍ତର୍ଗତ ତୋରାଣିପୋଖରୀ ପଞ୍ଚାୟତ ପୋଇପାଣି ଗ୍ରାମରେ ଆଜି ସନ୍ଧ୍ୟା ସାଢ଼େ ୫ଟା ସମୟରେ ଗ୍ରାମର ରାଜେନ୍ଦ୍ର ମୁଣ୍ଡା(୩୨)କୁ ଗ୍ରାମ ଦାଣ୍ଡରେ ଏକ ବଡ଼ ବାରାହା ଆକ୍ରମଣ କରି ଗୁରୁତର କରିଛି ।ମୁଣ୍ଡିଆ ମାରି ରାଜେନ୍ଦ୍ର କୁ ତଳେ ପକାଇ ଦେବା ପରେ ତାଙ୍କର ହାତ ଜଙ୍ଘ ଓ ଅଣ୍ଡକୋଷ କାମୁଡ଼ି ଗୁରୁତର କରିଛି ।ତାଙ୍କର ଚିତ୍କାର ଶୁଣି ଲୋକ ଦୌଡ଼ି ଆସିବାରୁ ବାରାହା ଟି ଜଙ୍ଗଲକୁ ପଳାଇ ଯାଇଥିଲା ।ଗୁରୁତର ଅବସ୍ଥାରେ ତାଙ୍କୁ ରୋଗୀଯାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଙ୍କ ସମସ୍ତ ଚିକିତ୍ସା ଦାୟିତ୍ୱ ବନ ବିଭାଗ ନେବ ବୋଲି ପାଟଣା ବନପାଳ ପିଥନ ନାଏକ କହିଛନ୍ତି।

## ପ୍ରତାପ ଜେନାଙ୍କୁ ଗୁରୁ ଦାୟିତ୍ୱ ଦେଲା ରାଜ୍ୟ ବିଜେଡି

ମାହାଙ୍ଗା ୨/୨(ନି.ପ୍ର): ବିଜୁ ଜନତା ଦଳର ସାଂଗଠନିକ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ନିମନ୍ତେ ବିଜେଡି ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଦଳୀୟ କାର୍ଯ୍ୟାଳୟ ଶଙ୍ଖ ଭବନରୁ ରାଜ୍ୟର ବରିଷ୍ଠ ବିଜେଡି ନେତାଙ୍କୁ ବିଭିନ୍ନ ନିର୍ବାଚନ ମଣ୍ଡଳୀର ସାଂଗଠନିକ କାର୍ଯ୍ୟ ପରିଚାଳନା ଓ ତଦାରଖ କରିବା ପାଇଁ ଦଳ ପକ୍ଷରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ତୁଲାଇବାକୁ ବିଜେଡି ନେତାଙ୍କୁ ଚୟନ କରାଯାଇଛି । କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨/ବିଜେଡି/୨୦୨୫ ତା.୨୮.୦୧.୨୦୨୫ ରିଖରେ ବିଜେଡି ରାଜ୍ୟ ସଂଯୋଜନା କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର ଦାୟିତ୍ୱ ମିଳିଥିବା ବିଭିନ୍ନ ବିଜେଡି ନେତାମାନଙ୍କୁ ପତ୍ର ପ୍ରଦାନ କରିଛନ୍ତି । ଏହି ପରୀପ୍ରେକ୍ଷୀରେ ରାଜ୍ୟ ବରିଷ୍ଠ ବିଜେଡି ଗଣମାଧ୍ୟମ ସଂଯୋଜକ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନାଙ୍କୁ କଟକ ବାରବାଟୀ, କଟକ ସଦର ଓ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ପ୍ରଦାନ କରାଯାଇଛି । ପୂର୍ବରୁ ସାଂଗଠନିକ କ୍ଷେତ୍ରରେ ପ୍ରତାପଙ୍କ ଦକ୍ଷତା ରହିଥିବା ନଜିର ରହିଛି । ଦାୟିତ୍ୱ ମିଳିବା ପରେ ସେ ନିଷ୍ଠାର ସହିତ ଦଳୀୟ ଶୃଙ୍ଖଳା ଭିତରେ ନିଜର ଦାୟିତ୍ୱ ତୁଲାଇବେ ବୋଲି ମତବ୍ୟକ୍ତ କରିଛନ୍ତି । ତାଙ୍କୁ ତିନି ତିନିଟା ବିଧାନସଭା କ୍ଷେତ୍ରର ଦାୟିତ୍ୱ ମିଳିଥିବାରୁ ପ୍ରତାପପ୍ରେମୀଙ୍କ ମହଲରେ ଖୁସୀ ଦେଖାଦେଇଛି ।

## କେଲିଆ ଶୈବପୀଠରେ ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ



ଡାବୁଗାଁ ୨/୨(ନି.ପ୍ର): କେଲିଆ ଶୈବପୀଠରେ ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । କେଲିଆ ମନ୍ଦିର ଉନ୍ନୟନ କମିଟି ସଭାପତି ତଥା ଡାବୁଗାଁ ତହସିଲଦାର ହରିଓମ୍ ଭୋଇ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ କୁ ପରିଚାଳନା କରିଥିଲେ ସଂପାଦକ ଦେବରାଜ ପାତ୍ର। କୋଷାଧ୍ୟକ୍ଷ ଜି ସାଇ ରାଜୁ, ବରିଷ୍ଠ ଓକିଲ ଜୟନ୍ତ କୁମାର ପାତ୍ର, ସୁରେନ୍ଦ୍ର ମିଶ୍ର, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଷୟୀ, ପୂର୍ବତନ ସରପଂଚ ଧର୍ମାନନ୍ଦ ନାୟକ, ଭଗବାନ ମହାନ୍ତି, ବଂଶୀଧର ମାଝୀ, ସପନ ମାଝୀ , ନରସିଂହ ମାଝୀ, ଭାଗୀରଥି ମାଝି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । କେଲିଆ ଦକ୍ଷିଣ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଶୈବପୀଠ ହୋଇ ଥିବା ଯୋଗୁଁ ପବିତ୍ର ମହାଶିବରାତ୍ରି କିଭଳି ଶାନ୍ତିଶୃଙ୍ଖଳା ରେ ପାଳନ କରାଯିବ , ଏହି ବିଷୟରେ ବିସ୍ତୃତ ଆଲୋଚନା କରା ଯାଇଥିଲା। ଚଚରାଗୁଡ଼ା , ଅଞ୍ଚଳା ଓ ମେଦନା ପଞ୍ଚାୟତ ର ଅନେକ ସ୍ୱେଚ୍ଛାସେବୀ ଯୁବକ ମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

## ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଲେ ୨୫ନମ୍ବର ଜିଲ୍ଲା ପରିଷଦ ସଭ୍ୟ

ନିଶ୍ଚିନ୍ତକୋଇଲି ୨/୨(ନି.ପ୍ର): କଟକ ଜିଲ୍ଲା ନେମାଳ ଭବିଷ୍ୟତ ମାଳିକା ରଚୟିତା ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ପୀଠ ସନ୍ନିକଟ ଜଳଦିଆ ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ଦ୍ୱାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଅନୁଷ୍ଠିତ ଧାର୍ମିୟ ଅନୁଷ୍ଠାନରେ ୨୫ ନମ୍ବର ଜିଲ୍ଲାପରିଷଦ ସଭ୍ୟ ଇଂ. ବିଳାସ କୁମାର ଭୋଇ ଯୋଗଦେଇ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିବା ସହିତ ଆର୍ଶିବାଦ ଭିକ୍ଷା କରିଥିଲେ। ତାଙ୍କ ସହ ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରମୋଦ କୁମାର ନାୟକ ବିଜୁ ଜନତା ଦଳ ସାମାଜିକ ଗଣମାଧ୍ୟମ ପ୍ରସାର ପ୍ରଚାରକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ସାମଲ, ଆଇନଜୀବୀ ତଥା ବରିଷ୍ଠ ବିଜେଡି କର୍ମୀ ଶ୍ରୀ ଜମ୍ଭେଶ୍ୱର ବେଉରା, ବିଜେଡି ଯୁବ ସଂଗଠକ ମାନଗୋବିନ୍ଦ ଦାସଙ୍କ ସମେତ ବହୁ ବିଜେଡି କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ନାମୀଦାମୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ପ୍ରମୋଦ କୁମାର ମୁଦୁଲି, କାର୍ତ୍ତିକ ଚନ୍ଦ୍ର ମୁଦୁଲି ଓ ସ୍ଥାନୀୟ ଅଂଚଳବାସୀ ପୂର୍ଣ୍ଣ ସହଯୋଗ କରିଥିଲେ ।

## ପାଟଣା ବ୍ଲକ ଅଧ୍ୟକ୍ଷା ଙ୍କ ବିରୋଧରେ ଅନାସ୍ଥା , ଭୋଟ ଗଣତି ପାଇଁ ନିର୍ଦ୍ଦେଶ ମିଳିଲା

ପାଟଣା ୨/୨(ନି.ପ୍ର): ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ ଙ୍କ ବିରୋଧରେ ଗତ ଜାନୁଆରୀ ୪ ରେ ଅନାସ୍ଥା ଭୋଟ ଗ୍ରହଣ କରାଯାଇଥିଲେ ମଧ୍ୟ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଙ୍କ ନିର୍ଦ୍ଦେଶ କାରଣରୁ ଭୋଟ ଗଣତି କରା ନଯାଇ କେନ୍ଦୁଝର ଟ୍ରେଜେରୀରେ ଭୋଟ ବାକ୍ସ ଷ୍ଟ୍ରଙ୍ଗ ରୁମ ମଧ୍ୟରେ ରଖା ଯାଇଥିଲା ।ଯାହାକୁ ନେଇ ଅଧ୍ୟକ୍ଷା ଙ୍କ ବିରୋଧରେ ଅନାସ୍ଥା ଆଗତ କରିଥିବା ବିଦ୍ରୋହୀ ସମିତି ସଭ୍ୟ ସଭ୍ୟା ମାନେ ନିରାଶ ହୋଇଥିଲେ ।ତେବେ ଗତ ବୁଧବାର ଉଚ୍ଚ ନ୍ୟାୟାଳୟ ବିଚାରପତି ଆର କେ ପଟ୍ଟନାୟକ ମାମଲା ର ଶୁଣାଣି କରିଛନ୍ତି ।ଆଇ ଏ ୯୯/୨୦୨୫ ନିର୍ଦ୍ଦେଶ ନାମା ଅନୁଯାଇ ଗଣତି ଓ ଫଳାଫଳ ଘୋଷଣା ପାଇଁ କୌଣସି ପ୍ରତିବନ୍ଧକ ନଥିବା ଜଣାପଡିଛି ।ସୂଚନାଯୋଗ୍ୟ ଯେ ପାଟଣା ବ୍ଲକର ୨୦ ଟି ପଞ୍ଚାୟତ ରୁ ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କୁ ମିଶାଇ ମୋଟ ୩୪ ଜଣ ଅନାସ୍ଥା ପ୍ରସ୍ତାବ ପାଇଁ ଭୋଟ ଦେଇଥିଲେ ।ଖୋଦ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ ଉପସ୍ଥିତ ଥାଇ ମଧ୍ୟ ଭୋଟ ଦାନରୁ ବିରତ ରହିଥିଲେ ।ଗତ ପଞ୍ଚାୟତିରାଜ ନିର୍ବାଚନ ରେ ସମିତି ସଭ୍ୟା ଭାବେ ବାଉଁଶୂଳି ପଞ୍ଚାୟତ ରୁ ନିର୍ବାଚିତ ହୋଇ ପୂର୍ବତନ ବିଧାୟକ ଜଗନ୍ନାଥ ନାଏଙ୍କ ପାଇଁ ବ୍ଲକ ଅଧ୍ୟକ୍ଷା ହୋଇଥିବା ସୁକାନ୍ତି ଙ୍କୁ ଗାଦିଚ୍ୟୁତ କରିବା ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ପଲାଶଘାଟି ସମିତି ସଭ୍ୟ ବିଶ୍ୱନାଥ ନାୟକ ଦିନ ରାତି ଏକ କରିଦେଇଥିଲେ ।ଶ୍ରୀ ନାୟକ ତାଙ୍କ ପତ୍ନୀ ବ୍ଲକ ଉପାଧ୍ୟକ୍ଷା ଥିବା ସରାସକୋଲା ସମିତି ସଭ୍ୟା ବୀଣାପାଣି ନାୟକ ଙ୍କୁ ଅଧ୍ୟକ୍ଷା ପଦରେ ବସାଇବାରେ ସକ୍ଷମ ହେବା ସମ୍ଭାବନା ସୃଷ୍ଟି ହୋଇଛି ।ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ଦିନଧାର୍ଯ୍ୟ କରାଯାଇ ଭୋଟ ଗଣତି ଓ ଫଳାଫଳ ପ୍ରକାଶ ପାଇବ ବୋଲି ଜଣାପଡିଛି।

## ଆପିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କମ୍ବଳ ବଣ୍ଟନ

ମାହାଙ୍ଗା ୨/୨(ନି.ପ୍ର): ଆମ ସ୍ୱାଭିମାନ ଟ୍ରଷ୍ଟ ଆନୁକୂଲ୍ୟରେ ରୋଟାରୀ କ୍ଲବ ଅଫ୍ କଟକ ଅଭିନବ ପକ୍ଷରୁ ଗୋତରା ପଂଚାୟତ ଅନ୍ତର୍ଗତ ଆପିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମାହାଙ୍ଗାର ବିଭିନ୍ନ ଅଂଚଳର ଭିନ୍ନକ୍ଷମ ଓ ବୃଦ୍ଧବୃଦ୍ଧାମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ରୋଟାରୀ କ୍ଲବର ସଭାପତି ରୋଟାରିଆନ୍ ବିଶ୍ୱନାଥ ପଣ୍ଡା, ପରିବେଶବିତ୍ ଅକ୍ଷୟ କୁମାର ଷଡଙ୍ଗୀ, ଉପସ୍ଥିତ ରହି ୪୦ ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ପୁରୁଷ, ମହିଳା, ଯୁବକ ଯୁବତୀ ଏବଂ ଶିଶୁ ତଥା ବୃଦ୍ଧ ବୃଦ୍ଧାମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ । ସ୍ଥାନୀୟ ସରପଂଚ ସୂର୍ଯ୍ୟକାନ୍ତ ପଣ୍ଡା, ପ୍ରଧାନଶିକ୍ଷକ ଅନନ୍ତ ଚରଣ ଭୋଇ, ଆମ ସ୍ୱାଭିମାନ ଟ୍ରଷ୍ଟର ସଭାପତି ସନ୍ତୋଷ କୁମାର ସାହୁ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରି ଏହାକୁ ସଫଳ ଭାବେ ପରିଚାଳିତ କରିଥିଲେ । ରୋଟାରୀ କ୍ଲବ ଅଫ୍ କଟକ ଅଭିନବର ସଭାପତି ବିଶ୍ୱନାଥ ପଣ୍ଡା ରୋଟାରୀ କ୍ଲବର ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟକ୍ରମ ସଂପର୍କରେ ଉପସ୍ଥାପନା କରିବା ସହିତ ଆମ ସ୍ୱାଭିମାନ ଟ୍ରଷ୍ଟ ଦ୍ୱାରା ନିକଟ ଅତୀତରେ କରାଯାଇଥିବା ରକ୍ତଦାନ ଶିବିର ଓ ଅନ୍ୟାନ୍ୟ ଜନସେବା ମୂଳକ କାର୍ଯ୍ୟ ପାଇଁ ଟ୍ରଷ୍ଟର କର୍ମକର୍ତ୍ତା ଓ ଉପସ୍ଥିତ ଅତିଥିମାନଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଟ୍ରଷ୍ଟର ସଂପାଦକ ତ୍ରିଲୋଚନ ବେହେରା, ରୋଟାରିଆନ୍ ଶ୍ରୀ ପଣ୍ଡା ଅନ୍ୟ ଅତିଥି ବୃନ୍ଦ, ଟ୍ରଷ୍ଟର ସଭ୍ୟସଭ୍ୟା ଓ କର୍ମକର୍ତ୍ତା, ଉପସ୍ଥିତ ଗ୍ରାମବାସୀଙ୍କ ସମେତ ହିତାଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭରସା ପରିବାର କୁ ସେବା ସମ୍ମାନ

ପାଟଣା ୨/୨(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ନୁଆପଡ଼ା ଗ୍ରାମର ମା ଟାଙ୍ଗରାଶୁଣୀ ଯୁବକ ସଂଘର ପଞ୍ଚମ ବାର୍ଷିକ ଉତ୍ସବର ଉଦଯାପନୀ ଉତ୍ସବରେ ଭରସା ପରିବାର ଓଡ଼ିଶା କୁ ସେବା ସମ୍ମାନ ୨୦୨୫ ପ୍ରଦାନ କରାଯାଇଛିକ୍ଷ ସଙ୍ଗଠନ ର ୪ ଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଓଡ଼ିଶାର ରାଜ୍ୟ ସଭାପତି ପ୍ରତାପ କୁମାର ରାୟଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଉପସ୍ଥିତ ହୋଇ ଉତ୍ସାହିତ କରିବା ଓ ସମ୍ମାନ ଗ୍ରହଣ ପାଇଁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଭରସା ପରିବାର ଓଡ଼ିଶାର ରାଜ୍ୟ ମହିଳା ସଭାନେତ୍ରୀ ମାଳତୀ ମହାନ୍ତ , ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ସଭାପତି ଜନ୍ମେଜୟ ସିଂହ, ମୁଖ୍ୟ ବକ୍ତା ସମ୍ପାଦକ ଧର୍ମପଦ ନାଏକ ମଞ୍ଚାସିନ ହୋଇ ଭରସା ପରିବାରର ସେବାକାର୍ଯ୍ୟକୁ ବ୍ୟାପକ କରିବାରେ ଆଞ୍ଚଳିକ ସଦସ୍ୟ ସଦସ୍ୟା ମାନଙ୍କର ଅବଦାନ ଓ ରକ୍ତଦାନ କ୍ଷେତ୍ରରେ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମା ଟାଙ୍ଗରାଣୀ ଯୁବକ ସଂଘର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ମହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ରାଷ୍ଟ୍ରପତି ଙ୍କୁ ଅପମାନ ଜନକ ମନ୍ତବ୍ୟ, ସୋନିଆ ଙ୍କ କୁଶପୁତ୍ତଳିକା ଦାହକଲା ବିଜେପି

ଆଠମଲ୍ଲିକ୍ ୨/୨(ନି.ପ୍ର): ଆଠମଲ୍ଲିକ୍, ମହାମହିମ ରାଷ୍ଟ୍ରପତି ଙ୍କ ପ୍ରତି ସୋନିଆ ଗାନ୍ଧୀ ଙ୍କ ଅପମାନ ଜନକ ମନ୍ତ୍ୱବ୍ୟ କୁ ନେଇ ବିଜେପି ତରଫରୁ ତୀବ୍ର ନିନ୍ଦା କରାଯାଇଛି। ସାଂସଦ ରେ ମହାମହିମ ରାଷ୍ଟ୍ରପତି ଙ୍କର ଅଭିଭାଷଣ ପରେ ସୋନିଆ ଗାନ୍ଧୀ ତାଙ୍କୁ କ୍ଳାନ୍ତକ୍ଳାନ୍ତ କ୍ଷବୟସ ଭଳି ଶବ୍ଦ ପ୍ରୟୋଗକରି ଅପମାନ ଜନକ ମନ୍ତବ୍ୟ ଦେବା ଫଳରେ ବିଜେପି ରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହାକୁ ବିରୋଧ କରି ଆଠମଲ୍ଲିକ ରେ ବିଜେପି ଦଳ ତରଫରୁ ଉପଜିଲ୍ଲାପାଳ ଙ୍କ ଅଫିସ ସମ୍ମୁଖ ରେ ଏକ ବିକ୍ଷୋଭ ପ୍ରଦଶନ କରି ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ଙ୍କର କୁଶପୁତ୍ତଳିକା ଦାହ କରାଯାଥିଲା। ଏହି ବିକ୍ଷୋଭ ପ୍ରଦଶନ ବେଳେ କେନ୍ଦ୍ର ମନ୍ତ୍ରୀ ଙ୍କର ଏନ ଏ ସି ର ପ୍ରତିନିଧି ସନ୍ତୋଷ ହୋତା, କାଉ ସିଲର ନୂତନ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଭବାନୀ ପ୍ରସାଦ ଜୋତିଶରାୟ, ଅର୍ଜୁନ ସାହୁ, ଅବନୀ ପ୍ରଧାନ ଙ୍କ ସମେତ ବହୁ ବି ଜେ ପି କର୍ମୀ ଉପସ୍ଥିତ ଥିଲେ।

## ମା' ଅମ୍ବିକେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

କଟକ ୨/୨(ନି.ପ୍ର): ମା' ଆମ୍ବୀକେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚର କଟକ ସଦର ବରଦା ଗ୍ରାମ ତରଫରୁ ଅନୁଷ୍ଠାନର ଉପଦେଷ୍ଟା ନାରାୟଣ ଚନ୍ଦ୍ର ସିହ୍ନାଙ୍କ ତତ୍ତ୍ୱାବଧାନରେ ସଭାପତି ହୃଦାନନ୍ଦ ବେହେରାଙ୍କ ଶ୍ରଦ୍ଧାଞ୍ଜଳୀ ବରଦା ଗ୍ରାମ କବେଇ ସାହି ନିକଟସ୍ଥ ସୁଦାମ କୁଟୀର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।ସଭାରେ ମାଧବ ସାହୁ,କ୍ଷେତ୍ରବସୀ ପରିଡ଼ା,ଦିଲୀପ ଦତ୍ତ ,ଫକୀର ଚରଣ ଦାସ,ଗଙ୍ଗାଧର ବେହେରା,ସୁରେନ୍ଦ୍ର ନାଥ ସାହୁ,ପଞ୍ଚାନନ ଭୋଇ,ଦିବାକର ଓଝା,ବିଷ୍ଣୁ ଚରଣ ଦଳାଇ,ନବୀନ ବେହେରା,ସାଇଲ ବେହେରା,ସପନ ବେହେରା ପ୍ରମୁଖ ଉପସ୍ଥିତ ରହି ଦିବଂଗତ ବେହେରାଙ୍କ ଅମର ଆତ୍ମାର ସଦ୍ଗତୀ ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାଥନା କରିଥିଲେ ।

## ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ

ପାଟଣା ୨/୨(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍ ଯାପିତ ହୋଇଯାଇଛି । ଅଧ୍ୟକ୍ଷ ଅଶ୍ୱତ୍ଥାମା ଗିରିଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଂଯୋଜକ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ମିଶ୍ର ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ଛାତ୍ରୀମାନେ ନିଜ ଭିତରେ ସର୍ବପ୍ରଥମେ ଆତ୍ମବିଶ୍ୱାସ ରଖିବା ସହିତ ନିଜ ନିଜର ସୁରକ୍ଷା ନିମନ୍ତେ ଆତ୍ମରକ୍ଷା କୌଶଳକୁ ଆପଣେଇବା ନିହାତି ଆବଶ୍ୟକତା ରହିଛି ବୋଲି କହିଥିଲେ । ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଅପର୍ଣ୍ଣା ବେହେରାଙ୍କ ତତ୍ତ୍ୱାବଧାନରେ ଗତ ମାସ ୨୪ ତାରିଖ ରୁ ଆରମ୍ଭ କରାଯାଇଥିବା ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ୧୪୬ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ । ପ୍ରଶିକ୍ଷିକା ପ୍ରିୟମ୍ବଦା ମହାନ୍ତ, ସୁଶୀଳା ମହାନ୍ତ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ବିଭିନ୍ନ କଳା କୌଶଳ ଶିଖାଇଥିଲେ । ଆଠ ଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିରର ଆଜି ଅନ୍ତିମ ଦିବସରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ଅତିଥି ମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

## ଦୁଇ ବର୍ଷିୟା ଶିଶୁ କନ୍ୟା ର ଅସାଧାରଣ ପ୍ରତିଭା,ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଲା ଶ୍ରେୟାଂଶୀ

ପାଟଣା ୨/୨(ନି.ପ୍ର): ବିଭିନ୍ନ ମନ୍ତ୍ରପାଠ ହେଉ ବା ସାଧାରଣ ଜ୍ଞାନ,ଦେଶର ଜାତୀୟ ପ୍ରତୀକ ହେଉ ବା ପରିବାର ଲୋକଙ୍କ ନାମ ଭଳି ଅନେକ ବିଷୟବସ୍ତୁକୁ ପ୍ରାଞ୍ଜଳ ଭାବେ ଦର୍ଶାଇ ପାରୁଥିବା ୨ବର୍ଷ ୨ମାସର କୁନି ଝିଅ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ଏହି ବିରଳ କୁନି ଝିଅ ଟି ଶ୍ରେୟାଂଶୀ। ଭଲଭାବେ ପାଟି ଫିଟି ନ ଥିବା ବୟସରେ ଏତେ ବଡ଼ ସଫଳତା ହାସଲ କରିବା କୁନି ଝିଅ ଶ୍ରେୟାଂଶୀଙ୍କ ବିଚକ୍ଷଣ ବୁଦ୍ଧିକୁ ଦର୍ଶାଉଛି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅନ୍ତର୍ଗତ ତୁରୁମୁଙ୍ଗା ଗ୍ରାମ ନିବାସୀ ଶଙ୍ଖାଳି ଚରଣ ସାହୁ ଓ ଗୀତାମଣି ସାହୁଙ୍କ ନାତୁଣୀ ତଥା ତୁଷାର ରଞ୍ଜନ ସାହୁ ତାଙ୍କ ପତ୍ନୀ ଲିପ୍ସା ସାହୁଙ୍କ କନ୍ୟା ଶ୍ରେୟାଂଶୀଙ୍କ ସଫଳତାରେ ଗ୍ରାମବାସୀ ତଥା ସ୍ଥାନୀୟ ଅଞ୍ଚଳ ରେ ଖୁସୀର ଲହରୀ ଖେଳିଯାଇଛି ।ମାତ୍ର ୧୦ମାସ ବୟସ ହୋଇଥିବା ବେଳେ ରଙ୍ଗବେରଙ୍ଗୀ ବହି ଦେଖି ଖୁସି ହୋଇଯାଉଥିଲା ଶ୍ରେୟାଂଶୀ ।ନୂଆ ନୂଆ ଦେଖିବାକୁ ଜାଣିବାକୁ ତାହାର ଆଗ୍ରହ ଥିବା ଜଣାପଡିଥିଲା ।ଝିଅର ଆଗ୍ରହ ଦେଖି ମାଆ ଲିପ୍ସା ତାଙ୍କୁ ବିଭିନ୍ନ ବିଷୟରେ ଶିଖାଇବା ଆରମ୍ଭ କରିଥିଲେ। ଖେଳଖେଳରେ ବିଭିନ୍ନ ବିଷୟରେ ଶିଖାଇଥିଲେ ।ବାପା,ଅଜା,ଆଈ,ମାମୁଁ, ବଡବାପା, ବଡ଼ମାଆ ମଧ୍ୟ ଶ୍ରେୟାଂଶୀକୁ ଆଗକୁ ବଢ଼ିବାରେ ସହଯୋଗ କରିଥିଲେ। ଦୁଇ ବର୍ଷ ହେଲାବେଳକୁ ଆକ୍ସନ ୱାର୍ଡ଼ ୧୭ଟି,ଫଳ ୨୦ଟି, ପନିପରିବା, ଗୃହପାଳିତ ଓ ଜଙ୍ଗଲୀ ପଶୁପକ୍ଷୀଙ୍କ ନାମ, ଯାନବାହାନ,ପ୍ରଫେସନ୍, ବିଭିନ୍ନ ରଙ୍ଗ,ଆକାର, ଇଂରାଜୀ ବର୍ଣ୍ଣମାଳା ସହ ପ୍ରତି ଅକ୍ଷରରେ ଶବ୍ଦ,୧୭ରୁ ଅଧିକ ଜାତୀୟ ପ୍ରତୀକ, ସପ୍ତାହର ନାମ,ରାଇମ୍ସ କହି ପାରୁଥିଲେ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ବିଷୟରେ ଜାଣିବାପରେ ମା ଶ୍ରେୟାଂଶୀଙ୍କୁ ଏଥିପାଇଁ ପ୍ରସ୍ତୁତ କରାଇଥିଲେ। ବଡବାପା ନିହାର ସାହୁ ଓ ବଡମାଆ ରଞ୍ଜିତା ସାହୁ ମଧ୍ୟ ସହଯୋଗ କରିଥିଲେ ।୩୦ରୁ ଅଧିକ ବିଷୟବସ୍ତୁକୁ ନିର୍ଭୁଲ ଭାବେ ଶ୍ରେୟାଂଶୀ କହିବାର ଭିଡିଓ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡକୁ ମେଲ୍ ଯୋଗେ ପଠାଇଥିଲେ ।ଶ୍ରେୟାଂଶୀକୁ ୨୦୨୪ର ଆଚିଭର୍ସ୍ ଭାବେ ଚୟନ କରାଯାଇଥିଲା।

## ମହାମହୀମ ରାଷ୍ଟ୍ରପତିଙ୍କ ବିରୁଦ୍ଧରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଆପତ୍ତି ଜନକ ମନ୍ତବ୍ୟକୁ ନେଇ ମାହାଙ୍ଗା ବିଜେପିର ବିକ୍ଷୋଭ




ନିଶ୍ଚିନ୍ତକୋଇଲି ୨/୨(ନି.ପ୍ର): ମହାମହୀମ ରାଷ୍ଟ୍ରପତି ଭାରତର ପ୍ରଥମ ନାଗରିକଙ୍କ ବିରୁଦ୍ଧରେ କଂଗ୍ରେସ ନେତ୍ରୀ ସୋନିଆଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ଆପତ୍ତିଜନକ ମନ୍ତବ୍ୟକୁ ବିରୋଧ କରି ମାହାଙ୍ଗା ବିଜେପି ପକ୍ଷରୁ ଏକ ବିକ୍ଷୋଭ ଓ କୁଶପୁ□ଳିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାହାଙ୍ଗା ବିଜେପି ନେତା ଶ୍ରୀ ସୁମନ୍ତ କୁମାର ଘଡେଇଙ୍କ ପରାମର୍ଶକ୍ରମେ ବିଜେପି ଯୁବ ସଂଗଠକ ପ୍ରଣବ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିଶ୍ଚିନ୍ତକୋଇଲି ତହସିଲଛକ ନିକଟସ୍ଥ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରୁ କାର୍ଯ୍ୟକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ଆସି ରାଜ୍ୟ ରାଜପଥ କଟକ - ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କୁଶପୁ□ଳିକା ଦାହ କରିଥିଲେ । ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଯୁବ ସଂଗଠକ ମଳୟ କୁମାର ଘଡାଇ, କୈଳାସ ବେହେରା, ଅଶୋକ ସ୍ୱାଇଁ, ହରପ୍ରସାଦ ପୃଷ୍ଟି, ବିକାଶ ସ୍ୱାଇଁ, ଧନଞ୍ଜୟ ବଳ, ଗୌତମ ଦଳାଇ, ଶଙ୍କର୍ଷଣ ସ୍ୱାଇଁ, ଅଜୟ ମହାପାତ୍ର, ସଞ୍ଜୟ କୁମାର ନାୟକ, କୁଳମଣୀ ରାଉତ, ଉତ୍କଳ ରଂଜନ ସ୍ୱାଇଁ, ତ୍ରିଲୋଚନ ବେହେରା, ଉମେଶ ବାରିକ, କରୁଣାକର ସେଠୀ, ଗୋକୁଳାନନ୍ଦ ନାୟକ, ସତ୍ୟରଂଜନ ମିଶ୍ର, ରଶ୍ମିରଂଜନ ମହାପାତ୍ର, ଟୁକୁନା ବେହେରା, ଦିଲ୍ଲୀପ ମିଶ୍ର, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ କୁମାର ମହାପାତ୍ର, ଦିବାକର ଦାସଙ୍କ ସମେତ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ମଣ୍ଡଳର ବିଜେପି କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ ।

# ଗିରିଶ ଚନ୍ଦ୍ର ସାହୁ ହେଲେ ସୁନ୍ଦରଗଡ ଜିଲ୍ଲା ବିଜେପି ଦଳର ସଭାପତି



ବଣାଇ,୨/୨(ନି.ପ୍ର): ସୁନ୍ଦରଗଡ ଜିଲ୍ଲା ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଭାବରେ ଗିରିଶ ଚନ୍ଦ୍ର ସାହୁଙ୍କ ନାମ ଘୋଷଣା ହେବା ପରେ ଅନେକ ମହଲରୁ ଖୁସିର ଲହରୀ ଖେଳିଯାଇଛି । ଏହି ଅବସରରେ ବିସ୍ଥାପିତ ଗାଡି ମାଲିକ ସଂଘ ଗୋପାଳପୁର ତରଫରୁ ଗିରିଶ ଚନ୍ଦ୍ର ସାହୁଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ଲୋକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବାଙ୍କିବାହାଲ ଠାରୁ ଟପରିଆ ପର୍ଯ୍ୟନ୍ତ ରାସ୍ତାକୁ ଚାରିଥାକିଆ ରାସ୍ତା ନିର୍ମାଣ କରିବା ପାଇ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରାଯାଇଛି । ଶ୍ରୀ ସାହୁ ବିସ୍ଥାପିତ ଗାଡି ମାଲିକ ସଂଘର ଉପଦେଷ୍ଟା ରୂପେ ମଧ୍ୟ କାର୍ଯ୍ୟ ତୁଲାଉଛନ୍ତି । ଏହି ଅବସରରେ ବିସ୍ଥାପିତ ଗାଡି ମାଲିକସଂଘର ସଭାପତି ଗୋପାଳ ଚନ୍ଦ୍ର ପ୍ରଧାନ,ସାଧାରଣ ସମ୍ପାଦକ ଯୁଧିଷ୍ଠିର ଗିଦିଲି,ପୁନୁଲାଲ ପଧାନ ଓ ସଂଘ ସଭ୍ୟ ମାନେ ଉପସ୍ଥିତ ଥିଲେ ।

# ମୂଲ୍ୟବାନ ପଥର ଖୋଜିବା ପାଇଁ ଲୋକେ ବାୟା: କିଲୋପ୍ରତି ୨ ହଜାରୁ ୫ହଜାର ହେଉଛି ବିକ୍ରି

ବୌଦ୍ଧ,୨/୨(ନି.ପ୍ର): ମାଟି ଖୋଳିଲେ ବାହାରୁଛି ରତ୍ନପଥର । ରତ୍ନପଥର ଖୋଳିବାରେ ଲାଗିପଡିଛନ୍ତି ସମସ୍ତ ଗ୍ରାମବାସୀ । କେଜି ପ୍ରତି ୨୫ଶହ ରୁ ୩ହଜାର ଟଙ୍କା ଦେଇ କିଣି ନେଉଛନ୍ତି ମାଫିଆ । ଏଭଳି ଦୃଶ୍ୟ ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ଖୁଣ୍ଟିଆପଡା ଗ୍ରାମ ରେ ଦେଖିବାକୁ ମିଳିଛି । ଗ୍ରାମର ପିଲା ଠୁ ବୁଢା ସଭିଏଁ ଖୋଳିବାରେ ଲାଗି ପଡିଛନ୍ତି ପଥର । ଅନ୍ୟପଟେ ପଥର ଗୁଡିକ କେଉଁ ପଥର ତାହା ଯାଞ୍ଚ ହେବ ଜରୁରୀ ରହିଥିବା ବେଳେ ଘଟଣା ସ୍ଥଳ ରେ ଏ ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ପହଁଚି ନାହାନ୍ତି। ସୂଚନମୁତବକ ଖୁଣ୍ଟିଆପଡା ଗାଁ ରେ ରାସ୍ତା କାମ ଚାଲିଥିବା ବେଳେ ଠିକାଦାର ମାଟି ଖୋଳି ଆଣି ରାସ୍ତାରେ ପକାଇଥିଲେ । ଆଉ ସେଇ ମାଟି ରେ ଗାଁ ଲୋକ ଦେଖିବାକୁ ପାଇଥିଲେ ରତ୍ନପଥର । ଆଉ ତାପରେ ଆରମ୍ଭ ହୋଇଥିଲା ରତ୍ନପଥର ଖୋଳା । ସମସ୍ତ ଗ୍ରାମବାସୀ ପଥର ଖୋଳିବାରେ ଲାଗି ପଡିଥିବା ବେଳେ ବାହାରୁ ପଥର ମାଫିଆ ଆସି କିଲୋ ପ୍ରତି ୨୫ ଶହ ରୁ ୩ହଜାର ଦେଇ ନେଇଯାଉଥିବା କହନ୍ତି ଗ୍ରାମବାସୀ । ଅନ୍ୟପଟେ ତିନିଦିନ ହେଲାଣି ଏଠି ପଥର ଖୋଳିବାରେ ଲାଗି ପଡ଼ିଛନ୍ତି ଲୋକେ । ତେବେ ଘଟଣାକୁ ନେଇ ବୌଦ୍ଧ ଖଣି ବିଭାଗ ଅଧିକାରୀ ମନହୋର ମହାନ୍ତଙ୍କୁ ପଚାରିବାରୁ ଆମ ପାଖରେ ସେମିତି କୌଣସି ଅଭିଯୋଗ ଆସିନି ଆମେ ଘଟଣା ସ୍ଥଳକୁ ପହଁଚି ତଦନ୍ତ କଲା ପରେ ଘଟଣା ସମ୍ପର୍କରେ ସୂଚନା ଦେବୁ ବୋଲି



କହିଥିଲେ । ଏପଟେ ରତ୍ନ ପଥରକୁ ନେଇ ଅଞ୍ଚଳରେ ଏକ ଚର୍ଚ୍ଚାର ବିଷୟ ହୋଇଛି ।

# ମିଶନଶକ୍ତି ଗୃହ ଉଦଘାଟନ କଲେ ଅଧକ୍ଷା ବଦଳରେ ସରପଞ୍ଚ



ଖଜୁରୀପଡା, ୨/୨(ନି.ପ୍ର): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଆରାବାକା ପାଞ୍ଚୟତ ଠାରେ ନୂତନ ଭାବରେ ମିଶନ ଶକ୍ତି ଗୃହ ନିର୍ମାଣ ହୋଇଥିବା ବେଳେ ଉଦଘାଟନ ପାଇଁ ବ୍ଲକ ଅଧକ୍ଷା ବୈନେତ୍ରୀ କହଁର ଓ ମୁଖ୍ୟ ଅତିଥି ବିଡ଼ିଓ ହୃଦରଞ୍ଜନ ସାହୁ ଙ୍କୁ ନିମନ୍ତ୍ରଣ କରାଯାଇଥିଲା । କିନ୍ତୁ ଏହି କାର୍ଯ୍ୟକ୍ରମ କୁ ଦିନ ୧୦ ଟାରେ ରଖାଯାଇଥିଲା ହେଲେ ବିଜେପି ଦଳ ସଦସ୍ୟ ଏହି ଖବର ଶୁଣି ସେଠାକୁ ଯାଇ ଦେଖିଥିଲେ ହେଲେ ସୂଚନା ଫଳକ ରେ ଫୁଲବାଣୀ ବିଜେପି ବିଧାୟକ ଉମା ଚରଣ ମଲ୍ଲିକ ଓ ଜିଲ୍ଲା ପରିଷଦ ର ନାମ ନଥିବାରୁ ଏହାକୁ ଘୋର ପ୍ରତିବାଦ କରିଥିଲେ । ଦଳ ପକ୍ଷରୁ ନିମନ୍ତ୍ରିତ ଅତିଥି ମାନଙ୍କୁ ମନା କରାଯିବା ସହ ସରପଞ୍ଚ ଏବଂ ପଞ୍ଚାୟତ ବାସୀଙ୍କ ସହ କଥା କଟାକଟି ହୋଇଥିବା ବେଳେ ଅତିଥି ମାନେ ଆସିନ ଥିବା ଯୋଗୁଁ ପିଇଓ ଦୈତାରୀ ପ୍ରଧାନ ଉଦଘାଟନକୁ ବାତିଲ ଘୋଷଣା କରିଥିଲେ । କିନ୍ତୁ ଦଳ ପକ୍ଷରୁ କୁହାଯାଇଛି ରାଜ୍ୟରେ ବିଜେପି ସରକାର ଓ ଫୁଲବାଣୀ ନିର୍ବାଚିତ ବିଧାୟକ ମଧ ବିଜେପି ଥିବା ବେଳେ ବିଧାୟକ ଙ୍କ ନା ଫଳକ ରେ ଲାଗିନ ଥିବା ଅତି ଦୁଃଖ ର ବିଷୟ ବୋଲି କହିଥିଲେ । ଏନେଇ ବିଜେପି ବ୍ଲକ ସଭାପତି ସର୍ବେଶ୍ୱର କହଁର, ବିଧାୟକ ପ୍ରତିନିଧି ଗଣେଶ ପ୍ରଧାନ, ଆରାବାକା ପଞ୍ଚାୟତ ସଭାପତି ଗଣେଶ ମଲ୍ଲିକ ସହ ଦଳ ର ସମସ୍ତ କର୍ମକର୍ତ୍ତା ଙ୍କୁ ନେଇ ଅଧକ୍ଷା ଙ୍କ ନାମ ଲିଭାଯାଇଥିଲା ! ଶେଷରେ ଉଭୟ ବୁଝାମଣା ହେବାପରେ ସରପଞ୍ଚ ଏଭଳି ଭୁଲ ପୁନର୍ବାର ହେବନି ବୋଲି କହିଥିଲେ । ଶେଷରେ ଅପରାହ୍ନରେ ସରପଞ୍ଚ ଉକ୍ତ ମିଶନଶକ୍ତି ଗୃହକୁ ଧୁମଧାମରେ ବାଙ୍ଗୁ ବାଦ୍ୟରେ ନାଚ ନାଚି ବଡ଼ ପଟୁଆରରେ ଉଦଘାଟନ କରିଥିଲେ ।

# ଟାଟା ଷ୍ଟିଲର ସମସ୍ତ ଫାଟକକୁ ବନ୍ଦ କଲେ ବିସ୍ଥାପିତ

## ଜିଲ୍ଲା ପ୍ରଶାସନର ଧଜିଆ ଉଡିଲା, ୧୬୩ ଧାରା ପରେ ବି ଧାରଣା ଜାରୀ



ଦାନଗଦୀ ୨/୨(ନି.ପ୍ର): ଯାଜପୁର ଜିଲ୍ଲା କଳିଙ୍ଗନଗର ଆଜି ତଥା ୨୮ ତାରିଖର ସକାଳୁ କଳିଙ୍ଗନଗର ଅଶାନ୍ତ ହୋଇପଡ଼ିବା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କଳିଙ୍ଗନଗର ଶିଳ୍ପାଞ୍ଚଳ ର ଟାଟା ଷ୍ଟିଲ କାରଖାନାର ଫାଟକରେ ଭାରତୀୟ ନ୍ୟାୟ ସଂହିତା ୧୬୩ ଲାଗୁ କରିବା ପରେ ମଧ ଜମିହରା ବିସ୍ଥାପିତ ବାସିନ୍ଦା ମାନେ ଟାଟା ଷ୍ଟିଲ ର ସମସ୍ତ ଫାଟକ ବନ୍ଦ କରିବାକୁ ଆଗେଇ ଆସି ସଫଳ ହୋଇଥିବା ଦେଖିବାକୁ ମିଳିଛି। ଟାଟା ଷ୍ଟିଲ ର ସମସ୍ତଫାଟକ ଗୁଡିକରେ ବିସ୍ଥାପିତ ପରିବାର ପକ୍ଷରୁ ଶତାଧିକ ମହିଳା, ଯୁବକ ମାନେ ନିଜର ଦାବୀ ପାଇଁ ଧାରଣାରେ ବସିରହିଥିଲେ, ଦିନ ତମାମ ବିସ୍ଥାପିତ ମାନେ ଆମର ଦାବୀ ପୂରଣ ହେଉ, ନଚେତ ଆମେ ଆଉ ଘରକୁ ଯିବୁ ନାହିଁ, ଏଇଠି ଭୋକ ଉପାସରେ ମରିବୁ ବୋଲି ନାରା ଦେଇଥିଲେ, ବିସ୍ଥାପିତଙ୍କର କହିବା କଥା ପିଢ଼ି ପରେ ପିଢ଼ି ଚାକିରୀ ମିଳୁନାହିଁ, ୧୮ ବର୍ଷରୁ ଅଧିକ ବୟସ ପିଲାଙ୍କୁ କିଛି ସୁବିଧା ନାହିଁ, ଆଜି ପର୍ଯ୍ୟନ୍ତ କିଛି ଲୋକଙ୍କର ଜମି ଟଙ୍କା ମିଳିନାହିଁ, ୪୦ ବର୍ଷ ବୟସ ହେଲେ ସ୍ୱେଚ୍ଛାକୃତ ଅବସର ନେବା ପାଇଁ କମ୍ପାନୀ କହୁଛି, ଆମେ କାହିଁକି ଅବସର ୬୦ ବର୍ଷ ପୂର୍ବରୁ ନେବୁ, ଜୋର ଜବରଦସ୍ତ ଟାଟା କମ୍ପାନୀ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛି, ଜମି ନେଇ କାରଖାନା ନିର୍ମାଣ କଲା ପରେ ପ୍ରତିଶୃତି ପାଳନ କରୁନାହିଁ, ଏଥିପାଇଁ ବାରମ୍ବାର ଆନ୍ଦୋଳନ କରି ଦାବୀ ଜଣାଇ ଆମ କଥା କିଛି କମ୍ପାନୀ ଶୁଣୁନାହିଁ, ତେଣୁ ଆଜି ଆମେ ଅନିର୍ଦ୍ଦିଷ୍ଟ କାଳ ପ୍ରଯ୍ୟନ୍ତ ବସିବୁ, ଏ ବିଷୟରେ ଜିଲ୍ଲା ପ୍ରଶାସନର ଅତିରିକ୍ତ ଜିଲ୍ଲାପାଳ ଙ୍କର ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିବାରୁ ସେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ, ଦୀର୍ଘ ବର୍ଷ ହେଲା ଶୀତ, କାକର, ଖରାରେ ବିସ୍ଥାପିତ ମାନେ ଆନ୍ଦୋଳନ କରୁଛନ୍ତି କିନ୍ତୁ ଜିଲ୍ଲା ପ୍ରଶାସନ ସମାଧାନ କରିବା ପାଇଁ ବିଫଳ ହେଉଛନ୍ତି, ସ୍ଥାନୀୟ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଓ ଟାଟା କମ୍ପାନୀ ର ଆଲୋଚନା ପାଇଁ ଆନ୍ତରିକତା ନ ଥିବା ପରି ଜଣା ପଡୁଛି। ଦିନ ତମାମ କାମ କରି ହଜାର ହଜାର ଲୋକ କାରଖାନା ଭିତରେ ଥିବା ବେଳେ ସନ୍ଧ୍ୟା ସମୟରେ ଲୋକ ମାନେ ଜୋର ଜବରଦସ୍ତି ହୋ ହାଲ୍ଲା କରି ଫାଟକ ଖୋଲି ପଳାଇ ଯାଇଛନ୍ତି। ଏବଂ ଗୋଟିଏ ଗଳା ବାଟ ଦେଇ ହଜାର ହଜାର ଶ୍ରମିକ ପାଦରେ ନିଜର ଜୀବନ ବଞ୍ଚାଇବାକୁ ଟାଟା ଷ୍ଟିଲ ରୁ ଦାନଗଦି ବଜାର ପର୍ଯ୍ୟନ୍ତ ଲମ୍ବା ଲାଇନ ରେ ଯାଉଥିବା ଦେଖିବାକୁ ମିଳିଛି ।ସନ୍ଧ୍ୟା ପର୍ଯ୍ୟନ୍ତ ଆନ୍ଦୋଳନ କାରୀ ମାନେ ଫାଟକ ପାଖରେ ବସି ରହିଛନ୍ତି, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ତେଣୁ ସରକାର ଦାଦନ ଶ୍ରମିକଙ୍କୁ ଅନ୍ୟ ରାଜ୍ୟରୁ ଫେରାଇ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଯାଜପୁର ଜିଲ୍ଲା ପ୍ରଶାସନ ଓ କଳିଙ୍ଗନଗର ରେ ଥିବା ଏକାଧିକ କାରଖାନା ଦାଦାନ ପଠାଇବା ପାଇଁ ଚେଷ୍ଟା କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ତେଣୁ ଆଗକୁ ରାଜ୍ୟ ସରକାର ?ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।

# ଯାଜଦାନୀ ଷ୍ଟିଲରୁ ଝୁଲନ୍ତା ଅବସ୍ଥାରେ ଶ୍ରମିକଙ୍କ ମୃତ ଦେହ ଉଦ୍ଧାର

ଦାନଗଦୀ ୨/୨(ନି.ପ୍ର): ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଯାଜଦାନୀ ଷ୍ଟିଲ ଆଣ୍ଡ ପାୱାରରେ ଏକ ଅଘଟଣ ହୋଇଛି ।ସୂଚନା ମୁତାବକ ମଙ୍ଗଳବାର ଦିନ ବି.ଏସ.ଏସ ପାୱାର ଠିକା ସଂସ୍ଥା ଅଧୀନରେ ଜଣେ ଶ୍ରମିକସକାଳ ୬ଘଟିକା ସମୟରେ କାର୍ଯ୍ୟ କରିବାକୁ ଆସିଥିଲା କିନ୍ତୁ କାର୍ଯ୍ୟରତ ଶ୍ରମିକ ମାନେ ଝୁଲନ୍ତା ଅବସ୍ଥାରେ ଶ୍ରମିକଙ୍କ ମୃତ ଦେହ ଦେଖିବାକୁ ପାଇଥିଲେ ।ଖବର ପାଇ ଜଖପୁରା ଥାନା ପୋଲିସ ଓ ସାଇଣ୍ଟିଫିକ ଦଳ ପହଞ୍ଚି ଘଟଣା ସ୍ଥଳରେ ତଦନ୍ତ ଜାରିରଖିଥିଲେ । ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଆଣିଥିଲେ ।ମୃତ ଶ୍ରମିକ ଘର କଳିଙ୍ଗନଗର ଥାନା ଅନ୍ତର୍ଗତ କଇଥା ଗ୍ରାମର ଚୈତନ୍ୟ ଦଳାଇ(୨୫) ବୋଲି ସୂଚନା ମିଳିଛି,ଆଲୋଚନା ପରେ କ୍ଷତି ପୂରଣ ବାବଦକୁ ୧୫ଲକ୍ଷ ୫୦ହଜାର ଟଙ୍କା ଓ ଶୁଦ୍ଧିକ୍ରିୟା ପାଇଁ ନଗଦ ୫୦୦୦୦/ ଟଙ୍କା ଦିଆଯାଇଥିଲା ।ପରେ ପୋଲିସ ମୃତ ଶବକୁ ବ୍ୟବେଛଦ ନିମନ୍ତେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛନ୍ତି ।ସମାଧାନ ପାଇଁ ହୋଇଥିବା ଆଲୋଚନା ରେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ,ମଣ୍ଡଳ ସଭାପତି କୃପାସିନ୍ଧୁ ସାମନ୍ତରାୟ, ସନ୍ଦିପ ସାମିଲ, ଲିଟୁନ ଜେନା,ବ୍ୟାସନଗର ଅତିରିକ୍ତ ତହସିଲଦାର,କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ , ଜଖପୁରା ଥାନା ଅଧିକାରିଣୀ,ଯାଜଦିନ ଷ୍ଟିଲ ଆଣ୍ଡ ପାୱାର ର ଉପରିସ୍ଥ ଅଧିକାରୀ ଶ୍ରମିକ ସଂଘର ଜଗଦାନନ୍ଦ ଶତପଥି,ରଞ୍ଜନ ପରିଡା, ପ୍ରଭାତ ରଞ୍ଜନ ମହାରଣା, ଦେବବ୍ରତ ସାହୁ ଓ ମୃତ ପରିବାର ର ସଦସ୍ୟମାନେ ଉପସ୍ଥିତ ଥିଲେ ।ସୁରକ୍ଷା ଦୃଷ୍ଟିରୁ ଅତିରିକ୍ତ ଏସ୍ପି ଓ ଜଖପୁରା ଥାନା ର ଅଧିକାରୀଣି ଙ୍କ ସହିତ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ ।

# ଚୋରା ମାଫିଆଙ୍କ ପ୍ରତି ବଢୁଛି ପୁଲିସ ଅଧିକାରୀଙ୍କ ପିରତି: ପୁଲିସ ସୁରକ୍ଷା ତଳେ ଚାଲିଛି ବେଆଇନ କାର୍ଯ୍ୟ



ଟାଙ୍ଗୀ-ଚୌଦ୍ୱାର ୨/୨(ନି.ପ୍ର): କମିଶନରେଟ ପୁଲିସ ବିଭାଗରେ ଜନସାଧାରଣଙ୍କୁ ସଠିକ ସମୟରେ ସଠିକ ସେବା ଯୋଗାଇଦେବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବିଭିନ୍ନ ବ୍ୟବସ୍ଥା ମଧ ପ୍ରଚଳନ କରୁଛନ୍ତି। ମାତ୍ର ତାହା କେତେଦୂର କାର୍ଯ୍ୟକରୁଛି ସେ ନେଇ ବିଭାଗୀୟ ଅଧିକାରୀ ଏବେ କୁମ୍ଭକର୍ଣ୍ଣ ନିଦ୍ରାରେ। ବ୍ୟବସ୍ଥାକୁ ବ୍ୟବସ୍ଥା ବାଟରେ ଛାଡ଼ି ଦେଇ ବରିଷ୍ଠ ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁଁ ଓଡ଼ିଶା ପୁଲିସ ସମ୍ପୂର୍ଣ୍ଣ ବିଶ୍ୱାସନୀୟତା ହରାଉଥିବା ସାଧାରଣରେ ଅଭିଯୋଗ ହେଉଛି। ସାଧାରଣ ଲୋକଙ୍କୁ ସେବା ଯୋଗାଇବା ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ ପୁଲିସ ପ୍ରଶାସନ କେବଳ ମୁଷ୍ଟିମେୟ, ରାଜନୈତିକ ବ୍ୟକ୍ତିବିଶେଷ, କଳାବଜାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ଚର୍ଚ୍ଚା ହେଉଛି। ଏପରିକି ପୁଲିସ ବିଭାଗର ଯେଉଁ ୧୧୨ ନମ୍ବର କାର୍ଯ୍ୟକରୁଛି ତାହା ମଧ ଗୁଣ୍ଡା, ବଦମାସ, ଅସାମାଜିକ ତଥା କଳା ବଜାରୀଙ୍କ ରିମୋର୍ଟରେ ପରିଚାଳିତ ହେଉଥିବା ଅଭିଯୋଗ ଉଠିଛି। ଯାହା ଓଡ଼ିଶା ପୁଲିସର କମିଶନରେଟ ବିଭାଗର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ମିଳିଥିବା ଅଭିଯୋଗ ଅନୁଯାୟୀ କଟକ ଜିଲ୍ଲା ଚୌଦ୍ୱାର ଥାନା ଅଞ୍ଚଳରେ ବେଆଇନ ପଥର ଓ ମୋରମ ମାଫିଆ ସକ୍ରିୟ ହୋଇ ଉଠିଥିବାବେଳେ ସ୍ଥାନୀୟ ପୁଲିସ ପ୍ରଶାସନ ସେମାନଙ୍କ ସହ ମଧୁଚନ୍ଦ୍ରିକା ସମ୍ପର୍କ ରଖି ପ୍ରୋତ୍ସାହିତ କରୁଛନ୍ତି। ଫଳରେ ଚୋରା କାରବାର ରୋକିବା ପାଇଁ ଯିଏ ବି ଉଦ୍ୟମ କରୁଛି ସେମାନଙ୍କ ଉପରେ ସ୍ଥାନୀୟ ପୁଲିସର ଆକ୍ରୋଶ ଭୋଗିବାକୁ ପଡୁଛି। ଏପରିକି ଅଞ୍ଚଳରେ ବେଆଇନ କାର୍ଯ୍ୟ ନେଇ ୧୧୨ରେ ସୂଚନା ଦେଲେ ମଧ ସୂଚନା ପ୍ରଦାନକାରୀଙ୍କ ନାମ ମାଫିଆମାନଙ୍କୁ ପୁଲିସ କହିଦେଉଥିବା ଭଳି ସଂଗୀନ ଅଭିଯୋଗ ଉଠିଛି। ଫଳରେ ସୂଚନା ପ୍ରଦାନକାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ତେବେ ଏ ନେଇ ଚୌଦ୍ୱାର ଥାନା ଅଧିନସ୍ଥ ଟିପିଏମ ଫାଣ୍ଡିରେ ମଧ ଏକ ଲିଖିତ ଅଭିଯୋଗ ହୋଇଛି। ତେବେ ଏ ନେଇ ଫାଣ୍ଡିରେ ହୋଇଥିବା ଅଭିଯୋଗକୁ ପୁଲିସ କେସ ନମ୍ବର ୪୬/୨୦୨୫ ରୁଜୁ କରିଥିବା ଜଣାପଡ଼ିଛି। ତେବେ ଅଭିଯୋଗ ଅନୁଯାୟୀ କଟକ ଜିଲ୍ଲା ଚୌଦ୍ୱାର ଥାନା ଅନ୍ତର୍ଗତ ଇନ୍ଦ୍ରାଣୀ ପାଟଣା ପାହାଡ଼ରୁ ବେଆଇନ ମୋରମ ଚାଲଣ ଚାଲିଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳ, ତହସିଲଦାର ଏବଂ ଖଣିଜ ବିଭାଗ ସମେତ ସ୍ଥାନୀୟ ଥାନାରେ ମଧ ଅଭିଯୋଗ କରିଥିଲେ। ଉକ୍ତ ପଞ୍ଚାୟତର ଜନସାଧାରଣ ଗତ ୨୦୨୪ ମସିହା ଡିସେମ୍ବର ମାସରେ ବିଭାଗୀୟ ଅଧିକାରୀଙ୍କ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା। ତେବେ ଏହାପରେ ଅଞ୍ଚଳରେ ଏଭଳି ବେଆଇନ କାର୍ଯ୍ୟ ଆହୁରି କ୍ଷିପ୍ରଗତିରେ ଚାଲିଲା। ଗତ ଜାନୁଆରୀ ୧୨ତାରିଖ ବିଳମ୍ବିତ ରାତିରେ ବିଭିନ୍ନ ଯନ୍ତ୍ରାଂଶ ଦ୍ୱାରା ମୋରମ ଖୋଳେଇ ଏବଂ ଚାଲଣ ଚାଲିଥିବାବେଳେ ଶବ୍ଦ ଯୋଗୁଁ ଲୋକେ ଶୋଇପାରିନଥିଲେ। ତେଣୁ କୌଣସି ଉପାୟ ନପାଇ ଉକ୍ତ ଗ୍ରାମର ପ୍ରଶାନ୍ତ କୁମାର ଦାସ ୧୧୨କୁ ଅଭିଯୋଗ କରିଥିଲେ। ତେବେ ଏହି କଲରେ ତାଙ୍କ ଠାରୁ ସମସ୍ତ ସୂଚନା ନେଇ ତାଙ୍କୁ ଏକ ଅଭିଯୋଗ ପଞ୍ଜିକରଣ ନମ୍ବର ପ୍ରଦାନ କରାଯାଇଥିଲା। ଏହାପରେ ଏକ ସ୍ୱତନ୍ତ୍ର ଟିମ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ବେଆଇନ ମୋରମ ଖନନ ଏବଂ ଚାଲଣରେ ବ୍ୟବହୃତ ଯନ୍ତ୍ରପାତି ଓ ଗାଡ଼ି ଜବତ କରିଥିଲେ। ଏହାପରେ ସ୍ଥାନୀୟ ପୁଲିସ କିଛି ସମୟ ପରେ ଜବତ ଯନ୍ତ୍ରପାତି ଓ ଗାଡ଼ିକୁ ଛାଡ଼ି ଦିଆଯିବା ପରେ ଅଭିଯୁକ୍ତମାନେ ପ୍ରଶାନ୍ତଙ୍କୁ ପ୍ରଥମେ ଟଙ୍କା ଯାଚି ତାଙ୍କ ସାଥିରେ ସାମିଲ ହେବାକୁ ପ୍ରବର୍ତ୍ତାଇଥିଲେ। ମାତ୍ର ପ୍ରଶାନ୍ତ ଏଭଳି କାର୍ଯ୍ୟକୁ ଘୃଣା କରୁଥିବା ଏବଂ ସେ କୌଣସି ଠାରେ ଅଭିଯୋଗ କରିନଥିବା କହିବାରୁ ସମ୍ପୃକ୍ତ ମୋରମ ମାଫିଆମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ମଧ ଧମକ ଦେଇଥିଲେ। ଏ ନେଇ ପ୍ରଶାନ୍ତ ସ୍ଥାନୀୟ ଟିପିଏମ ଫାଣ୍ଡିରେ ଅଭିଯୋଗ କରିବାରୁ ପୁଲିସ ଓଲଟା ପ୍ରଶାନ୍ତଙ୍କୁ ଫାଣ୍ଡିରେ ବସାଇ ରଖିଲା। ଏବଂ କିଛି ସମୟ ପରେ ମୋରମ ମାଫିଆମାନେ ଆସି ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ତେବେ ଚୌଦ୍ୱାର ଥାନା ଅଧିକାରୀ ପ୍ରଶାନ୍ତଙ୍କୁ ଥାନାକୁ ଡକାଇ ଓଲଟା ଦୁର୍ବ୍ୟବହାର କରିବା ସହ ଥାନାରେ ଦୀର୍ଘ ୫ଘଣ୍ଟାରୁ ଅଧିକ ସମୟ ଧରି ଅଟକ ରଖିଥିଲେ। ଶେଷରେ ଆଇଆଇସିଙ୍କ ସହ ଯୁକ୍ତିତର୍କ ହେବା ପରେ ପୁଲିସ ଉଭୟଙ୍କ ନାମରେ ପୃଥକ ପୃଥକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ତେବେ ସୂଚନା ଅନୁଯାୟୀ ୧୧୨ ନମ୍ବରକୁ ଅଭିଯୋଗ କଲେ ମାଫିଆମାନଙ୍କ ପାଖରେ ସୂଚନା ପ୍ରଦାନକାରୀଙ୍କ ନାମ ପ୍ରଘଟ କରାଯାଇ ସେମାନଙ୍କ ପରିବାରକୁ ବିପଦ ମୁଖକୁ ଠେଲିଦେବା ଏବଂ ଥାନା ଅଧିକାରୀ ଏଭଳି ବ୍ୟବହାର କରିବା ସମ୍ପୂର୍ଣ୍ଣ କମିଶନରେଟ ପୁଲିସର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

# ସିନାପାଲି ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ସିନାପାଲି, ୨/୨(ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ୬୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି । ଏ ଅବସରରେ ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଯତୀନ୍ଦ୍ର କୁମାର ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବଳଭଦ୍ର ମହାଉତି ଓ ସମ୍ମାନିତ ଅତିଥି ଭାବରେ କୋମନା ବିଇଓ ଅନିତା ପଣ୍ଡା, ଖଡ଼ିଆଳ ବିଇଓ କାହ୍ନୁଚରଣ ନାୟକ, ବୋଡ଼େନ ବିଇଓ ରୁଦ୍ରେଶ୍ୱର ମେହେର ଯୋଗଦାନ କରିଥିଲେ । ଶିକ୍ଷା ହିଁ ଏକ ସୁସ୍ଥ ସମାଜ ଗଠନର ମୂଳ ଆଧାର । ତେଣୁ ସମୁଚିତ ଶିକ୍ଷା ମାଧ୍ୟମରେ ସାଂପ୍ରତିକ ସମାଜକୁ ଆମ ସ୍ୱପ୍ନର ସମାଜ ଆଡ଼କୁ ଆଗେଇ ନିଆଯାଇ ପାରିବ ବୋଲି ଏ ଅବସରରେ ଅତିଥି ମାନେ ସାମୁହିକ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ମନୋରଞ୍ଜନ ମେହେର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ପ୍ରଧାନଶିକ୍ଷକ ଲଳିତ କୁମାର ସୁନାରୀ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ଏହାକୁ ଶିକ୍ଷକ ମହେଶ କୁମାର ମେହେର ଓ ଶିକ୍ଷୟିତ୍ରୀ ରଶ୍ମିପ୍ରଭା ମେହେର ପରିଚାଳନା କରିଥିଲେ । ସଭା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଏହାକୁ ଅନିଲ କୁମାର ସା ଓ କମଳଜିତ ବୈକାର ପରିଚାଳନା କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ମୁବାରକ ଖାଁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ସମର୍ପଣ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରଥମ ବାର୍ଷିକ ଉତ୍ସବ



କୋରେଇ, ୨/୨(ନି.ପ୍ର): ପବିତ୍ର ଗଣତନ୍ତ୍ର ଦିବସରେ ସମର୍ପଣ ସ୍ୱେଚ୍ଛାସେବୀ ସଂଗଠନ ର ପ୍ରଥମ ବାର୍ଷିକ ଉତ୍ସବ ଯାଜପୁର ରୋଡ ନିକଟସ୍ଥ ସଂସ୍କୃତି ଭବନ ରେ ବେଶ୍ ଧୁମ୍ ଧାମ ରେ ପାଳନ କରା ଯାଇଅଛି ।ଦିନହୀନ ଓ ଅସହାୟ ବ୍ୟକ୍ତିମାନଙ୍କୁ ସହଯୋଗର ହାତ ବଢାଉଥିବା ତଥା ପରିବେଶ ସୁରକ୍ଷା ନିମିତ୍ତ ଅଣ୍ଟା ଭିଡିଥିବା ଏଇ ଅନୁଷ୍ଠାନଟି ଖୁବ କମ ସମୟରେ ଅନେକ ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇପାରିଛି ।ତେବେ ଏହାର ପ୍ରଥମ ବାର୍ଷିକ ଉତ୍ସବରେ ସାମାଜିକ ସେବାରେ ନିୟୋଜିତ ଅନେକ ନିଷ୍ଠାପର ବ୍ୟକ୍ତିବିଶେଷ ଓ ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା ।ସଭାରେ ଅମିତ୍ କୁମାର୍ ଜେନା ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବରେ କୋରେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁ ଯୋଗ ଦେଇଥିଲେ, ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ବିଦ୍ୟାଧର ମହାନ୍ତି ଏବଂ ମଞ୍ଚାସିନ ଅତିଥି ଭାବେ ଭବ ପ୍ରସାଦ ଦାସ୍, ପୂର୍ବତନ ଜିଲ୍ଲାପରିଷଦ ହରେକୃଷ୍ଣ ସାହୁ, ପ୍ରସନ୍ନ ସାମଲ,ବ୍ୟାସନଗର ପୂର୍ବତନ ପୌରଧକ୍ଷା ସବିତା ରାଉତ, ରାଧେଶ୍ୟାମ ବେହେରା , କୋରେଇ ବ୍ଲକ କୃଷି ଅଧିକାରୀ କ୨ବିତା ବେହେରା କୋରେଇ ଏବଂ ଆହୁରି ଅନେକ ମାନ୍ୟଗନ୍ୟ ବ୍ୟକ୍ତି ଯଥା ମହାମାୟା ପ୍ରତାପ ସ୍ୱାଇଁ, ଆଲୋକ ମହାନ୍ତି, ଦୈତାରୀ ଧଳ, ବିଜୟ କୁମାର ବୋଇତାଇ, ବସନ୍ତ ଜେନା, ଲଭଲି ସାହୁ, ଶ୍ରୀମତୀ କାଜଲ ନାୟକ, ଶ୍ରୀଯୁକ୍ତ ନରହରି କୁଅଁର ଏହି ସଭାରେ ଯୋଗ ଦେଇଥିଲେ। ଶେଷ ରେ କୁନି କୁନି ପିଲା ମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ମୋହିତ କରିଥିବା ସ୍ଥଳେ , ସମର୍ପଣ ସ୍ୱେଚ୍ଛାସେବୀ ସଂଗଠନ ର ସଭାପତି ଶ୍ରୀ ନରହରି ଜେନା (ଆକାଶ) ସମସ୍ତ ଅତିଥି ଓ ପରିବାର ର ସଦସ୍ୟ ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଆମ୍ବପାଲି ପଞ୍ଚାୟତ ତରଫରୁ ତିଆରି ହେଉଥିବା ରାସ୍ତା କାମ ନିମ୍ନମାନ ଅଭିଯୋଗ



ବଲାଙ୍ଗୀର ୨/୨(ନି.ପ୍ର): ସଇଁତଳା ବ୍ଲକ ଅନ୍ତର୍ଗତ ଆମ୍ବପାଲି ପଞ୍ଚାୟତ ଅନ୍ତର୍ଗତ ଭେରୁଆଁଭଟା ଗାଁ ରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଅଛି। ଏହି ରାସ୍ତା କାମ ଆମ୍ବପାଲି ଗାଁ ର ସରପଞ୍ଚ ରମା ଛତ୍ରିଆଙ୍ଗ ସ୍ୱାମୀ ସୁବାଷ ଛତ୍ରିଆ ନିଜେ ଠିକା କରୁଛନ୍ତି। ଏବଂ କେବଳ ୪ ଟ୍ରିପ ବାଲିରେ ଗୋଟିଏ ଟ୍ରିପ ମେଟାଲ ପକାଇ ନିମ୍ନ ମାନର ରାସ୍ତା ନିର୍ମାଣ କରୁଥିବା ଦେଖି ନିମ୍ନ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାନୁସାରେ ପଞ୍ଚାୟତ ର ସିଏଫସି, ଏସଏଫସି ତରଫରୁ ଭେରୁଆଁଇଟା ବସ୍ତି ଠାରୁ ଆମ୍ବପାଲି ଗ୍ରାମକୁ ରାସ୍ତା ନିର୍ମାଣ କାର୍ଯ୍ୟ ପଞ୍ଚାୟତ ତରଫରୁ ଚାଲୁଅଛି ।ରାସ୍ତା ନିର୍ମାଣର ନିୟମ ଅନୁସାରେ ପ୍ରଥମେ ବାଲି ଏବଂ ମେଟାଲର ମିଶ୍ରଣ କରି ପାଣି ଦେଇ ରୁଲର ଚଳାଇବା ପରେ ରାସ୍ତା ନିର୍ମାଣ କରାଯିବା କଥା ।କିନ୍ତୁ ଚାରି ଟ୍ରିପ ବାଲିରେ ଗୋଟିଏ ଟ୍ରିପ ମେଟାଲ ମିଶ୍ରଣ କରାଯାଇ ରାସ୍ତା ଉପରେ ବିନା ପାଣି ଏବଂ ରୁଲର ନ ମଡ଼ାଇ ରାସ୍ତା ତିଆରି ହେଉଛି। ଯାହାକୁ ନେଇ ଗ୍ରାମବାସୀ ବାରମ୍ବାର ସରପଞ୍ଚ ଙ୍କ ନିକଟରେ ଅଭିଯୋଗ କଲେ ମଧ ସରପଞ୍ଚ ଶୁଣୁନଥିବା ଅଭିଯୋଗ ହେଉଛି ।ସେହିପରି ଗ୍ରାମବାସୀଙ୍କ କହିବା ଅନୁସାରେ ଗତ ବର୍ଷ ଉକ୍ତ ରାସ୍ତା ନିର୍ମାଣ କାମରେ ଲକ୍ଷାଧକ ଟଙ୍କା ବ୍ୟୟ କରାଯାଇଥିବା ବେଳେ କେବଳ ୨୦ ରୁ ୨୨ ଟିପ ମାଟି ଏବଂ ରୁଗୁଡ଼ି ପକାଇ ଠିକାଦାର ଜଣକ କାମ ସାରିଦେଇଥିଲେ ।ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ ଜିଲ୍ଲା ପ୍ରଶାସନ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

## ସମ୍ପାଦକୀୟ

# ରାଜ୍ୟରେ ବଢୁଛି ନିଶା କାରବାର

ଅତୀତର ଓଡ଼ିଶା ନିଶା କାରବାର ପାଇଁ ବିଖ୍ୟାତ ନ ଥିଲା ବା ବାହାରୁ ବିଭିନ୍ନ ପ୍ରକାର ନିଶା ସାମଗ୍ରୀ ଆମଦାନୀ ଓ ରପ୍ତାନୀ କରିବାରେ ଅପଖ୍ୟାତି ଅର୍ଜନ କରିନଥିଲା। ଦିନଥିଲା ଯେତେବେଳେ ରାଜ୍ୟର ଅବକାରୀ ଉପାର୍ଜନ ୧୦୦୦ କୋଟି ଟଙ୍କା ମଧ୍ୟରେ ଆବଦ୍ଧ ଥିଲା। କିନ୍ତୁ ଏହା ବଢ଼ିବାରେ ଲାଗିଛି ଏବଂ ପ୍ରତିବର୍ଷ ବଢ଼ିବାରେ ଲାଗିଛି ଏବଂ ପୂର୍ବ ଉପାର୍ଜନଠାରୁ କେତେଗୁଣ ଅଧିକ ମଧ୍ୟ ହୋଇସାରିଛି। ଯଦି ପ୍ରଶାସନ ପ୍ରୟାସ କରୁଛି ନିଶା କାରବାର ମାଧ୍ୟମରେ ଅଧିକ ଅବକାରୀ ଉପାର୍ଜନ ହେବ ଏବଂ ସରକାରଙ୍କ ତହବିଲକୁ ଅଧିକ ଉପାର୍ଜନ ଆସିବ ତେବେ ଏହି ଉଦ୍ୟମ ଯେ, ଲୋକଶକ୍ତିକୁ ମନ୍ଦ ବାଟରେ ନେବା, ତାହା ଭାବିବା ଉଚିତ୍। ଅପକର୍ମ, ଦୁଷ୍କର୍ମ, ବିଭିନ୍ନ ପ୍ରକାର ଜାଲିଆତି ଏବଂ ରାଜ୍ୟ ଭିତରେ ଗଂଜେଇ, ଅଫିମ, ହାଣ୍ଡିଆ, ମଦବିକ୍ରି ଦ୍ୱାରା ଅବକାରୀ ଆୟ ବଢ଼ିବ। ଅନେକ ସମାଜସେବୀ ଗତ ୧୦ ବର୍ଷ ମଧ୍ୟରେ ସାରା ରାଜ୍ୟରେ ନିଶା ନିବାରଣ କରିବା ଉଦ୍ଦେଶ୍ୟରେ ଅନେକ ଉଦ୍ୟମ କରି ଆସୁଛନ୍ତି। ଏପରିକି ଅନେକ ସ୍ଥାନରେ ମଦଭାଟି ଖୋଲି ସ୍ଥାନୀୟ ଲୋକଙ୍କୁ ମଦ୍ୟପାନ କରିବା ସକାଶେ ଅଧିକ ପ୍ରଚାର କରିବା ଯୋଗୁ ଗ୍ରାମାଂଚଳ ଓ ସହରରେ ମଧ୍ୟ ମଦ୍ୟପାନ କରିବା ସକାଶେ ଅଧିକ ପ୍ରଚାର କରିବା ଯୋଗୁଁ ଗ୍ରାମାଂଚଳ ଓ ସହରରେ ମଧ୍ୟ ମଦ୍ୟପାନ ବଢ଼ିଚାଲିଛି। ଏହି ପ୍ରତିକୂଳ ପ୍ରଭାବ ଦ୍ୱାରା ଦିନକୁ ଦିନ ଲୋକଚରିତ୍ର ଖରାପ ହେଉଛି ଏବଂ ମଦ୍ୟପାନ ବଢୁଛି। ବ୍ରାଉନସୁଗାର ସବୁଠାରୁ ଅଧିକ ଉତ୍କଟ କ୍ଷତିକାରକ ଏବଂ ବ୍ୟୟସାପେକ୍ଷ। ଗତ ୨ ବର୍ଷ ଧରି ଏତେ ବହୁଳ ଭାବରେ ବ୍ରାଉନସୁଗାର ଓଡ଼ିଶା ବଜାରରକୁ ଆସୁଛି ଯେ, ଏହାଦ୍ୱାରା ଅଧିକରୁ ଅଧିକ ଯୁବକ ବ୍ରାଉନସୁଗାର ଆଡ଼କୁ ଆକର୍ଷିତ ହେଉଛନ୍ତି। ଚୋରା କାରବାର ବଢ଼ିଚାଲିଛି। କେତେବେଳେ ଏହା କଲିକତା ଆଡୁ ଏବଂ ଆଉ କେତେବେଳେ ବାଂଲାଦେଶ ବା ମୁମ୍ବାଇ ଆଡୁ ଏହି କ୍ଷତିକାରକ ବ୍ରାଉନସୁଗାର ଆସି ଯୁବକମାନଙ୍କୁ ୨୪ ଘଂଟା ମାତାଲ କରି ରଖୁଛି। ଏହାଦ୍ୱାରା ସେମାନଙ୍କର ଶାରୀରିକ, ମାନସିକ ଏବଂ ବୌଦ୍ଧିକ କ୍ଷତି ଏବେ ବଢୁଛି। ପ୍ରତିଦିନ କିପରି ବ୍ରାଉନସୁଗାର କାରବାର ଯୁବକମାନଙ୍କୁ ତଥା ମଦ୍ୟପମାନଙ୍କୁ ଅଧିକରୁ ଅଧିକ ଆକର୍ଷିତ କରୁଛି ସେ ସବୁର ଇତିବୃତ୍ତି ଖବରକାଗଜମାନଙ୍କରେ ପ୍ରକାଶ ପାଉଛି। ଅବଶ୍ୟ ଅବକାରୀ ବିଭାଗର କର୍ମଚାରୀମାନେ ଅନେକ ବ୍ରାଉନସୁଗାର ବେପାରୀଙ୍କୁ ଧରୁଥିଲେ ମଧ୍ୟ ସେମାନେ କିପରି କୁଆଡେ ପଳେଇ ଯାଉଛନ୍ତି ତାହାର ତଥ୍ୟ ମିଳୁନାହିଁ। ଗଂଜେଇ ଆଉ ଏକ ମାଧ୍ୟମ ଯାହା ଓଡ଼ିଶାର ଦକ୍ଷିଣ ଅଂଚଳରେ ଚାଷ କରାଯାଏ ଏବଂ ଏହା ଯେ ଏକ ପ୍ରକାରର ନିଶା ତାହା ନିଶାଗ୍ରସ୍ତଙ୍କୁ ଅଧିକରୁ ଅଧିକ ଆକର୍ଷିତ କରୁଛି। ବାଲେଶ୍ୱର, ମୟୂରଭଞ୍ଜ, ରାଉରକେଲା ବାଟଦେଇ କେତେବେଳେ ଏହି ବେପାରୀମାନେ ବେଆଇନ ଭାବେ ବିଭିନ୍ନ ସୂତ୍ରରେ ନିଶାଦ୍ରବ୍ୟ ଓଡ଼ିଶାର ଗୋଟିଏ ଦିଗରୁ ଆଉ ଗୋଟିଏ ଦିଗକୁ ନେଉଛନ୍ତି। ତାହା ପୋଲିସ ବା ଅବକାରୀ ବିଭାଗକୁ ଆଚମ୍ବିତ କରିଦେଉଛି। ଏହିପରି ଦକ୍ଷିଣ ଭାରତରୁ ମଧ୍ୟ ଅନେକ ଦ୍ରବ୍ୟ ଆଇନର ବାଡ଼ବତା ଭାଙ୍ଗି ଆସୁଛି। ଓଡ଼ିଶା ଭତରକୁ ନାନାଦି ନିଶାଦ୍ରବ୍ୟ ଆଣିବା ଦ୍ୱାରା ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି। ସାମାଜିକ କ୍ଷେତ୍ରରେ ବ୍ରାଉନସୁଗାର ଅନେକ ଯୁବକଙ୍କୁ ୨୪ ଘଂଟା ମୋହଗ୍ରସ୍ତ କରିବା ଦ୍ୱାରା ସେମାନଙ୍କର ବର୍ତ୍ତମାନ ଏବଂ ଭବିଷ୍ୟତ ସେମାନଙ୍କ ଅଜ୍ଞାତରେ ନଷ୍ଟ ହେଉଛି। ଗଂଜେଇ ଚାଷ ବର୍ତ୍ତମାନ ଏକ ସାଧାରଣ ବ୍ୟବସାୟ ହୋଇଗଲାଣି ତାହା ଯଦି ଏପରି ଚାଲେ ତେବେ ସେମାନେ ଆଉ ବିଧିବିଧାନ ନ ମାନି ଆଇନ ଭାଙ୍ଗିବା ପାଇଁ ବାଟ ଖୋଜିବେ।

# ମହାକବି ସଚ୍ଚି ରାଉତରାୟ

ଶାସ୍ତ୍ରୀୟ ଗୌରବ ଲାଭ କରିଥିବା ଓଡ଼ିଆ ଭାଷା ଓ ତା'ର ସାହିତ୍ୟକୁ ବିକାଶ ପଥରେ ଆଗେଇ ନେବାରେ ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଅନେକ ଯୋଗଜନ୍ମା ସାଧକ ସେମାନଙ୍କ ସାଧନା ବଳରେ ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରିଛନ୍ତି। ପଂଚସଖା ବଳରାମ, ଜଗନ୍ନାଥ, ଯଶୋବନ୍ତ, ଶିଶୁ ଅନନ୍ତ, ଅଚ୍ୟୁତାନନ୍ଦ କୁହନ୍ତୁ ବା ଭଞ୍ଜ ଏବଂ ଭକ୍ତିଭାବର ଦୀନକୃଷ୍ଣ, ଅଭିମନ୍ୟୁ ଗୋପାଳକୃଷ୍ଣ ଆଦି ସମସ୍ତଙ୍କର ଅଦମ୍ୟ ସାଧନାର ଫଳଶ୍ରୁତି ହେଉଛି ଓଡ଼ିଆ ସାହିତ୍ୟର ଭଣ୍ଡାର। ଏହାର ଶ୍ରୀବୃଦ୍ଧି କରାଇବାରେ 'କୀରମୋହନ, କାଳନ୍ଦୀଚରଣ, କାହ୍ନୁଚରଣ ଆଦି ଯେପରି ପ୍ରୟାସ କରିଛନ୍ତି ସେହିପରି ଭକ୍ତକବି ମଧୁସୂଦନ, ମାୟାଧର ମାନସିଂହ କାବ୍ୟ କବିତାର ଧାରା ଛୁଟାଇ ସେହି ସ୍ରୋତକୁ ଆଗକୁ ଆଣିଛନ୍ତି। ସେହି ସମୟରେ ଅନ୍ୟତମ ସାଧକ ସଚ୍ଚିଦାନନ୍ଦ ରାଉତରାୟ କବିତା ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ଯେଉଁ ଅମୂଲ୍ୟ ସଂପଦ ଦାନ କରିଦେଇ ଯାଇଛନ୍ତି ତାହା ତାଙ୍କର ସାଧନା, ନିଷ୍ଠା ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅବଦାନକୁ ମୂଲ୍ୟାଙ୍କନ କରୁଅଛି। ପରାଧୀନ ଭାରତରେ ଜନ୍ମଗ୍ରହଣ କରି ମାତୃଭୂମିର ମର୍ମବେଦନାକୁ ଅନୁଭବ କରି ସଚ୍ଚିଦାନନ୍ଦ ଦେଶପ୍ରେମ ସ୍ରୋତରେ ଅବଶ୍ୟ ଅବଗାହନ କରିଛନ୍ତି ଏଥି ସହିତ ମାତୃଭୂମି ଓଡ଼ିଶାର ସ୍ୱତନ୍ତ୍ରତା ବିଶେଷ କରି ଓଡ଼ିଆ ଭାଷା ସାହିତ୍ୟର ମର୍ଯ୍ୟାଦା ରକ୍ଷା କରିବା ଦିଗରେ ଆଜୀବନ ସାଧନାରେ ସଫଳ ହୋଇଛନ୍ତି। ତାଙ୍କ ରଚିତ 'ଛୋଟ ମୋର ଗାଁଟି', 'ବାଜି ରାଉତ' ତାଙ୍କୁ ଯେତିକି ଖ୍ୟାତି ଦେଇଛି ସେତିକି ସେ ଦେଶ ବିଦେଶରେ ପରିଚିତ ହୋଇଛନ୍ତି। ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ସେ ଏ ପୃଥିବୀର ଅନେକ ଦେଶରେ ପହଂଚିଛନ୍ତି। ସେଠାରେ ଆୟୋଜିତ ସେମିନାର ଆଦିରେ ଅଂଶଗ୍ରହଣ ପୂର୍ବକ ଓଡ଼ିଆ ଭାଷା ସାହିତ୍ୟର ପ୍ରାଚୀନତା, ଗୌରବ ଓ ଗରିମା ବିଷୟରେ ବିଶ୍ୱବାସୀଙ୍କୁ ଜଣାଇଛନ୍ତି। ବିଶ୍ୱର ପ୍ରମୁଖ ଦେଶମାନଙ୍କରେ ଓଡ଼ିଆ ଭାଷାର ଆଦର ଓ ସମୃଦ୍ଧି ପାଇଁ ତାଙ୍କର ଏହି ପ୍ରଚେଷ୍ଟା କିଛି କମ୍ ନୁହେଁ। ନିଜର ସୃଜନଶୀଳ ପ୍ରତିଭାକୁ ପ୍ରଦର୍ଶନ କରିବା ସଂଗେ ସଂଗେ ସେ ଦେଶ ତଥା ଦେଶବାସୀଙ୍କର ଯେଉଁ ସେବା କରିଯାଇଛନ୍ତି ତାହା ଅବର୍ଣ୍ଣନୀୟ। ଏପରି ପ୍ରତିଭାଶାଳୀ ବ୍ୟକ୍ତିଙ୍କର ଗୁଣଗାନ କରାଯିବା, ତାଙ୍କ ସ୍ମୃତିରେ କିଛି ଆୟୋଜନ କରାଯିବା ସେପରି ବଡ଼ କଥା ନୁହେଁ। ତାଙ୍କ ବିଷୟରେ କିଛି ଲେଖିବା ମଧ୍ୟ ସାଧାରଣ କଥା, ସେ ଯେଉଁ ସାହିତ୍ୟ ସର୍ଜନା କରିଯାଇଛନ୍ତି ଯାହାକୁ ନେଇ ଆଜି କେବଳ ଓଡ଼ିଶାରେ ନୁହେଁ ଓଡ଼ିଶା ବାହାରେ ଅନେକ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗବେଷଣା କରୁଛନ୍ତି ଓ ଆଗକୁ ମଧ୍ୟ କରିବେ ସେପରି ପ୍ରତିଭାଙ୍କର ଯଥାର୍ଥ ମୂଲ୍ୟାଙ୍କନ କରାଯିବା କଷ୍ଟକର। ସମୟ ସ୍ରୋତରେ ଅନେକ କିଛି ଅତିବାହିତ ହୋଇଯାଇଥାଏ। ଅନେକ ପୃଥିବୀ ପୃଷ୍ଠକୁ ଆସି ସେମାନଙ୍କର କର୍ମ ଶେଷ କରି ଚାଲିଯାଆନ୍ତି ମାତ୍ର ଏପରି କେତେକ ବ୍ୟକ୍ତି ସେମାନଙ୍କ କାର୍ଯ୍ୟ ଦ୍ୱାରା କାଳ କାଳକୁ ଅମର ହୋଇଯାଆନ୍ତି ସେମାନଙ୍କର ଚିନ୍ତା ଚେତନା ବିଚାର ଓ ସୃଜନଶୀଳତା ଯୋଗୁଁ। କଳାନ୍ତରରେ ଲୋକେ ସେହି ଦିବ୍ୟ ପୁରୁଷକୁ ମନେ ପକାଇଥାନ୍ତି ତାଙ୍କର କୃତି କୀର୍ତୀକୁ ମନେ ପକାଇ ନିଜକୁ ଧନ୍ୟ ମନେ କରୁଥାନ୍ତି। ଏପରି ସାହିତ୍ୟ ସାଧକ କବି ସଚ୍ଚିଦାନନ୍ଦ ରାଉତରାୟ ଅମର ହୋଇ ରହିଯାଇଛନ୍ତି।

କବିଙ୍କର ଜନ୍ମ ୧୯୧୩ ମସିହା ମଇ ମାସ ୧୩ ତାରିଖରେ ଖୋର୍ଦ୍ଧାର ଗୁରୁଜଙ୍ଗ ଗ୍ରାମରେ ହୋଇଥିଲା। ବୀର ମାଟି ଖୋରଧା କୋଳରେ ଜାତ ହୋଇ ସଚ୍ଚିଦାନନ୍ଦ ତାଙ୍କ ବୀରତ୍ୱର ପରାକାଷ୍ଠାକୁ ପ୍ରତିପାଦିତ କରିଛନ୍ତି। କବିଙ୍କର ଜେଜେବାପା ଥିଲେ ଦେୱାନ। ସେହି କାରଣରୁ କବିଙ୍କ ଘରକୁ ଦିଆନ ଘର ଓ ସାହିକୁ ଦିଆନସାହି ଭାବେ ନାମକରଣ କରାଯାଇଛି। ଦେବାନ୍ ମଧୁସୂଦନ ରାଉତରାୟଙ୍କ ପୁଅ ବିଶିଷ୍ଟ ମୁକ୍ତାର ଓ କଂଗ୍ରେସ ନେତା ପ୍ରସନ୍ନ କୁମାର ରାଉତରାୟ। ବାପା ଓ ଜେଜେବାପାଙ୍କ ଆଦର୍ଶରେ କବି ସଚ୍ଚିରାଉତରାୟଙ୍କ ଜୀବନ ଆରମ୍ଭ ହୋଇଥିଲା ଏବଂ ସେହି ଆଦର୍ଶକୁ ସେ ସାରାଜୀବନ ପାଳନ କରିଯାଇଥିଲେ। ୧୯୩୦ ଲବଣ ସତ୍ୟାଗ୍ରହ ସମୟରେ ମହାତ୍ମାଗାନ୍ଧୀଙ୍କ ବିଚାର ଦ୍ୱାରା ପ୍ରଭାବିତ ହୋଇଥିଲେ। ଗାନ୍ଧିଜୀଙ୍କ ସତ୍ୟ ଅହିଂସା ସ୍ୱଦେଶୀ ତାଙ୍କୁ ଅଭିଭୂତ କରିଥିଲା। ଠିକ୍ ସେହିପରି କଲିକତାରେ ଅବସ୍ଥାନ କାଳରେ ସେ ବାମପନ୍ଥୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହେଲେ। କାର୍ଲମାକ୍ସ, ଲେନିନ୍, ଟ୍ରଟସ୍କି ଆଦିଙ୍କ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିଲେ। ପୁଞ୍ଜିବାଦ ବିରୋଧ ଲଢ଼େଇରେ ସେ ଜଣେ ଯୋଦ୍ଧା ହୋଇପାରି ନ ଥିଲେ ସତ ମାତ୍ର ସାମ୍ୟବାଦର ପ୍ରତିଷ୍ଠା ଓ ଖଟିଖିଆ ଦିନ ମଜୁରିଆ, ସାଧାରଣ ଜନତାର ସେ ସ୍ୱର ହୋଇପାରିଥିଲେ। ତାଙ୍କର କବିତା ଗଳ୍ପ ଆଦିରେ ସେହି ଦିନ ଦୁଃଖୀମାନଙ୍କର ଚରିତ୍ର ଚିତ୍ରଣ ସେ ଏପରି ଭାବରେ କରୁଥିଲେ ଯେପରି ତାର ନିଚ୍ଛକ ଛବି ପ୍ରତିୟମାନ ହେଉଥିଲା।

ଜୀବନର ପ୍ରାକ୍ କାଳରେ ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ଖୋର୍ଦ୍ଧା, ଯାଜପୁର, ବାଙ୍କୀ, ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କରି ଶେଷରେ କଲିକତାରୁ ମାଟ୍ରିକୁଲେସନ ପାସ୍ କରି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ପରେ କଲିକତା ସିଟି କଲେଜରୁ ଆଇ.ଏ ପାସ୍

**ଡାକ୍ତର ରବି ରଞ୍ଜନ ସାହୁ**

କଲେ। କଟକ ରେଭେନ୍ସା କଲେଜରେ ବି.ଏ ପାସ୍ କରି ଅଧିକ ଅଧ୍ୟୟନ ପାଇଁ ଆଗ୍ରହ ଥିଲେ ମଧ୍ୟ ପାରିବାରିକ ସମସ୍ୟା କବିଙ୍କୁ ଚାକିରି କରିବାକୁ ବାଧ୍ୟ କରିଥିଲା। କଲିକତାର କେମୋରାୟ କଟନ୍ ମିଲ୍‌ରେ ଶ୍ରମ ମଙ୍ଗଳ ଅଧିକାରୀ ଭାବରେ ସେ ଦୀର୍ଘ ବର୍ଷ କାର୍ଯ୍ୟ କରିଥିଲେ। ପିଲାଦିନରୁ ସାହିତ୍ୟ ପ୍ରତି ତାଙ୍କର ଆଗ୍ରହ ପ୍ରକାଶ ପାଇଥିଲା। ୧୯୨୭ ମସିହାରେ ତାଙ୍କର ପ୍ରଥମ କବିତା 'ପଂଚାମୃତ' ପତ୍ରିକାରେ ପ୍ରକାଶ ପାଇଲା। ଛାତ୍ର ଜୀବନରୁ ବିପ୍ଳବୀ ଚିନ୍ତାଧାରା, ଗାନ୍ଧୀ ଆଦର୍ଶ ତଥା ଖଦୀ ପିନ୍ଧିବା ପ୍ରତି ଆସକ୍ତ ହୋଇ କବି ସଚ୍ଚିରାଉତରାୟ ଅସରନ୍ତି କବିତା ରଚନା କରିଛନ୍ତି। ରେଭେନ୍ସାରେ ଛାତ୍ର ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇ ଗିରଫ ହୋଇଛନ୍ତି। ଗଡ଼ଜାତ ପ୍ରଜା ଆନ୍ଦୋଳନ, କୃଷକ ଆନ୍ଦୋଳନରେ ତାଙ୍କର ଯୋଗଦାନ ରହିଥିଲା। ଛାତ୍ରଛାତ୍ରୀ, ଚାଷୀ ମୂଲିଆଙ୍କ ସ୍ୱାର୍ଥ ରକ୍ଷା ପାଇଁ ତାଙ୍କର କାର୍ଯ୍ୟ ପ୍ରଶଂସନୀୟ ଥିଲା। ଏହା ତାଙ୍କର ପ୍ରତ୍ୟେକଟି ଲେଖାରେ ପ୍ରତିୟମାନ ହୋଇଛି। ଖଟିଖିଆ ଶ୍ରେଣୀ ସର୍ବ ହରାଇ ଜୀବନ ଯନ୍ତ୍ରଣାକୁ ଭାଷାରେ ପ୍ରକାଶ କରି ସେ ଓଡ଼ିଆ ଜାତିର ଅଶେଷ କଲ୍ୟାଣ ସାଧନ କରିଯାଇଛନ୍ତି।

ଶିଳ୍ପପତି ଅପ୍ପାରାଓଙ୍କ କନ୍ୟା ଭୂଦେବୀଙ୍କୁ ବିବାହ କଲାପରେ କବିଙ୍କ ଜୀବନରେ ପରିବର୍ତ୍ତନ ହୋଇଥିଲା। ସେ ତାଙ୍କର କାର୍ଯ୍ୟକୁ ଓଡ଼ିଶା ମଧ୍ୟରେ ସୀମିତ ନ ରଖି ଦେଶ ତଥା ବିଦେଶକୁ ପ୍ରସାରିତ କଲେ। କବିଙ୍କ ରାଜନୀତିକ ଅଭିଳାଷ କିନ୍ତୁ ସାର୍ଥକ ହୋଇପାରି ନ ଥିଲା। ସ୍ୱାଧୀନ ଭାରତରେ ସେ ସକ୍ରିୟ ରାଜନୀତିରେ ପ୍ରବେଶ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ତାହା ହୋଇପାରିଲା ନାହିଁ। ୧୯୬୧ ନିର୍ବାଚନରେ ସଚ୍ଚିଦାନନ୍ଦ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ ମଧ୍ୟ ସେଠାରେ ପରାଜିତ ହୋଇଥିଲେ। ଲୋକସଭା କି ରାଜ୍ୟସଭାକୁ ଯିବାକୁ ଅନେକ ଥର ଉଦ୍ୟମ କରି ବିଫଳ ହୋଇଥିଲେ। କବି ତାଙ୍କ ଆତ୍ମଜୀବନୀ 'ଉତରକକ୍ଷ'ରେ ଏହି କ୍ଷୋଭ ପ୍ରକାଶ କରିଛନ୍ତି। ଅନେକ ପ୍ରଦେଶରୁ ରାଷ୍ଟ୍ରପତି ତାଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ କବି, ଲେଖକ, କଳାକାରମାନଙ୍କୁ ରାଜ୍ୟସଭାକୁ ମନୋନୀତ କରୁଥିଲେ ମଧ୍ୟ ଓଡ଼ିଶାରୁ ଏପରି ଜଣେ ହେଲେ ବ୍ୟକ୍ତିକୁ ମନୋନୀତ କରିନାହାନ୍ତି। ଏହା କବିଙ୍କୁ ଯେତିକି ମର୍ମାହତ କରିଛି ସେତିକି ଓଡ଼ିଶାପ୍ରତି ମଧ୍ୟ ଅସମ୍ମାନଜନକ। ଏଥିରୁ ଏହା ପ୍ରତୀୟମାନ ହେଉଛି ଯେ ଓଡ଼ିଶାରେ ବୋଧ ହୁଏ ଏପରି ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତି ନାହାନ୍ତି। ମାତ୍ର କବି ସଚ୍ଚିଦାନନ୍ଦ ଥିଲେ ତାର ବ୍ୟତିକ୍ରମ। ଉଚ୍ଚକୋଟୀର ସାହିତ୍ୟ ବଳରେ ସେ ୧୯୬୨ ମସିହାରେ ଦେଶର ବିଶିଷ୍ଟ ସମ୍ମାନ ପଦ୍ମଶ୍ରୀ ଲାଭ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ସାହିତ୍ୟ ଭାରତୀ, ପ୍ରାଣନାଥ ସମ୍ମାନ ଏପରିକି ୧୯୮୬ରେ କବିଙ୍କୁ ସାହିତ୍ୟର ସବୁଠୁ ମର୍ଯ୍ୟାଦାଜନକ ସମ୍ମାନ 'ଜ୍ଞାନପୀଠ' ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ହୋଇଥିବା କବି ସଚ୍ଚି ରାଉତରାୟଙ୍କୁ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡ଼ିଲିଟ୍ ଉପାଧି ପ୍ରଦାନ କରାଯାଇଥିଲା। 'ଅମୃତ ବଜାର' ପତ୍ରିକାର ସ୍ତମ୍ଭକାର ଭାବେ କବି ସଚ୍ଚି ରାଉତରାୟ ତାଙ୍କର ଉପାଦେୟ ବିଚାର ବ୍ୟକ୍ତ କରି ରାଜ୍ୟ ତଥା ଦେଶରେ ଖ୍ୟାତି ଅର୍ଜନ କରିଛନ୍ତି। ଏହି କାରଣରୁ ସେ ସର୍ବଜନ ବିଦିତ ହୋଇପାରିଛନ୍ତି।

ଆମେରିକା, ୟୁରୋପ, ଇଂଲଣ୍ଡ, ପୋଲାଣ୍ଡ, ଋଷିଆ, ଥାଇଲାଣ୍ଡ, ବାଙ୍ଗଲାଦେଶ, ଅଷ୍ଟ୍ରେଲିଆ, ଚେକେସ୍ଲୋଭିଆ ଆଦି ବିଶ୍ୱର ଅନେକ ଦେଶରେ ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପାଇଁ ସେ ଉଦ୍ୟମ କରିଛନ୍ତି। ସେଠାରେ ଆୟୋଜିତ ସେମିନାରମାନଙ୍କରେ ଯୋଗ ଦେଇ ନିଜର ଜ୍ଞାନର ପରିଚୟ ଦେବା ସହିତ ଓଡ଼ିଆର ଶ୍ରୀବୃଦ୍ଧି କରାଇଛନ୍ତି। ସେହିପରି ଓଡ଼ିଶାର ବିଛିନ୍ନାଞ୍ଚଳରେ ମଧ୍ୟ ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ତାଙ୍କର ଉଦ୍ୟମ କିଛି କମ୍ ନ ଥିଲା। ସାହିତ୍ୟର ପ୍ରତ୍ୟେକ ବିଭାଗରେ ଲେଖନୀ ଚାଳନା କରିବାରେ ସିଦ୍ଧହସ୍ତ ସଚ୍ଚି ରାଉତରାୟ କିନ୍ତୁ ଜଣେ ଆଗଧାଡ଼ିର କବି ଭାବରେ ସ୍ୱୀକୃତ। ତାଙ୍କର ପ୍ରସିଦ୍ଧ କବିତା ସଂକଳନ 'ପଲ୍ଲୀଶ୍ରୀ' ଏକଦା ପାଠ୍ୟକ୍ରମରେ ସ୍ଥାନ ପାଇଥିଲା। 'ବାଜିରାଉତ' ଇଂରାଜୀ ଭାଷାରେ ଅନୁବାଦ ହୋଇ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲାବେଳେ 'ପାଥେୟ', 'ପୂର୍ଣ୍ଣମା', 'ଅଭିଯାନ', 'ପାଣ୍ଡୁଲିପି', 'କବିତା-୧୯୬୨', 'ଏସିଆର ସ୍ୱପ୍ନ' ଆଦି କବିତା ସଂକଳନ କବିଙ୍କ ବହୁମୁଖୀ ପ୍ରଜ୍ଞାର ପରିଚୟ। ସେହିପରି କବିଙ୍କ ରଚିତ ଏକମାତ୍ର ଉପନ୍ୟାସ 'ଚିତ୍ରଗୀବ' ଯାହା ୧୯୨୬ ମସିହାରେ ରଚିତ ହୋଇଥିଲା ତାହା ଓଡ଼ିଆ ସାହିତ୍ୟର ଏକ ଭିନ୍ନ ସ୍ୱର। 'ମଶାଣିର ଫୁଲ', 'ମାଟିର ଗନ୍ଧ', 'ଛାଲ', 'ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ ଏବଂ 'ନୂତନ ଗଳ୍ପ' ଗଳ୍ପ ସଂକଳନଗୁଡ଼ିକ କଳାକାର ସଚ୍ଚିଦାନନ୍ଦଙ୍କ ପରିଚୟ ପ୍ରଦାନ କରେ। ପ୍ରବନ୍ଧ ଓ ସମାଲୋଚନ କ୍ଷେତ୍ରକୁ କବିଙ୍କର ପ୍ରବେଶ ଥିଲା। 'ପ୍ରେମ ଓ ପଣ୍ୟ' ୧୯୩୫ ମସିହାରେ ଲେଖିଥିଲେ। ସେହିପରି 'ସାହିତ୍ୟ ବିଚାର ଓ ମୂଲ୍ୟବୋଧ', 'ସାହିତ୍ୟର କେତେକ ଦିଗ' ତାର ଅନ୍ୟତମ ସମାଲୋଚନା ଗ୍ରନ୍ଥ। କବିଙ୍କର ଆତ୍ମଜୀବନୀ 'ଉତ୍ତର କକ୍ଷ' ଦୁଇ ଭାଗରେ ପ୍ରକାଶିତ। ଏହା ଯେତିକି ଘଟଣାବହୁଳ ସେତିକି ଶିକ୍ଷଣୀୟ। କବିଙ୍କୁ ଅନ୍ୟତମ ପ୍ରାବନ୍ଧିକ ଓ ସମାଲୋଚକ ପଠାଣି ପଟ୍ଟନାୟକ ଯଥାର୍ଥରେ 'କବିମାନଙ୍କର କବି' ବୋଲି କହିଛନ୍ତି। ସଚ୍ଚିଦାନନ୍ଦ ରାଉତରାୟ ଆମ ସମୟର ଜଣେ ପ୍ରଥିତଯଶା, କାଳଜୟୀ ସାହିତ୍ୟ ସ୍ରଷ୍ଟା। ତାଙ୍କର ଦେହାବସାନ ୨୦୦୪ ମସିହା ଅଗଷ୍ଟ ୨୧ରେ କଟକରେ ହୋଇଥିଲା।

**ଚାନ୍ଦିନୀଚୌକ, କଟକ-୨**

# ଆଫଗାନିସ୍ତାନର ପତନ ଓ ତାଲିବାନର ଉତ୍ଥାନ-ସମ୍ଭାବ୍ୟ ପରିଣାମ

**ଆ**ଫଗାନିସ୍ତାନର ଜଣେ ଯୁବ ଅଭିନେତ୍ରୀ (ନିଜ ନାମକୁ ଗୋପନ ରଖି) ପ୍ରକାଶ କରିଛନ୍ତି ଯେ, ଆଫଗାନିସ୍ତାନ ମହିଳାମାନଙ୍କୁ ସର୍ବଦା ତାଲିବାନ ଶାସନ ଠାରୁ ନିର୍ଯ୍ୟାତନା ଭୋଗିବାକୁ ପଡୁଛି। ସେମାନଙ୍କୁ ତାଲିବାନି ଇସ୍‌ଲାମି ନିୟମ (ଯାହା ପ୍ରକୃତ ଇସଲାମ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ) ଅନ୍ତର୍ଗତ ବିଭିନ୍ନ ମୌଳିକ ଅଧିକାର ଯଥା, ସ୍ୱାଛନ୍ଦରେ ଯିବାଆସିବା, ଶିକ୍ଷା ଓ ମନମୁତାବକ ପୋଷାକ ପିନ୍ଧିବାରୁ ବାରଣ କରାଯାଇଥାଏ। ଗଣତନ୍ତ୍ରକୁ ଉପଭୋଗ କରିବା ପରେ ତାଲିବାନର ଅନ୍ଧାରମୁଖି ଶାସନ ବ୍ୟବସ୍ଥାରେ ଏହିପରି ଆଫଗାନ ଯୁବତୀମାନଙ୍କ ଜୀବନ ଆତ୍ମହତ୍ୟା ତୁଲ୍ୟ ହେବ। ଭାରତରେ ଟେଗୋରଙ୍କ କାବୁଲିବାଲା ଗପକୁ ପ୍ରାୟ ସମସ୍ତେ ପଢ଼ିଥିବେ। ଉକ୍ତ ଗଳ୍ପରେ କାବୁଲ୍‌ର ଜଣେ ବ୍ୟକ୍ତି ଗୋଟାଏ ଛୋଟ ଝିଅକୁ ସବୁଦିନ ମାଗଣାରେ କାଜୁ କିସ୍‌ମିସ୍ ଦେଉଥିଲେ। କାରଣ ସେ କୁନି ଝିଅଟି କାବୁଲିବାଲାକୁ ତା'ର ନିଜ ଝିଅର ମନେ ପକାଇ ଦେଉଥିଲା। କିନ୍ତୁ ତାଲିବାନ ଶାସନରେ କାବୁଲିବାଲାର ଝିଅ ଆଉ କେବେ ବଡ଼ ହୋଇପାରିବ ନାହିଁ।

ଆଫଗାନିସ୍ତାନରୁ ଆମେରିକାର ତରବରିଆ ଭାବେ ସୈନ୍ୟ ପ୍ରତ୍ୟାହାର ପରେ ଆଫଗାନିସ୍ତାନ ଚରମପନ୍ଥୀ ମାନଙ୍କ ହାତରେ ପଡ଼ିଯାଇଛି। ତାଲିବାନ ପାକିସ୍ତାନର ପରୋକ୍ଷ ସହାୟତାରେ ନିରୀହ ଜନତା ମାନଙ୍କୁ ଅକଥନୀୟ ଅତ୍ୟାଚାର, ଶହ ଶହ ଆଫଗାନ ସୈନିକ ମାନଙ୍କୁ ହତ୍ୟା କରି କାବୁଲ ସହ ପ୍ରାୟ ସମଗ୍ର ଆଫଗାନିସ୍ତାନକୁ କବଜା କରିନେଇଛି। ହଜାର ହଜାର ନିରୀହ ଆଫଗାନ ଜନତା ତାଲିବାନ ଭୟରୁ ଦେଶ ତ୍ୟାଗ ପାଇଁ କାବୁଲ ଏୟାରପୋର୍ଟରେ ରୁଣ୍ଡ ଓ ଦଳାଚକଟା ହୋଇଥିଲେ। ତନ୍ମଧ୍ୟରୁ ତିନିଜଣ ଆଫଗାନ ନାଗରିକଙ୍କୁ ବିମାନରୁ ଖସି ପଡ଼ିବା ଦୃଶ୍ୟ ଆଫଗାନିସ୍ତାନର ମାନବୀୟ ସଙ୍କଟକୁ ସମଗ୍ର ବିଶ୍ୱ ସମ୍ମୁଖରେ ଉଜାଗର କରିଥିଲା।

ଆଫଗାନିସ୍ତାନରେ ତାଲିବାନର ଉ□ାନ ପରେ ଭାରତର ଓ ବିଶ୍ୱର କେତେକ ଚରମପନ୍ଥୀ ସଂଗଠନ ଇସଲାମିକ୍ ରାଷ୍ଟ୍ରର ଅଭ୍ୟୁଦୟ ପଶ୍ଚାତ ମୁସଲିମ୍ ମାନଙ୍କ ପାଇଁ ଉଜ୍ୱଳ ଭବିଷ୍ୟତ ପାଇଁ ଦିବା ସ୍ୱପ୍ନ ଦେଖୁଛନ୍ତି। ପୁଲିଟ୍‌ଜର ପୁରସ୍କାର ବିଜେତା ଫଟୋ ସାମ୍ବାଦିକ ଦାନିଶ ସିଦ୍ଦିକିଙ୍କୁ ତାଲିବାନ ଆତଙ୍କବାଦୀ ମାନେ ଅତ୍ୟନ୍ତ ନିର୍ମମ ଭାବରେ ହତ୍ୟା କରିଥିଲେ। ଏଥିରେ ତାଲିବାନମାନଙ୍କ ହାତରେ ମୁସଲମାନ ମାନେ କେତେ ସୁରକ୍ଷିତ ତାହା ସହଜରେ ଅନୁମେୟ। ଆତଙ୍କବାଦୀ ସଂଗଠନ ମାନେ ଇସଲାମିକ୍ ରାଷ୍ଟ୍ର ନାମରେ କେମିତି ହତ୍ୟା ଓ ବିଭୀଷିକାରେ ଲିପ୍ତ ହୋଇଥାଆନ୍ତି ତାହା ଆଇଏସ୍‌ଆଇସ୍ ଭଳି ଆତଙ୍କବାଦୀ ସଂଗଠନ ପୂର୍ବରୁ ପ୍ରତିପାଦିତ କରିଛନ୍ତି। ତେଣୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସମଗ୍ର ବିଶ୍ୱକୁ ଆତ୍ମ ଚିନ୍ତନ କରିବାର ସମୟ ଆସିଯାଇଛି ଯେ, କ'ଣ ତାଲିବାନ ଭଳି ଅନ୍ୟ ଏକ ଆତଙ୍କବାଦୀ ସଂଗଠନର ଉ□ାନର (ଯାହାକୁ ପାକିସ୍ତାନର ସମ୍ପୂର୍ଣ୍ଣ ସମର୍ଥନ ପ୍ରାପ୍ତ) ଓ ତଦ୍‌ଜନିତ ହିଂସା କାଣ୍ଡରେ ପୁଣି ଥରେ ମୁକସାକ୍ଷୀ ହୋଇ ରହିବା ନା ଏହି ଆତଙ୍କବାଦୀ ସଂଗଠନର ମୂଳପୋଛ ପାଇଁ ସଂଯୁକ୍ତ ପ୍ରୟାସ କରିବା।

**ସୁଲେମାନ୍ ଶେଖ୍**

ନବେ ଦଶକରେ ୟୁଏସ୍‌ଏସ୍‌ଆର୍ ବିଘଟନ ଓ ଆଫଗାନିସ୍ତନରେ ତାଲିବାନର ରାଜତ୍ୱ ସମୟରେ କାଶ୍ମୀର ଉପତ୍ୟକାରେ ଆତଙ୍କବାଦୀ ଗତିବିଧି ହଠାତ୍ ବୃଦ୍ଧି ପାଇଥିଲା। ପାକିସ୍ତାନ ସମର୍ଥିତ ତାଲିବାନୀ ଆତଙ୍କବାଦୀ କାଶ୍ମୀର ଉପତ୍ୟକାରେ ହିଂସାକାଣ୍ଡ ଘଟାଇ କାଶ୍ମୀର ପରି ଭୂସ୍ୱର୍ଗକୁ ନର୍କରେ ପରିଣତ କରିଦେଇଥିଲେ। ଯାହାର ପରିଣାମ ସେଠାକାର ଅଧିବାସୀ ମାନଙ୍କୁ ଏପର୍ଯ୍ୟନ୍ତ ଭୋଗିବାକୁ ପଡୁଛି। ଭାରତର ମୁଖ୍ୟ ସ୍ରୋତରେ ଥିବା ମୁସଲମାନ ମାନଙ୍କୁ ତାଲିବାନର ଅସଲି ଚେହେରା ବିଷୟରେ ଜଣା। ତେଣୁ ତାଲିବାନ ଭଳି ଆତଙ୍କବାଦୀ ସଂଗଠନ ମାନେ କାଶ୍ମୀର ବ୍ୟତୀତ ଭାରତର ଅନ୍ୟ କୌଣସି ଯାଗାରେ ଡେର ଜମାଇ ପାରିନଥିଲେ। କେତେକ ଚରମପନ୍ଥୀ ସଂଗଠନ ଓ ସ୍ୱଳ୍ପବୁଦ୍ଧି ବ୍ୟକ୍ତି ତାଲିବାନ୍‌ର ଉ□ାନକୁ ଗୌରାବନ୍ୱିତ କରୁଛନ୍ତି। କିନ୍ତୁ ତାଙ୍କର ଏହି ବାହାସ୍ଫୋଟକୁ ବିଶ୍ୱାସ କରିବା ପୂର୍ବରୁ ତାଲିବାନର ପୂର୍ବଶାସନ କାଳରେ ଆଫଗାନ୍ ଜନତା ମୁଖ୍ୟତଃ ମହିଳା ମାନଙ୍କ ଅବସ୍ଥା କ'ଣ ଥିଲା ତାହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍। କାରଣ ଆଗାମୀ ଦିନରେ ତାଲିବାନ ନିଶ୍ଚୟ ଭାବରେ ଉଗ୍ରରୂପ ଧାରଣ କରି ସମଗ୍ର ମାନବ ଜାତି ପାଇଁ ଯେ ବିପଦ ସୃଷ୍ଟି ନକରିବ ସେଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

# ମନୁଷ୍ୟତା

ସୁମିତ୍ରା ଓ ବୀରେନ୍ ଦୁହିଁଙ୍କର ଇଚ୍ଛା ଥିଲା ପ୍ରଥମ ସନ୍ତାନଟି କନ୍ୟା ସନ୍ତାନ ହେଉ। ସତକୁ ସତ ଯେଉଁଦିନ କନ୍ୟା ରତ୍ନଟିଏ ଜନ୍ମନେଲା, ସାରା ପରିବାରରେ ଆନନ୍ଦର ଏକ ଲହରୀ ଖେଳିଗଲା। ସୁମିତ୍ରାଙ୍କ ଶାଶୁ ପଦ୍ମାବତୀ, ଶ୍ୱଶୁର ତାରାକାନ୍ତ, ଛୋଟ ଦିଅର, ନଣନ୍ଦ ସମସ୍ତେ ଖୁସିରେ ମିଠେଇ ବାଂଟିଲେ। ଛୋଟରାୟ ପରିବାରର ପ୍ରଥମ ନାତୁଣୀକୁ ସମସ୍ତେ ସ୍ୱାଗତ କଲେ, ମାତ୍ର ଏ ଖୁସି, ଏ ଆନନ୍ଦ ବେଶି ସମୟ ତିଷ୍ଠି ରହି ପାରିଲାନି, ଯେତେବେଳେ ସମସ୍ତେ ଜାଣିବାକୁ ପାଇଲେ କି ଶିଶୁକନ୍ୟାଟି ଜନ୍ମରୁ ଦୃଷ୍ଟିହୀନ।

ସୁମିତ୍ରା ଓ ବୀରେନ୍‌କୁ ସମସ୍ତେ ସାନ୍ତ୍ୱନା ଦେଲେ। ଭଗବାନଙ୍କ ଦାନ ବା ଉପହାରକୁ ଶ୍ରଦ୍ଧାର ସହ ଗ୍ରହଣ କରିବା ଉଚିତ। ପିଲାଟିର ରୂପ ଲାବଣ୍ୟ ସୁମିତ୍ରାକୁ ବିମୋହିତ କରିନେଲା। ଗୋରା ତକତକ୍ ଚେହେରା ସାଙ୍ଗକୁ ମୁଣ୍ଡରେ ଗୋଛାଏ ଘନକୃଷ୍ଣକୁଞ୍ଚିକୁଂଚିଆ କେଶରାଶି। ସ୍ୱାସ୍ଥ୍ୟ ମଧ୍ୟ ଖୁବ୍ ଭଲ, ପ୍ରାୟ ଚାରି କେ.ଜି. ଓଜନ ପିଲାଟିର। ନାମ ରଖାଗଲା ବିଜୟା, ଡାକ ନାମ ଜୟା।

ପିଲାଟି ଉପଯୁକ୍ତ ସେବାଯତ୍ନ ପାଇ ବଢ଼ିବାକୁ ଲାଗିଲା। ବାପା, ମାଆ, ଜୟାକୁ ସାଥୀରେ ନେଇ ସବୁ ଚିକିତ୍ସାଳୟରେ ଚକ୍ଷୁ ପରୀକ୍ଷା କରାଇଲେ। ସବୁଠି ସେଇ ଗୋଟିଏ ନାସ୍ତିବାଣୀ ଶୁଣିବାକୁ ମିଳୁଥିଲା। ପିଲାଟିର ଆଖିରେ ଥିବା ଏହି ଜନ୍ମ ତୃଟିର ଆଉ ସଂଶୋଧନ ହୋଇପାରିବ ନାହିଁ।

ଏବେ କୋଳମଣ୍ଡନ କଲା ଦ୍ୱିତୀୟ ସନ୍ତାନ। ଇଏ ମଧ୍ୟ କନ୍ୟା ରତ୍ନଟିଏ। ନାମ ରଖାଗଲା ସୁପ୍ରିୟା, ଡାକନାମ ପ୍ରିୟା। ଭଗବାନଙ୍କ ଅଶେଷ କୃପାରୁ ଏହାର ଆଖି ଦୁଇଟି ନିଖୁଣ ଥିଲା।

ଦୁଇ ଝିଅ ଧୀରେ ଧୀରେ ବଡ଼ ହେଲେ। ବାପା, ମାଆ ଏବଂ ଘରର ପ୍ରତ୍ୟେକଙ୍କ ସାହାଯ୍ୟ ସହଯୋଗ ପାଇ ଜୟା ସିଡ଼ି ପରେ ସିଡ଼ି ଚଢ଼ିଚାଲିଲା। ହାଇସ୍କୁଲ ପରୀକ୍ଷାରେ ଭଲ ନମ୍ବର ରଖି ଉତୀର୍ଣ୍ଣ ହେଲାପରେ +୨, +୩, ବି.ଏଡ୍., ଏମ୍.ଏ. (ଇଂରାଜୀ), ଏମ୍.ଏଡ୍., ଏମ୍.ଫିଲ୍ ମଧ୍ୟ ପାସ୍ କରିଚାଲିଲା। ଏହାପରେ ଆଉ ଥରେ ସଂସ୍କୃତରେ ମଧ୍ୟ ଏମ୍.ଏ. ପାସ୍ କଲା। ଏବେ ସେ କୁନ୍ତଳା କୁମାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ। ତାଙ୍କ ଗ୍ରାମ ମାଳତୀପୁର ନିକଟରେ ଅବସ୍ଥିତ ଏହି ସ୍କୁଲଟି। ଏବେ ଘରେ ମଧ୍ୟ ସେ ତାର ପି.ଏଚ୍.ଡି. ପାଇଁ ପ୍ରସ୍ତୁତ ହେଉଛି। ତାର ଉଚ୍ଚଶିକ୍ଷା ପାଇଁ ତା ନିଜର ମନୋବଳ ଓ ତା ଭଉଣୀ ପ୍ରିୟାର ଅବଦାନ ହିଁ ଉଲ୍ଲେଖନୀୟ। ପ୍ରିୟା ଏବେ ଗ୍ରାମ୍ୟବ୍ୟାଙ୍କରେ ପି.ଓ. ଭାବେ ଜଏନ୍ କରିଛି। ବାପା ମାଆଙ୍କର ଇଚ୍ଛା, ବଡ଼ଭଉଣୀ ଜୟାର ମଧ୍ୟ ଇଚ୍ଛା ଖୁବ୍ ଧୁମ୍‌ଧାମ୍‌ରେ ପ୍ରିୟାର ବାହାଘର କରିବା ପାଇଁ। ତାରାକାନ୍ତ ଓ ପଦ୍ମାବତୀ ମଧ୍ୟ ଖୁବ୍ ଉତ୍କଣ୍ଠିତ ନାତୁଣୀ ବାହାଘର ଦେଖିବାକୁ। ବଡ଼ ନାତୁଣୀ ତ ଦୃଷ୍ଟିହୀନ, ତାକୁ ବା କିଏ ସେ ବାହାହେବ? ତେଣୁ ପ୍ରିୟାର ଅନ୍ତତଃ ବାହାଘର କରିବାକୁ ସାରା ପରିବାର ବ୍ୟାକୁଳ। ଜୟା ମଧ୍ୟ ସାନ ଭଉଣୀର ବିବାହ ପାଇଁ ବେଶ୍ ଚିନ୍ତିତ। ସେଦିନ ସ୍କୁଲ୍‌ର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ହୋଇ ଆସିଥାନ୍ତି ସ୍କୁଲ ଇନିସ୍‌ପେକ୍ଟର ପ୍ରଦୋଷ ପଟ୍ଟନାୟକ। ଜୟା ଶୁଣିଥିଲା ପ୍ରଦୋଷ ବାବୁ ବ୍ୟାଚଲର୍ ଅଛନ୍ତି। ପୁରୀରେ ରୁହନ୍ତି। ବିବାହ ପାଇଁ ତାଙ୍କର ମଧ୍ୟ ଝିଅ ଖୋଜା ଚାଲିଛି। ସେଦିନ ସଭାକାର୍ଯ୍ୟ ସାରି ଚା' ଜଳଖିଆ ଖାଉଥିବା ସମୟରେ ତାଙ୍କ ପାଖରେ ବସିଥିବା ସାନ ଭଉଣୀ ଓ ବାପାଙ୍କ ସହ ପ୍ରଦୋଷ ବାବୁଙ୍କର ପରିଚୟ କରାଇଦେଇଥିଲା ଜୟା। ସଭା କାର୍ଯ୍ୟ ସାରି ସମସ୍ତେ ଫେରିଗଲେ। ସେଦିନ ସ୍କୁଲ୍‌ରେ ଏକ ନିରୋଳା ମୁହୂର୍ତ୍ତରେ ଏକାକୀ ବସିଥିବା ବେଳେ ପ୍ରଦୋଷ ପଟ୍ଟନାୟକଙ୍କର ଫୋନ୍ ଆସିଲା। ପ୍ରଦୋଷ ବାବୁ କହୁଥିଲେ,

**ଡ଼ ପ୍ରତିଭା ମହାରଥୀ**

"ମ୍ୟାଡାମ୍ ଶୁଣନ୍ତୁ, କାଲି ଅପରାହ୍ନରେ ମୋ ବାପା, ମାଆ ଓ ସାନଭଉଣୀ, ଭାଇ ଆପଣଙ୍କ ଘରକୁ ଯିବେ ମୁଦି ପିନ୍ଧାଇବା ପାଇଁ। ଝିଅ ମୋର ପସନ୍ଦ ହୋଇଛି। ଆପଣ ଟିକେ ବାପା ମାଆଙ୍କୁ ଏ ଖବରଟି ଦେଇଦେବେ। ଆକାଶର ଚାନ୍ଦଟି ଯେପରି ଜୟା ହାତରେ ଖସିପଡ଼ିଚି, ସେପରି ଅନୁଭବ ହେଲା ଜୟାର, ଫୋନ୍ ଆସିବା ପରେ। ଖୁସିରେ ଆତ୍ମହରା ହୋଇଉଠିଲା ସେ। ଯାହା ହେଉ ଭଗବାନ ତା' ଡାକ ଶୁଣିଚନ୍ତି, ତା ଅଲିଅଳୀ ଗେହ୍ଲି ଭଉଣୀ ପ୍ରିୟାର ଶେଷକୁ ବାହାଘର ହେବ ସ୍କୁଲ୍ ଇନିସ୍‌ପେକ୍ଟର ପ୍ରଦୋଷ ପଟ୍ଟନାୟକଙ୍କ ସହ। ସାଙ୍ଗେ ସାଙ୍ଗେ ଘରକୁ ଫୋନ୍ କରି ଏହି ଖୁସି ଖବରଟି ଜଣାଇଦେଲା। ତା ପରଦିନ ଛୁଟିନେଇ ଘରେ ରହିଲା ଜୟା, ବଡ଼ ଝିଅ ହିସାବରେ ସବୁ ବ୍ୟବସ୍ଥା ବାପା, ମାଆଙ୍କୁ କହି କରିବାକୁ ପଡ଼ିଲା ତାକୁ। ଦୁଇ / ତିନି ପ୍ରକାର ମିଠା, ମିଠା ଦହି, ଫଳମୂଳ, ମିକ୍ସଚର, ବିସ୍କୁଟ୍, କିଛି ଡ୍ରାଇଫ୍ରୁଟ୍ ମଧ୍ୟ ଅଣାହେଲା ଅତିଥି ସତ୍କାର ନିମନ୍ତେ। ଅନେକ ଦିନରୁ ଆଲମାରୀରେ ସାଇତା ହୋଇ ରହିଥିବା ନୂଆ ନୂଆ କପ୍‌ପ୍ଲେଟ୍ ଓ ଭଲ ଡିଜାଇନ୍‌ର ଗ୍ଲାସ୍ ସବୁ କଢ଼ା ହେଲା ନୂଆ ବନ୍ଧୁଙ୍କ ଚର୍ଚ୍ଚା ପାଇଁ।

ନିର୍ଦ୍ଦିଷ୍ଟ ସମୟରେ ସେମାନେ ପହଂଚିଗଲେ। ପ୍ରଦୋଷବାବୁଙ୍କ ବାପା, ମାଆ, ସାନଭାଇ, ସାନଭଉଣୀ ଓ ଭଉଣୀର ସାଙ୍ଗ ଏମିତି ପାଞ୍ଚଜଣ ପହଂଚିଗଲେ ଠିକ୍ ସାଢ଼େଚାରିଟା ସମୟରେ। ପଦ୍ମାବତୀ, ତାରାକାନ୍ତ, ସୁମିତ୍ରା, ବୀରେନ୍ ସମସ୍ତଙ୍କୁ ପାଛୋଟି ନେଇ ଆସିଲେ ଡ୍ରଇଂରୁମ୍‌କୁ। ଚା, ଜଳଖିଆ ପର୍ବ ସମାପନ ପରେ ପରେ ସେମାନେ ସାଥୀରେ ଆଣିଥିବା ମୁଦିଟି ଝିଅକୁ ପିନ୍ଧାଇବାକୁ ଚାହିଁଲେ। ଏକଥା ମଧ୍ୟ ପ୍ରକାଶ କଲେ କି ପ୍ରଦୋଷର ଝିଅଟି ପସନ୍ଦ ହୋଇଛି ବୋଲି। ସୁମିତ୍ରା, ବୀରେନ୍, ଜୟା ସମସ୍ତେ ବେଶ୍ ଆନନ୍ଦିତ। ତରବର ହୋଇ ଉଠିପଡ଼ିଲେ ପ୍ରିୟାକୁ ସାଥୀରେ ନେଇ ଆସିବାକୁ ସେମାନଙ୍କ ସାମ୍‌ନାକୁ। ପ୍ରଦୋଷଙ୍କ ବାପା, ମାଆ ଓ ଅନ୍ୟମାାନେ ସେମାନଙ୍କୁ ବାଧା ଦେଇ ବସିବାକୁ କହିଲେ ଏବଂ ମୁଦିଟି ପର୍ସରୁ ବାହାର କରି ଜୟା ହାତରେ ହିଁ ପିନ୍ଧାଇଦେଲେ। ଜୟା ହିଁ ପ୍ରଦୋଷର ପସନ୍ଦ ହୋଇଛି ଏବଂ ସେମାନେ ଜୟାକୁ ବୋହୂ କରିନେବା ପାଇଁ ପ୍ରସ୍ତୁତ, ଏହା ଜାଣିବାକୁ ଆଉ ବାକି ରହିଲାନି ସେମାନଙ୍କର। ତାରାକାନ୍ତ, ପଦ୍ମାବତୀ, ସୁମିତ୍ରା, ବୀରେନ୍ ଏହା ଦେଖି ସ୍ତବ୍‌ଧ, ସମସ୍ତେ ନୀରବ, କାହା ପାଟିରେ କିଛି ଭାଷା ନାହିଁ। ପ୍ରଦୋଷବାବୁ ଗୋଟାଏ ଦୃଷ୍ଟିହୀନ ଝିଅକୁ ଜୀବନସାଥୀ କରିବାକୁ ପ୍ରସ୍ତୁତ, କେହି କିଛି ଭାବି ପାରୁନଥିଲେ। ସେ ମଣିଷ ନା ଦେବତା। ହୀରାକୁ ଚିହ୍ନିବାକୁ ଗଲେ ଜହୁରୀ ହେବା ଦରକାର। ଠିକ୍ ସେହିପରି ସ୍ୱଳ୍ପ ସମୟ ବ୍ୟବଧାନ ଭିତରେ ପ୍ରଦୋଷ ବାବୁ ଜୟାକୁ ଚିହ୍ନିବାରେ ଆଦୌ ଭୁଲ କରି ନଥିଲେ। ଜୟା ପାଷାଣ ମୂର୍ତ୍ତି ପରି ବସି ରହିଥିଲା। ସେ ବୁଝି ପାରୁନଥିଲା ସତରେ ଏସବୁ ଘଟଣା ତା ଆଖି ସାମ୍‌ନାରେ ଘଟିଯାଉଛି ନା ସେ ସ୍ୱପ୍ନ ଦେଖୁଛି। ପ୍ରଦୋଷଙ୍କ ମାଆ, ଭଉଣୀ ସମସ୍ତେ ଜୟାକୁ ଘେରି ଠିଆ ହୋଇଥିଲେ। ମାଆ ସୁମିତ୍ରା ତା ମୁଣ୍ଡରେ ଓଢ଼ଣୀଟି ପକେଇ ଦେଇ ଶାଶୁ ଶ୍ୱଶୁରଙ୍କୁ ମୁଣ୍ଡିଆ ମାରିବାକୁ କହିଦେଲେ। ଜୟା ଭାବୁଥିଲା, ମନୁଷ୍ୟ ଜନ୍ମତ ଅତି ସହଜ, କିନ୍ତୁ ମନୁଷ୍ୟତା କଠିନ ପ୍ରଯତ୍ନ ଦ୍ୱାରା ହିଁ ପ୍ରାପ୍ତି ହୋଇଥାଏ। ମୁଣ୍ଡିଆ ମାରିଲା ବେଳେ ଜୟାର ଆଜନ୍ମ ମୁଦ୍ରିତ ଦୁଇ ନୟନରୁ ନିଗିଡ଼ି ପଡୁଥିଲା ଦୁଇଟୋପା ଅଶ୍ରୁ।

# ସ୍ୱାସ୍ଥ୍ୟଲାଗି ଉତ୍ତମ ନିରାମିଷ ଭୋଜନ

- ଯଦି ଆପଣ ଦୀର୍ଘଦିନ ହେଲା ମାଂସାହାରୀ ହୋଇଥାନ୍ତି, ତେବେ ଆପଣଙ୍କୁ ଶାକାହାରୀ ହେବା ଲାଗି ସମୟ ଲାଗିବ। ଏଥିପାଇଁ ପ୍ରଥମେ ନିଜକୁ ମାନସିକସ୍ତରରେ ପ୍ରସ୍ତୁତ କରନ୍ତୁ। ଗୋଟିଏ କଥା ମନରେ ଆଣନ୍ତୁ ଯେ, ମୁଁ ସବୁବେଳେ ଶାକାହାରୀ ଖାଦ୍ୟ ଖାଇବି।
- ଜୀବନଶୈଳୀରେ ପରିବର୍ତ୍ତନ କରନ୍ତୁ। ଏହାସହ କେଉଁ ପ୍ରକାର ଖାଦ୍ୟ ଖାଉଛନ୍ତି ଏବଂ ଶାକାହାରୀ ହେଲେ କ'ଣ ଲାଭ ହେବ ତାହା ତର୍ଜମା କରନ୍ତୁ।
- ଯଦି ଆପଣଙ୍କୁ କେହି ବନ୍ଧୁପରିଜନ ଖାଇବାକୁ ଡାକିଛନ୍ତି ତେବେ ତାଙ୍କୁ ପୂର୍ବରୁ ସୂଚନା ଦିଅନ୍ତୁ ଯେ ଆପଣ ଶାକାହାରୀ।
- ତଟକା ଫଳମୂଳ ଏବଂ ସବୁଜ ପନିପରିବାକୁ ନିଜ ଖାଦ୍ୟ ତାଲିକାରେ ସାମିଲ୍ କରନ୍ତୁ। ଯେଉଁଥିରେ କ୍ୟାଲୋରି କମ୍ ସହ ଭିଟାମିନ୍ ଭରି ରହିଥାଏ। ଏଥିରେ ମଧ୍ୟ ମିନେରାଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। କାରଣ ଏଭଳି ଖାଦ୍ୟ ହୃଦଜନିତ ରୋଗ, ଷ୍ଟ୍ରୋକ୍, ରକ୍ତଚାପର ଆଶଙ୍କା ଦୂର କରିବା ସହ କୋଲେଷ୍ଟରଲ୍‌କୁ ମଧ୍ୟ ନିୟନ୍ତ୍ରଣାଧୀନ ରଖିଥାଏ।
- ସିଜନ୍ ଅନୁସାରେ ଶାକାହାରୀ ଖାଦ୍ୟ ଖାଆନ୍ତୁ।
- ଶାକାହାରୀ ରେସିପି ବହି କିଣନ୍ତୁ। ସେହି ଅନୁସାରେ ଖାଦ୍ୟ ପ୍ରସ୍ତୁତ କରନ୍ତୁ।



# ଦୃଷ୍ଟିଶକ୍ତି ବଢ଼ିବାର ସହଜ ଉପାୟ



ବର୍ତ୍ତମାନର ପରିବର୍ତ୍ତିତ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଅନେକଙ୍କଠାରେ ବିଶେଷ କରି ମହିଳାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଲାଗି ମୁଖ୍ୟତଃ ଦାୟୀ। ଏମିତିରେ ଦୈନିକ କିଛି ସମୟ ଯୋଗ କରିବା ସ୍ୱାସ୍ଥ୍ୟ ପକ୍ଷେ ବରଦାନ ସଦୃଶ। ଏହା ଶରୀରର ପଞ୍ଚ ଇନ୍ଦ୍ରିୟ, ସ୍ନାୟୁ ତନ୍ତ୍ର, ରକ୍ତ ନାଡି, ଶ୍ୱାସକ୍ରିୟା ଆଦିକୁ ସୁଚାରୁରୁପେ ସଞ୍ଚାଳନ କରିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆତ୍ମିକ ସବୁ କ୍ଷେତ୍ରରେ ବିକାଶ ସମ୍ଭବ ହୋଇଥାଏ। କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ଯୋଗ ପ୍ରତ୍ୟେକଙ୍କ ଲାଗି ଉପକାରୀ। ଜାଣି ରଖନ୍ତୁ ଏହାର ବିଭିନ୍ନ ଉପକାରିତା ସମ୍ପର୍କରେ....

- ଏହାଦ୍ୱାରା ଶରୀରରେ ହରମୋନ୍ ପରିବର୍ତ୍ତନ ଯୋଗୁ ବିଶେଷ କରି ଋତୁଶ୍ରାବ ବିରତି ପରେ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ଶରୀରରେ ନମନୀୟତା ଏବଂ ଶକ୍ତି ବୃଦ୍ଧି ପାଉଥିବାରୁ ଶାରୀରିକ ପୀଡା ବିଶେଷ କରି ପିଠି, ଆଣ୍ଠୁ ଗଣ୍ଠି, ବେକ ଆଦି ସ୍ଥାନରେ ହେଉଥିବା ଯନ୍ତ୍ରଣା ଶୀଘ୍ର ଭଲ ହୋଇଯାଇଥାଏ।
- ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସକ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୁପେ ହୋଇଥାଏ। ଫଳରେ ଶରୀରରେ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱର ଭଲ ହେବା ଯୋଗୁ ତ୍ୱଚା ଏବଂ ଅନ୍ତ ଅଙ୍ଗଗୁଡିକ ମଧ୍ୟ ସୁସ୍ଥ ରହିଥାଏ।
- ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ, ଉତ୍ସାହୀ ଏବଂ ଖୁସି ରଖିଥାଏ।
- ସୁଚାରୁରୁପେ ଶ୍ୱାସ ପ୍ରକ୍ରିୟାର ସମ୍ପାଦନ କରିବାରେ ବି ଯୋଗାସନର ଭୂମିକା ରହିଛି। ଏହାବ୍ୟତିତ ଶାରୀରିକ କାର୍ଯ୍ୟଦକ୍ଷତା ଏବଂ ସହନଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।
- ଯେଉଁ ମହିଳାମାନ ଅଧିକ ସମୟ ଧରି ଗୋଟେ ସ୍ଥାନରେ ଠିଆ ହୋଇ ରୋଷେଇ କରୁଛନ୍ତି, ବସି ଅଫିସ କାମ କରୁଛନ୍ତି କିମ୍ବା ଗାଡ଼ି ଚଳାଉଛନ୍ତି ସେମାନେ ନିୟମିତ ଯୋଗ କରିବା ଜରୁରୀ।
- ବର୍ତ୍ତମାନ ମେଦ ବହୁଳତା ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ ସମସ୍ୟା ପାଲଟିଛି। ଆଉ ଏଥିଯୋଗୁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା କମାଇ ଫିଟ୍ ରଖିବା ଲାଗି ଯୋଗାସନ ବେଶ୍ ଉପକାରୀ।
- ଯୋଗାସନ କରିବା ଦ୍ୱାରା ହାର୍ଟ ଏବଂ ଧମନୀ ସୁସ୍ଥ ରହିଥାଏ। ଅପରପକ୍ଷେ ରକ୍ତ ସଞ୍ଚାଳନ ଭଲଭାବେ ହେବା କାରଣରୁ ମଧ୍ୟ ହୃଦରୋଗ ଆଶଙ୍କା କମିଥାଏ।
- ନିୟମିତ ଯୋଗାଭ୍ୟାସ କଲେ ଦୃଷ୍ଟିଶକ୍ତି ଏବଂ ପାଚନ ଶକ୍ତି ବୃଦ୍ଧି ପାଇଥାଏ।
- ଏହା ମାଂସପେଶୀଗୁଡିକୁ ଶକ୍ତି ପ୍ରଦାନ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବରଷ୍ଟ କରିଥାଏ।
- ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ୍ୟ ଯୋଗାସନ ଫଳପ୍ରଦ। କେବଳ ସେତିକି ଏତିକି ନୁହେଁ ନିୟମିତ ଯେଗ କରିବା ଦ୍ୱାରା ସ୍ତନ କର୍କଟ ଆଶଙ୍କା ମଧ୍ୟ କମିଥାଏ।
- ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ନିଦ୍ରାହୀନତା ଭୋଗୁଥିବା ମହିଳାଙ୍କ ଲାଗି ଏହା ଅତି ଉତ୍ତମ।
- ଯୋଗ ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିଥାଏ। କେଶ ମଜବୁତ୍ ରହିଥାଏ। ଶରୀରର ଗଠନକୁ ଏହା ସୁଠାମ କରିଥାଏ।

# କମ୍ପ୍ୟୁଟର ଓ ଆଖି ମଧ୍ୟରେ କେତେ ଦୂରତା ରଖିବେ ଜାଣନ୍ତୁ

କମ୍ପ୍ୟୁଟର, ମୋବାଇଲ ସ୍କ୍ରିନକୁ ଦୀର୍ଘ ସମୟ ଧରି ବ୍ୟବହାର କରିବା ଦ୍ୱାରା ଏହାର ପ୍ରଭାବ ଆଖି ଉପରେ ହିଁ ପଡିଥାଏ। ଯାହାଦ୍ୱାରା ଦୃଷ୍ଟି ଶକ୍ତି ହ୍ରାସ ପାଇବା ଭଳି ସମସ୍ୟା ଦେଖା ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଆଜି ଆମେ ଆପଣଙ୍କୁ ଏ ସମ୍ପର୍କରେ କିଛି ତଥ୍ୟ ଜଣାଇବୁ ଯାହା ଆପଣଙ୍କ କାମରେ ନିଶ୍ଚୟ ଆସିବ।

କମ୍ପ୍ୟୁଟରରେ କାମ କରିବା ସମୟରେ ୧ ମିନିଟ୍ ଅନ୍ତରର ବ୍ୟବଧାନ ରଖନ୍ତୁ। କିନ୍ତୁ ଯଦି ଏହା କରିବାକୁ ଆପଣ ଅସମର୍ଥ ଥାନ୍ତି ତେବେ ମନିଟର ଏବଂ ଆଖି ମଧ୍ୟରେ ପାଖାପାଖି ଦେଢ-ଦୁଇ ମିଟର ଦୂରତା ଅବଲମ୍ବନ କରନ୍ତୁ।

କମ୍ପ୍ୟୁଟର ସ୍କ୍ରିନର ଉପରି ଭାଗ ଅଂଶ ଆଖିର ସ୍ତରଠାରୁ ଉପରେ ରହିବା ଦରକାର।



ମନିଟରକୁ ଲଗାତାର ରୂପେ ଚାହିଁ ରୁହନ୍ତୁ ନାହିଁ। ସମୟ ସମୟ ମଧ୍ୟରେ ଆଖି ପଲକ ପକାନ୍ତୁ। ଏହା ଦ୍ୱାରା ଆଖିରେ ଡ୍ରାଇନେଲସ ଏବଂ ଷ୍ଟ୍ରେନ ଦେଖାଦେଇଥାଏ।ଯଦି ଆପଣ ଚଷମା ବ୍ୟବହାର କରୁଛନ୍ତି ତେବେ କମ୍ପ୍ୟୁଟର କିମ୍ବା ମୋବାଇଲ ବ୍ୟବହାର କରୁଥିବା ସମୟରେ ଏହାକୁ ପିନ୍ଧିବାକୁ ଜମା ଭୁଲନ୍ତୁ ନାହିଁ। ଏଥିସହ ସବୁବେଳେ ଚଷମାର ପାୱାର ଯାଞ୍ଚ ମଧ୍ୟ କରିବାକୁ ଭୁଲନ୍ତୁ ନାହିଁ। ଆଖିରେ ଦିନକୁ ୧-୨ ଥର ଗୋଲାପ ଜଳ ମଧ୍ୟ ଆପଣ ପକାଇ ପାରିବେ।

ଆଖିକୁ ବିଶ୍ରାମ ଦେବା ପାଇଁ ୨୦-୨୦ ଖେଳ ଖେଳି ପାରିବେ। ଅର୍ଥାତ୍ ୨୦ ମିନିଟ୍ କମ୍ପ୍ୟୁଟର ସ୍କ୍ରିନରେ ଫୋକସ୍ କରନ୍ତୁ ଏବଂ ଆଉ ୨୦ ମିନିଟ୍ ବହାରର ପ୍ରାକୃତିକ ପରିବେଶକୁ ଅନୁଭବ କରନ୍ତୁ।

ଲଗାତାର ଭାବେ ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର ପାଖରେ ବସି କାମ କରନ୍ତୁ ନାହିଁ। ସମୟେ ସମୟେ ବାହାରକୁ ହେଉ କିମ୍ବା ଘର ଭିତରେ ଏଣେତେଣେ ବୁଲାବୁଲି କରନ୍ତୁ।ଅଧିକ ସମୟ ଧରି କମ୍ପ୍ୟୁଟର ପାଖରେ ବସୁଥିଲେ ମଝିରେ ମଝିରେ ଥଣ୍ଡା ପାଣିରେ ଆଖିକୁ ଭଲ ଭାବରେ ଧୁଅନ୍ତୁ।

# ପ୍ରସ୍ତୁତ କରନ୍ତୁ ଟେଷ୍ଟି ଫୁଡ୍



## ଆବଶ୍ୟକ ସାମଗ୍ରୀ

ଗ୍ରୀନ୍ ମଟର- ୧ କପ୍, ଆଳୁ- ୨ଟି, ସୋୟାବିନ୍- ୧ କପ୍, ଅଦା ରସୁଣ ପେଷ୍ଟ- ୧ ଚାମଚ, କଞ୍ଚା ଲଙ୍କା- ୨ଟି, ଜିରା ପାଉଡର- ୧/୨ ଚାମଚ, କଟା ଧନିଆ ପତ୍ର- ୧ ଚାମଚ, ଆବଶ୍ୟକ ଅନୁସାରେ ଲୁଣ ଏବଂ ତେଲ।

## ପ୍ରସ୍ତୁତ ପ୍ରଣାଳୀ

-ମଟର ଏବଂ ଆଳୁକୁ ସିଝାଇ ଦିଅନ୍ତୁ। ସୋୟାବିନ୍‌କୁ ଅଳ୍ପ ଗରମ ପାଣିରେ ଭିଜାଇ ୧୦ ମିନିଟ୍ ରଖନ୍ତୁ।
-ସିଝା ଆଳୁକୁ ଭଲଭାବେ ଚକଟି ଦିଅନ୍ତୁ। ଏକ ପାତ୍ରରେ ଚକଟା ଆଳୁ ସହିତ ସିଝା ମଟର, ସୋୟାବିନ୍, ଅଦା ରସୁଣ ପେଷ୍ଟ, କଞ୍ଚା ଲଙ୍କା, ଜିରା ପାଉଡର, ଧନିଆ ପାଉଡର, ଗରମ ମସଲା, ଧନିଆ ପତ୍ର ନେଇ ଭଲ ଭାବେ ମିଶାଇ ଦିଅନ୍ତୁ।
-ଏହି ମିଶ୍ରଣକୁ ହାତରେ ଛୋଟ ଛୋଟ ଗୁଳା କରି କବାବ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଆଇସ୍‌କ୍ରେଡ୍ ଷ୍ଟିକ୍‌ରେ ଲଗାଇ ହାଲୁକା ଚାପିଦିଅନ୍ତୁ।
-ଏହାକୁ ଡିପ୍ ଫ୍ରାଏ କରିନିଅନ୍ତୁ। ପରେ ତାୱାରେ ଏକ ଚାମଚ ତେଲ ନେଇ କବାବ୍‌କୁ ସେଥିରେ ରଖି ସେକି ଦିଅନ୍ତୁ।
-ବର୍ତ୍ତମାନ ପ୍ରସ୍ତୁତ ନିରାମିଷାଶିଙ୍କ ପାଇଁ ଟେଷ୍ଟି ଫୁଡ୍।

# କେତେ ଉପକାରୀ ଜିଙ୍କ୍ ଖାଦ୍ୟ

ଆମ ଶରୀର ପାଇଁ ଜିଙ୍କ ଏକ ଅତି ଆବଶ୍ୟକ ଖଣିଜ ପଦାର୍ଥ। ଶରୀରରେ ଥିବା ଦସ୍ତା ବା ଜିଙ୍କର ପରିମାଣ ୨.୩ ଗ୍ରାମ। ଏହା ଏକ ଅତି କମ ଦରକାରୀ ଖଣିଜ ହୋଇଥିଲେ ମଧ୍ୟ ଏହା ଶରୀର ପାଇଁ ବହୁ ଉପଯୋଗୀ ଉପାଦାନ ଅଟେ। ଏହା ଶରୀରର ଅନ୍ତର୍ନିହିତ ପ୍ରକ୍ରିୟାରେ ସହାୟକ ହୋଇଥାଏ। ଏକ ସାଧାରଣ ମନୁଷ୍ୟ ପାଇଁ ଦୈନିକ ୧୨ ମିଲିଗ୍ରାମ ଜିଙ୍କ ଦରକାର। ଜିଙ୍କ ମୁଖ୍ୟତଃ ହାଡ ଓ ରକ୍ତରେ ଥାଏ। ଏହାର ପ୍ରଧାନ କାର୍ଯ୍ୟ ହେଉଛି ଶରୀରରେ ଡିଏନଏ ଓ ପ୍ରୋଟିନ ତିଆରି କରିବାରେ ସାହାଯ୍ୟ କରିବା। ଜିଙ୍କ ଇନସୁଲିନ ପରି କେତେକ ହରମୋନର ଏକ ଉପାଦାନ ଅଟେ। ଜିଙ୍କର ଅଭାବରେ ବିଭିନ୍ନ ରୋଗ ଶରୀରରେ ଦେଖା ଦେଇଥାଏ, ସେଥିମଧ୍ୟରୁ ଅପପୃଷ୍ଟି ଏକ ମୁଖ୍ୟ ସମସ୍ୟା। ଏହା ସବୁ ବର୍ଗର ଲୋକଙ୍କୁ ହୋଇପାରେ ମୁଖ୍ୟତଃ ଶାକାହାରୀମାନଙ୍କୁ ପାଖରେ ଜିଙ୍କ ଅଭାବଜନିତ ସମସ୍ୟା ବେଶୀ। ଏହି ସମସ୍ୟାରୁ ଦୂରେଇବା ପାଇଁ ଦୈନିକ ଜିଙ୍କଯୁକ୍ତ ଖାଦ୍ୟ ଖାଇବା ଦରକାର। ଯଥା- କାଜୁବାଦାମ୍, ଚିନାବାଦାମ, ଦହି, ପାଳଙ୍ଗ ଶାଗ, ଛତୁ, ମାଂସ, କଖାରୁ ମଞ୍ଜି, ରସୁଣ, ଚକୋଲେଟ୍ ଓ ତରଭୁଜ ମଞ୍ଜି ଇତ୍ୟାଦି। ବୟସ୍କ ଲୋକମାନଙ୍କୁ ଏହି ଖାଦ୍ୟ ବାର୍ଦ୍ଧକ୍ୟ ଜନିତ ରୋଗ ଠାରୁ ଦୁରେଇ ରଖେ। ଜିଙ୍କ ଏକ ପ୍ରାକୃତିକ ଆଣ୍ଟି ଅକ୍ସିଡେଣ୍ଟ ରୂପେ କାମ କରିଥାଏ।

# ନଖ ଲଗାଇଲେ ବ୍ରଣ ଦାଗ ଲିଭେନି



**ମୁଖବ୍ରଣ ଯେତିକି ସାଧାରଣ, ତା'ର କାରର ଓ ନିଦାନ ବିଷୟରେ ଆମେ ସେତିକି ବେପରୁଆ। ଏଇ ବିପତ୍ତି ସାଧାରଣତଃ କିଶୋର ଅବସ୍ଥାର ପ୍ରାରମ୍ଭରେ ହୋଇଥାଏ; ଚପଳ ବୟସର ସ୍ୱାଭାବିକ ଦାୟିତ୍ୱହୀନତା ତ୍ୱଚାରେ ଅପରିବର୍ତ୍ତନୀୟ କ୍ଷତି କରିଥାଏ। ଫଳସ୍ୱରୁପ ତ୍ୱଚାର ନିମ୍ନସ୍ତରରେ ପ୍ରବାହ ସୃଷ୍ଟି ହୋଇ ମୁହଁରେ ଗାଡ ଭଳି ଦାଗ ସୃଷ୍ଟି ହୁଏ।.....**

***ପ୍ରସାଧନ ଓ ଔଷଧ:-*** ତୈଳୀୟ ପ୍ରସାଧାନ ସାମଗ୍ରୀ ଯଥା ଖଣିଜ ତେଲ, ପେଟ୍ରୋଲିୟମ ଜାତୀୟ ପଦାର୍ଥ କିମ୍ବା ମେକ୍‌ଅପ୍ ସାମଗ୍ରୀ ସଂସ୍ପର୍ଶରେ ଆସିଲେ ତ୍ୱଚାରେ ବ୍ରଣ ସୃଷ୍ଟି ହୁଏ। କିନ୍ତୁ ପ୍ରସାଧାନ ତ୍ୱଚାରେ ପ୍ରବାହ ସୃଷ୍ଟି କରି ବ୍ରଣର କାରଣ ବନିଯାନ୍ତି। ଷ୍ଟେରଏଡ୍ ତତ୍ତ୍ୱ ଥିବା ଔଷଧ ସେବନ କଲେ ମୁଖବ୍ରଣ ସୃଷ୍ଟି ହେବାର ସମ୍ଭାବନା ବଢ଼ିଯାଏ।

***ମାନସିକ ଚାପ:-*** ବେଳେବେଳେ ଗଭୀର ମାନସିକ ଚାପ ଶରୀରରେ ହର୍‌ମୋନର ସନ୍ତୁଳନକୁ ପ୍ରଭାବିତ କରେ ଓ ଶାରୀରିକ ପ୍ରତିରକ୍ଷା ବ୍ୟବସ୍ଥାକୁ ପ୍ରତିହତ କରି ବ୍ରଣ ସୃଷ୍ଟିର ଅନ୍ୟ ଏକ କାରଣ ଭାବେ ପ୍ରତିବାଦିତ ହୁଅନ୍ତି।

***ଖାଦ୍ୟର ପ୍ରଭାବ:-*** ଖଶଦ୍ୟରେ ଟ୍ରାନ୍ସ ଫ୍ୟାଟଓ ଶ୍ୱେତସାରର ଆଧିକ୍ୟ ବ୍ରଣର କାରଣ। ଗ୍ଲାଇସେମିକ୍ ଇଣ୍ଡେକ୍ସର ମାତ୍ରା ବଡିଲେ ଏହା ଇନ୍‌ସୁଲିନ୍‌ରେ କାର୍ଯ୍ୟକୁ ଅବରୋଧ କରିବା ସହ ଶରୀରରେ ଆଣ୍ଡ୍ରୋଜେନ୍ ହର୍‌ମୋନର ମାତ୍ରା ବୃଦ୍ଧି କରେ।

***ଖାଦ୍ୟ ତତ୍ତ୍ୱରେ ଅଭାବ:-*** ଜିଙ୍କ୍, ଅତ୍ୟାବଶ୍ୟକ ଫ୍ୟାଟି ଏସିଡ୍ ଓ ଭିଟାମିନ୍ ଏ ତ୍ୱଚା ପାଇଁ ଅତି ଜରୁରୀ। ଏଥିରୁ କୌଣସି ଗୋଟିଏ ଅଭାବ ତ୍ୱଚା ବିକୃତିର କାରର ହୋଇପାରେ। ଏହି ତିନୋଟି ତତ୍ତ୍ୱ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ବ୍ରଣ ଓ ତଜ୍ଜନିତ ରୋଗ ପାଇଁ ଦାୟୀ।

***ନିରାକରଣ:-*** ପାରମ୍ପରିକ ଚିକିତ୍ସା ପଦ୍ଧତିରେ ଔଷଧୀୟ ତ୍ୱଚା ବିଶୋଧନ କିମ୍ବା ବ୍ୟାକ୍ଟେରିଆ ବିନାଶକାରୀ ଔଷଧ ଯଥା ରୋଆକ୍ୟୁଟେନ୍‌ର ବ୍ୟବହାର କରାଯାଏ। କିଛି କ୍ଷେତ୍ରରେ ଏହା କାମ ଦିଏ, ପରନ୍ତୁ ଅଧିକାଂଶ ସମୟରେ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ତ୍ୱଚା ଶୁଷ୍କ ଓ ପ୍ରବାହଶାଳୀ ହୋଇଥାଏ। ପରିଷ୍କାର ଓ ବିଶୋଧିତ ତ୍ୱଚା ବ୍ରଣର ସଂକ୍ରମଣକୁ ପ୍ରତିହତ କରିବାରେ ଅନେକାଂଶରେ ଫଳପ୍ରଦ। ବ୍ରଣକୁ ଆଙ୍ଗୁଠି (ନଖ) ଦ୍ୱାରା ଚିପିଲେ ତ୍ୱଚାର ଅନ୍ତଃସ୍ତରରେ କ୍ଷତ ସୃଷ୍ଟି ହୁଏ ଏବଂ ଏହି ସ୍ତରରେ କ୍ଷତଜନିତ ସୃଷ୍ଟ ଦାଗ ଲିଭିବା ଅସମ୍ଭବ। ସ୍ୱଚ୍ଛ ଅଭ୍ୟାସ ତ୍ୱଚାକୁ ପ୍ରବାହ ଓ ଦାଗରୁ ରକ୍ଷା କରିବା ସହିତ ବ୍ୟାକ୍ଟେରିଆ ସଂକ୍ରମଣକୁ ପ୍ରତିହତ କରିବାରେ ସହାୟକ ହୁଏ।

***କରଣୀୟ ଓ ବାରଣୀୟ:-*** ମୁହଁ ଦିନକୁ ଦିନକୁ ଅନ୍ୟୁନ ୨ ଥର ଧୁଅନ୍ତୁ। ଶୋଇବା ପୂର୍ବରୁ ମୁହଁ ଧୋଇଲେ ତ୍ୱଚାରୁ ତୈଳାଂଶ, ପରିବେଶରୁ ଜମିଥିବା ମଇଳା, ବାସି ମେକ୍‌ଅପ୍ ଆଦି ଛାଡିଯାଏ। ସକାଳ ଧୁଆରେ ମୁହଁରେ ରାତିରେ ଜମିଥିବା ମଇଳା ଓ ମୃତ କୋଷିକା ସଫା ହୋଇଯାଏ। ମୁହଁକୁ ମୃଦୁ ହର୍ବାଲ ସାବୁନରେ କିମ୍ବା ଫେଣ ସୃଷ୍ଟି କରୁଥିବା କ୍ଲିଂଜର ସାହାଯ୍ୟରେ ଧୁଅନ୍ତୁ। ଧୋଇଲା ପରେ ତ୍ୱଚା ସ୍ୱାଭାବିକ ଅନୁଭୂତ ନ ହୋଇ ରୁଖା ରୁଖା ଲାଗିଲେ ତ୍ୱଚାର ରକ୍ଷାକାରୀ ପରତ କ୍ଷତିଗ୍ରସ୍ତ ହେଉଛି ବୋଲି ଜାଣିବେ। ବ୍ରଣକୁ ଚିପିବା ଓ ଖୁଣ୍ଟିବା ମନା। ଏହାଦ୍ୱାରା ହାତ ସାହାଯ୍ୟରେ ବ୍ରଣ ସୃଷ୍ଟିକାରୀ ଅଣୁଜୀବ ତ୍ୱଚାର ଅନ୍ୟ ଅଂଶକୁ ବ୍ୟାପି ବ୍ରଣ ସୃଷ୍ଟି କରିବେ। ବ୍ରଣ ହୋଇଥିଲେ ମୁହଁରେ ହାତମାରିବା ଆଗରୁ ହାତକୁ ଉତ୍ତମ ଭାବେ ଧୋଇ ନିଅନ୍ତୁ। କେଶ ତେଲିଆ ଓ କେଶ ଧାରରେ ବ୍ରଣ ଉଠୁଥିଲେ କେଶକୁ ପ୍ରତିଦିନ ସାମ୍ପୁ କରନ୍ତୁ। ତେଲିଆ ଓ ଚିକିଟା ପ୍ରସାଧାନ ସାମଗ୍ରୀର ବ୍ୟବହାର କରନ୍ତୁ ନାହିଁ। ପ୍ରାକୃତିକ ତତ୍ତ୍ୱରେ ଭରପୁର ଘିକୁଆଁରି, କ୍ୟାଲେଣ୍ଡୁଲା, ଲାଭେଣ୍ଡର, ଜେରାନିୟମ ଇତ୍ୟାଦିର ନିର୍ଯାସରୁ ପ୍ରସ୍ତୁତ ଜେଲି ତ୍ୱଚାରୁ ତୈଳ କ୍ଷରଣ କମାଏ ଓ ପ୍ରବାହକୁ ପ୍ରଶମିତ କରାଏ। ରାସାୟନିକ ପ୍ରସାଧାନ ସାମଗ୍ରୀ ଯେଉଁଥିରେ ସୋଡିୟମ ଲରିଲ ସଲଫେଟ୍, ସୋସେଟିଭ ଷ୍ଟିରେଟ୍, ଆଇସୋପ୍ରୋଫାଇଲ୍ ଆଇସୋଷ୍ଟିରେଟ୍, ଆଇସୋପ୍ରୋଫାଇଲ୍ ମିରିଷ୍ଟେଟ୍ ତଥା ପାରାବେନ ଆଦି ତତ୍ତ୍ୱଥାଏ ତାହା ତ୍ୱଚାରେ ପ୍ରବାହ ସୃଷ୍ଟି କରନ୍ତି ଓ ତ୍ୱଚାକୁ ଶୁଷ୍କ ତଥା ଖର ଖର କରି ବ୍ରଣ ସୃଷ୍ଟି କରି ଅନୁକୂଳ ବାତାବରଣ ସୃଷ୍ଟିକରନ୍ତି। ଖଣିଜ ତତ୍ତ୍ୱରେ ଭରପୁର ପ୍ରସାଧାନ ସାମଗ୍ରୀ ବ୍ରଣଜନିତ ଲାଲ ରଙ୍ଗର ତ୍ୱଚା ପାଇଁ ବିଶେଷ ଉପଶମକାରୀ। ଏହି ପ୍ରସାଧାନ ସାମଗ୍ରୀଗୁଡିକ ତ୍ୱଚା ରନ୍ଧ୍ରକୁ ଅବରୋଧ କରନ୍ତି ନାହିଁ।

# ଘରେ ଲଗାନ୍ତୁ ଘି-କୁଆଁରୀ



ଘି-କୁଆଁରୀ ରସ ଉଭୟ ତ୍ୱଚା ଓ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ। ଏହାର ଯଥାଯଥ ପ୍ରୟୋଗ କଲେ ଅନେକ ସୁଫଳ ମିଳିଥାଏ। ତେବେ ଆୟୁର୍ବେଦ ବିଶେଷଜ୍ଞଙ୍କ ମତ ଅନୁସାରେ ପ୍ରତ୍ୟହ ୧ ଚାମଚ ଘି-କୁଆଁରୀ ରସରେ ଅଧ ଚାମଚ ଘିଅ ଓ ସାମାନ୍ୟ ସୈନ୍ଧବ ଲୁଣ ମିଶାଇ ଖାଇଲେ ଅମ୍ଳ ରୋଗରୁ ରକ୍ଷଣ ମିଳେ। ନିରନ୍ତର କାଶ ହେଉଥିଲେ ସକାଳ-ସନ୍ଧ୍ୟାରେ ଅଧ ଚାମଚ ଘି-କୁଆଁରୀ ରସ ସେବନ କରିବା ଉପକାରୀ। ଅଣ୍ଟା ବିନ୍ଧା ରୋଗୀ ଅଟା ଚକଟିବାବେଳେ ସେଥିରେ ଘି-କୁଆଁରୀ ରସ ମଧ୍ୟ ଅଧ ଚାମଚ ମିଶି ରୁଟି ପ୍ରସ୍ତୁତ କରି ଖାଇଲେ ମଧ୍ୟ ଲାଭ ମିଳେ। କୋଷ୍ଠକାଠିନ୍ୟ ରୋଗୀ ପ୍ରତ୍ୟହ ସନ୍ଧ୍ୟାରେ ଅଧ କପ୍ ପାଣିରେ ୧ ଚାମଚ ଘି-କୁଆଁରୀ ରସ ମିଶାଇ ପିଇବା ଉପକାରୀ। ମଧୁମେହ ରୋଗୀଙ୍କ ପାଇଁ ଏହା ମହୌଷଧି। ନିୟମିତ ଭାବେ ଏହାକୁ ସେବନ କଲେ ରକ୍ତଶର୍କରା ନିୟନ୍ତ୍ରିତ ହୋଇଥାଏ।

# ରାଜ୍ୟରେ ଖରିଫ ଋତୁ ଧାନକିଣା ନେଇ ମନ୍ତ୍ରୀ ସମୂହ ସମୀକ୍ଷା ବୈଠକ



ଭୁବନେଶ୍ୱର,୨/୨ : ମନ୍ତ୍ରୀ ସମୂହ ସମୀକ୍ଷା ବୈଠକରେ ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନକିଣା ଲକ୍ଷ୍ୟ ୬୫ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୭୭ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଯାଇଛି । ଚଳିତ ବର୍ଷ ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟତା ମୂଲ୍ୟ ୨୩୦୦ ଟଙ୍କା ସହ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ପ୍ରଦାନ କରାଯାଉଥିବାରୁ ଧାନକିଣାରେ ଅଧିକରୁ ଅଧିକ ଚାଷୀ ଭାଗନେବା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି । ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବୈଠକରେ ଧାର୍ଯ୍ୟ ଲକ୍ଷ୍ୟକୁ ବୃଦ୍ଧି କରାଯାଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ମନ୍ତ୍ରୀ ସମୂହ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉକ୍ତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ସମେତ ବିଭାଗୀୟ ସଚିବ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ ଚଳିତ ବର୍ଷ ଖରିଫ ଧାନକିଣା ସମ୍ପର୍କରେ ବୈଠକରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ଏ ପର୍ଯ୍ୟନ୍ତ ୯ ଲକ୍ଷ ୭୭ ହଜାର ୨୯୩ ଜଣ ଚାଷୀଙ୍କଠାରୁ ୪୬ ଲକ୍ଷ ୩୬ ହଜାର ୫୪୧ ମେଟ୍ରିକ୍ ଟନ୍‌ଧାନ କିଣାଯାଇଛି । ଏପର୍ଯ୍ୟନ୍ତ ସର୍ବନିମ୍ନ ସହାୟତା ମୂଲ୍ୟ ବାବଦରେ ପ୍ରାୟ ୧୦ ହଜାର କୋଟି ଟଙ୍କା ସାଙ୍ଗକୁ ଇନ୍‌ପୁଟ ସହାୟତା ବାବଦରେ ୩୪୭୬ କୋଟି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ପଠାଯାଇ ସାରିଛି । ଚଳିତ ବର୍ଷ ଧାନକିଣା ପାଇଁ ଚାଷୀମାନଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହ ମଣ୍ଡିଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି । ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ମଣ୍ଡିଗୁଡ଼ିକରେ ସିସିଟିଭି ବ୍ୟବସ୍ଥା ସହ ୩୮୮୩ ଜଣ ନୋଡାଲ ଅଧିକାରଙ୍କୁ ନିୟୋଜିତ କରାଯାଇଛି । ଏଥି ସହ ବାହାର ରାଜ୍ୟର ଧାନଗାଡ଼ି ଉପରେ କଡ଼ା ନଜର ରଖିବା ପାଇଁ ୨୧୭ ଜଣ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ନିଯୁକ୍ତ ହୋଇଛନ୍ତି । ମଣ୍ଡିରୁ ମିଲ୍‌କୁ ନେଇ ଯାଉଥିବା ଗାଡ଼ି ଉପରେ ମଧ ତୀକ୍ଷ୍ଣ ନଜର ରଖାଯାଉଛି । ଚାଷୀମାନଙ୍କୁ ଟୋକନ, ଇନ୍‌ପୁଟ ସହାୟତା, ଏମ୍‌ଏସ୍‌ପି ପ୍ରଦାନ ସହ ଧାନବିକ୍ରୟ ସମ୍ପର୍କିତ ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ କରାଯାଉଛି । ଏଥି ନିମନ୍ତେ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ର ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଉଛି । ଚାଷୀମାନଙ୍କ ହିତରେ ଜାରି ଟୋଲ୍‌ଫ୍ରି ନଂ-୧୯୬୭ ଜରିଆରେ ୪ଲକ୍ଷ ୧୫ ହଜାର ୨୬୭ଟି କଲ୍ ଗ୍ରହଣ କରାଯାଇ ଏହାର ସମାଧାନ କରାଯାଇଛି । ଏଥି ସହ ମିଲ୍‌ଗୁଡ଼ିକୁ ଧାନ ପଠାଯାଇ ଏଥିରୁ ବିଭିନ୍ନ ଉତ୍ପାଦ ପ୍ରକ୍ରିୟା ପ୍ରସ୍ତୁତି ଜାରି ରହିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତ ବର୍ଷର ଧାନକିଣା ପ୍ରକ୍ରିୟା ସୁଗମ ହୋଇପାରିଛି । ତାଙ୍କ ନିର୍ଦ୍ଦେଶରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଜିଲ୍ଲାଗସ୍ତ କରି ଧାନକିଣା ପ୍ରକ୍ରିୟାକୁ ତଦାରଖ କରୁଥିବାରୁ ଧାନକିଣା ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସଫଳ ହୋଇପାରିଥିବା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖୁସିବ୍ୟକ୍ତ କରିଛନ୍ତି । ଏହି ପ୍ରକ୍ରିୟା କିପରି ଅଧିକ ଚାଷୀ ଅନୁକୂଳ ହୋଇପାରିବ ସେଥି ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ବ୍ୟାପକ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏତଦ୍‌ବ୍ୟତୀତ ଆସନ୍ତା ରବି ଋତୁରେ ଧାନକିଣା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସମବାୟ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧୁରୀ, ରାଜ୍ୟ ଖାଦ୍ୟଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶୁଭମ୍ ସକ୍ସେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଚିକିଟୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଚିକିଟୀ ୨/୨(ନି.ପ୍ର): ଚିକିଟୀ ମହାବିଦ୍ୟାଳୟର ୪୩ ତମ ବାର୍ଷିକ ଉତ୍ସବ ଫେବୃଆରୀ ୧ ତାରିଖ ଦିନ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ଅଧ୍ୟକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ସ୍ଥାନୀୟ ବିଧାୟକ ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ନୀଳମାଧବ ପାଢ଼ୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସାଂସ୍କୃତିକ ପରିଷଦର ଉପଦେଷ୍ଟା ଡ. ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ ଏବଂ ଅଧ୍ୟାପକ ଆଶୁତୋଷ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଆବାହକ ଡ. ସନ୍ତୋଷ କୁମାର ବକ୍ସି ଓ ସନାତନ ଗୌଡ଼ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କ ଉତ୍ସାହ ବୃଦ୍ଧି କରିବା ସହ ଭବିଷ୍ୟତରେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବା ପାଇଁ ପ୍ରେରିତ କରିଥିଲେ । ଅଧ୍ୟକ୍ଷ ନିଜ ବକ୍ତବ୍ୟରେ ମହାବିଦ୍ୟାଳୟର ପ୍ରତିଷ୍ଠା, ଅଭିବୃଦ୍ଧି ଓ ଭିତ୍ତିଭୂମି ଉପରେ ଆଲୋକପାତ କରିଥିବା ବେଳେ ସମ୍ମାନୀତ ଅତିଥି ମହାବିଦ୍ୟାଳୟର ଗୌରବମୟ ଇତିହାସ ଓ କ୍ରମବିକାଶ ସମ୍ବନ୍ଧରେ କହିଥିଲେ । ମୁଖ୍ୟଅତିଥି ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ସମସ୍ତ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କ ଅଭୂତପୂର୍ବ ପ୍ରଦର୍ଶନ ହେତୁ ପ୍ରଶଂସା କରିବା ସହ ଉଦ୍ୟମ ଓ ପରିଶ୍ରମ ଦ୍ୱାରା ସବୁ କିଛି ପ୍ରାପ୍ତ କରିହେବ ବୋଲି ମତବ୍ୟକ୍ତ କରିଥିଲେ । ସାଂସ୍କୃତିକ ପରିଷଦ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶ୍ରାବଣୀ ବେହେରା ଓ ଦେବୀଶ୍ରୀ ସାହୁ ଏବଂ ମହାବିଦ୍ୟାଳୟର ଗାୟତ୍ରୀ ବେହେରା ସାହିତ୍ୟିକ ଓ ସାଂସ୍କୃତିକ ଚମ୍ପିୟନ ଘୋଷିତ ହୋଇଥିଲେ । ଯୁକ୍ତ ତିନି ଶେଷ ବର୍ଷ ଛାତ୍ରୀ ଆରତୀ ସାହୁ ଓ ରାଜେଶ୍ୱରୀ ଚୌଧୁରୀଙ୍କୁ ଚଳିତ ବର୍ଷର ଷ୍ଟୁଡେଣ୍ଟ ଅଫ୍ ଦ ଇଅର ଭାବେ ପୁରସ୍କୃତ କରାଯାଇଥିଲା । ସଭାକାର୍ଯ୍ୟ ସମାପ୍ତ ହେବା ପରେ ନାଟ୍ୟ ସଂସଦ ଉପସଭାପତି ସୁନୀଲ କୁମାର ପାଢ଼ୀ ଓ ଡ. ରାମ ଶଙ୍କର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ନୃତ୍ୟ, ଗୀତ ସହ 'ଅନ୍ଧ ଗଳିର ପଥିକ' ଶୀର୍ଷକ ଏକ ସାମାଜିକ ନାଟକ ପରିବେଷଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।




## ଗୁମାକିଆ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ

ବାଲିଗୁଡା ୨/୨(ନି.ପ୍ର):କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ଅନ୍ତର୍ଗତ ରୁତୁଙ୍ଗିଆ ପଞ୍ଚାୟତ ଗୁମାକିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁମିତ୍ରା ମଲିକ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ରୁତୁଙ୍ଗିଆ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ପିଙ୍କି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ଧୂପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କ୍ଷ ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ରୁତୁଙ୍ଗିଆ ପଞ୍ଚାୟତ ଆଞ୍ଚଳିକ ସାଧନ କର୍ମୀ ସାବତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ରୁତୁଙ୍ଗିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା, ପିଇଓ ସୁଶାନ୍ତ କୁମାର ବେହେରା, ଗାଲିଗୁରା ପଞ୍ଚାୟତ ସିଆରସିସି ଜୟ ପ୍ରକାଶ ପ୍ରଧାନ ପ୍ରମୁଖ ଯୋଗ ଦେଇ ଶିକ୍ଷା-ଶିକ୍ଷକ ଓ ଛାତ୍ର ଛାତ୍ରୀ ର ଗୁରୁତ୍ୱ ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପଣ୍ଡା ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ସତ୍ୟ ନାରାୟଣ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଭକ୍ତ ବତ୍ସଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଲୋଚନା ଚକ୍ର-ସାହିତ୍ୟକ'ଣ ଓ ଏହାରଲକ୍ଷ

ଜଟଣୀ ୨/୨(ନି.ପ୍ର):ଜଟଣୀ ମହାବିଦ୍ୟାଳୟରେ ଅଧ୍ୟାପକ ଡ. ତପନକୁମାର ମିଶ୍ରଙ୍କ ପୌରୋହିତ୍ୟରେ' ସାହିତ୍ୟ କ'ଣ ଓ ଏହାର ଲକ୍ଷ'ଶିର୍ଷକ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହିଆଲୋଚନା ଚକ୍ରର ଆଲୋଚକ ଭାବେ କବିସୂର୍ଯ୍ୟମିଶ୍ର ଯୋଗଦାନ କରି ସାହିତ୍ୟର ପ୍ରସଙ୍ଗ ଉପରେ ଆଲୋଚନା ରଖିଥିଲେ ।ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରାଜିବ କୁମାର କର ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ ।ଇଂରାଜୀ ବିଭାଗର ଅଧ୍ୟାପକ ଶ୍ରୀ ଅନୀଲ୍ କୁମାର ନନ୍ଦ ଜୀବନ ପାଇଁ ସାହିତ୍ୟର ଆବଶ୍ୟକତା ଉପରେ ଅଭିଭାଷଣ ଦେଇଥିଲେ ।ପ୍ରାରମ୍ଭରେ ଅଧ୍ୟାପିକା ଡ. ପୁଷ୍ପାଞ୍ଜଳୀ ସାମଲ ଆଲୋଚନା ଚକ୍ର ଉପରେ ସମ୍ୟକ୍ ସୂଚନା ଦେଇଥିଲେ । ଅଧ୍ୟାପକ ଡ. ଆଲୋକ ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯଥା କାଜଲ ପଣ୍ଡା,ସୁଶ୍ରୀ ସଂଗୀତା ଦାସ,ଦେବାଶିଷ୍ ବାରିକ,କିରଣଦାସ ପ୍ରମୁଖ ସନ୍ଦର୍ଭ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ବାଳକୃଷ୍ଣ ଚୌଧୁରୀ,କାର୍ତ୍ତିକ ଦାସ,ଦୀପସୁନ୍ଦର ବେହେରା,ଅମିତ୍ ବିକ୍ରମ ପଟ୍ଟନାୟକ,ଅଜିତ୍ ସୁନ୍ଦରାୟ, ଅନୁପ ମହାନ୍ତୀ, ସମରେନ୍ଦ୍ର ମହାପାତ୍ର, ପରମିତା ପ୍ରହରାଜ,ଗଣେଶ୍ୱର ମଲିକ,ଭାଗ୍ୟଶ୍ରୀ ନାୟକ,ପ୍ରଦୀପ କୁମାର ମହାରଥୀ,ସ୍ନେହା ସୌଭାଙ୍ଗୀ,ପ୍ରଣିତା ପ୍ରହରାଜ,ପ୍ରତାପ କୁମାର ମହାପାତ୍ର,ସୁଜାତାନନ୍ଦ ପରିଚାଳନା କରିଥିଲେ । ଶେଷରେ ଅଧ୍ୟାପୁକା ସୁପ୍ରିୟା ମିଶ୍ର ଧନ୍ୟବାଦ ଅର୍ପଣକରିଥିଲେ ।

## ଖଣତ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ

ବାଣପୁର ୨/୨(ନି.ପ୍ର): ଚଳିତ ମାଘ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଇଂରାଜୀ ତା ୩୦.୦୧.୨୦୨୫ ରିଖ ଗୁରୁବାର ଠାରୁ ତା ୦୧.୦୨.୨୦୨୫ ରିଖ ଶନିବାର ପର୍ଯ୍ୟନ୍ତ ବାଣପୁର ବ୍ଲକ ଖଣତ ଗ୍ରାମରେ ଶ୍ରୀ ଶ୍ରୀ ବାବା କପିଳେଶ୍ୱର ଦେବଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଦିନ ଅଧିବାସ ଥିବାବେଳେ ଶୁକ୍ରବାର ନାମଯଜ୍ଞ ଓ ପ୍ରସାଦସେବନ କାର୍ଯ୍ୟକ୍ରମ ଥିଲା । ଅନୁରୂପ ଭାବେ ଶନିବାର ଦିନ ନଗରକୀର୍ତ୍ତନ ଓ ଯମୁନାସ୍ନାନ ହୋଇ ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଥିଲା । ଉକ୍ତ ନାମଯଜ୍ଞରେ ଖଣତ ଓ ଆଖପାଖ ଗ୍ରାମର ଶତାଧିକ ଭକ୍ତ ଯୋଗଦେଇଥିଲେ । ସୂଚନା ଥାଉକି ଖଣତ ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ୧୦ ବର୍ଷ ହେଲା ଉକ୍ତ ଅଷ୍ଟପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମ ଜାରି ରହିଛି ।

## ମୃତ୍ତିକାର ଉର୍ବରତା ଦୀର୍ଘଦିନ ବଜାଇ ରଖିବା ନିମନ୍ତେ ସଚେତନତା ଓ ସ୍ୱାସ୍ଥ୍ୟ ପରୀକ୍ଷା



ମୟୂରଭଂଜ ଜିଲ୍ଲା ଜାମଦା କୃଷି କାର୍ଯ୍ୟାଳୟ ତରଫରୁ ଜାମଦା ଗାଁ ରେ ମାଟି ର ଉର୍ବରତା କିପରି ଦୀର୍ଘଦିନ ଧରି ରହିପାରିବ ସେ ନେଇ ସଚେତନତା କରାଯାଇଛି ।ମାଟି ସ୍ୱାସ୍ଥ୍ୟ ପରୀକ୍ଷଣ କରିବା ନିମନ୍ତେ ନମୁନା ମାଟି ପ୍ରଦର୍ଶନ କରି ସଂଗ୍ରହ କରାଯାଉଛି ।ପରୀକ୍ଷା କାର୍ଡରେ ଥିବା ବିଭିନ୍ନ ଖାଦ୍ୟ ଉପାଦାନର ପରିସର,କେଉଁ ଖାଦ୍ୟସାର ଅଭାବ ରହିଛି ,ତାହାର କୁପରିଣାମ ଆମ ମାଟି,ଗଛ ଉପରେ କିପରି ପଡୁଛି ସେ ସଂକ୍ରାନ୍ତରେ ବହୁ ମୂଲ୍ୟବାନ କଥା ଚାଷୀଙ୍କୁ ଆଲୋଚନା କରି ସଚେତନ କରାଯାଇଛି ।ଜୈବିକ ଖତ,ସବୁଜ ସାର,ଜୀବାଣୁ ସାର,ଜୀବାମୃତ ,ଜିଆଖତର ପ୍ରୟୋଗ ଦ୍ୱାରା ମାଟିର ଉତ୍ପାଦକତା ଶକ୍ତିକୁ ସନ୍ତୁଳନ କରାଯାଇପାରିବ ।ଏହାଛଡ଼ା ମାଟି ପରୀକ୍ଷାର ରିପୋର୍ଟ ଅନୁସାରେ ସାର,ଅଣୁସାର ପ୍ରୟୋଗ ନିଶ୍ଚିତ କରିବା ଉଚିତ ବୋଲି କୃଷି ଅଧିକାରିଣୀ ଶୁଭଲକ୍ଷ୍ମୀ ଦାଶ ଅବଗତ କରାଇଥିଲେ ।ଏହି କାର୍ଯ୍ୟକ୍ରମରେ ବିଏଓ ଜାମଦା,ଜାମଦା ଗାଁ ମୁଖିଆ,ଏଓ ଜାମଦା,ମାଧବାନନ୍ଦ ଓଝା,କୃଷକ ସାଥୀ ବ୍ରଜେନ୍ଦ୍ର ପରାମାଣିକ,ମାନସ ରଂଜନ ମହାକୁଡ,୫୦ଜଣ ଚାଷୀ ଯୋଗଦେଇଥିଲେ ।

## ନୂତନ ବର୍ଷ ରେ ମା' ଭଗବତୀଙ୍କ ଇ- ହୁଣ୍ଡି ଓ ବାହାର ହୁଣ୍ଡିରୁ ମିଳିଲା ପ୍ରଥମ ଦାନ ଅର୍ଥ



ବାଣପୁର ୨/୨(ନି.ପ୍ର): ୨୦୨୫ ଜାନୁୟାରୀ ମାସ ଶେଷ ଦିନରେ ମା'ଭଗବତୀଙ୍କ ମନ୍ଦିରର ଇ- ହୁଣ୍ଡିରୁ ଶ୍ରଦ୍ଧାଳୁମାନଙ୍କ ପ୍ରଥମ ଦାନ ଅର୍ଥ ସଂଗ୍ରହ କରାଯାଇଛି। ଜାନୁୟାରୀ ମାସ ୩୧ ତାରିଖ ରାତି ୧୨ଘଟିକା ସୁଧା ମୋଟ ଜମା ଆୟ ଟ. ୧୯,୫୭୩.୯୯ (ଉଣିଶି ହଜାର ପାଞ୍ଚଶହ ତେସ୍ତରୀଟଙ୍କା ଅନେଶ୍ୱତ ପଇସା) ବୋଲି ୟୁକୋ ବ୍ୟାଙ୍କ ସୂତ୍ରରୁ ଜଣା ପଡିଛି । ଦୂର ଦୂରାନ୍ତରେ ଥିବା ଶ୍ରଦ୍ଧାଳୁମାନେ ମା'ଙ୍କ ଦୈନନ୍ଦିନ ସେବା ପାଇଁ ଏହି ଇ-ହୁଣ୍ଡି ଦ୍ୱାରା ଅର୍ଥଦାନ କରୁଥିବାରୁ ସ୍ଥାନୀୟ ୟୁକୋ ବ୍ୟାଙ୍କ ତରଫରୁ ଜାନୁୟାରୀ ମାସରୁ ମନ୍ଦିରରେ ଏହି ସୁବିଧା ଯୋଗାଇଦିଆଯାଇଛି। ଶ୍ରଦ୍ଧାଳୁମାନେ ଫୋନ-ପେ ମାଧ୍ୟମରେ ପଠାଉଥିବା ଦାନ ଅର୍ଥ ମା'ଙ୍କ ଦେବୋତ୍ତର କାର୍ଯ୍ୟାଳୟ ନାମ ରେ ୟୁକୋ ବ୍ୟାଙ୍କ ରେ ଥିବା ଜମାଖାତାରେ ସିଧାସଳଖ ଜମାହୋଇପାରୁଥିବା ସହିତ ଦାତା ଶ୍ରଦ୍ଧାଳୁମାନଙ୍କ ନାମ ମଧ ଜମାଖାତାରେ ରେକର୍ଡ଼ ଭୁକ୍ତ ହୋଇପାରୁଛି । ସେହିପରି ବାହାର ହୁଣ୍ଡିରୁ ନଗଦ ଟ.୨,୦୭,୨୭୧.୦୦ ପଇସା (ଦୁଇ ଲକ୍ଷ, ସାତ ହଜାର, ଦୁଇଶହ ଏକସ୍ତରୀ ଟଙ୍କା) ସହିତ କୋଡିଏ କ୍ୟାରେଟ୍ ବିଶିଷ୍ଟ ୬୧ ଗ୍ରାମ ୪୦୦ ମିଲିଗ୍ରାମର ଚେନ୍ ସହ ୨୩ଟି ଖାସୁଥାଇ ଏକ ସୁନାର ଖାସୁମାଳ,୧୪ ଗ୍ରାମ ୨୧୦ ମିଲିଗ୍ରାମ ରୂପାର ଏକ ପାଉଞ୍ଜି, ୭୦ ମିଲିଗ୍ରାମ ରୂପାର ୪ଟି ଆଖି ସଂଗ୍ରହ କରାଯାଇ ମନ୍ଦିର ୟୁକୋ ବ୍ୟାଙ୍କ ଜମାଖାତାରେ ଜମାକରାଯାଇଛି। ମନ୍ଦିର ପରିଚାଳନା କମିଟିର ସଭ୍ୟା ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରିଣୀ ଶୀତଲ ଅଗ୍ରୱାଲ, ବାଣପୁର ଥାନା ପୋଲିସ୍, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ମା' ଙ୍କ ପାଖରେ ଧୂପଦୀପ ଦେଇ ଏହି ହୁଣ୍ଡି ଖୋଲିଥିବା ବେଳେ ପୂଜକ ପ୍ରକାଶ ମହାପାତ୍ର, ପାଳିଆ ମାଳି ସେବକ ସଂଜୟ କୁମାର ମହାପାତ୍ର, କର୍ମଚାରୀ ସୁରେନ୍ଦ୍ରକୁମାର ସାହୁ, ଅକ୍ଷୟ କୁମାର ମିଶ୍ର, ଅଶ୍ୱିନୀ ମିଶ୍ର ଓ କମଳ ମିଶ୍ର ଏହି ଅର୍ଥ ସଂଗ୍ରହ ଓ ଗଣତିରେ ସହଯୋଗ କରିଥିଲେ । ଉଭୟ ହୁଣ୍ଡିରୁ ସଂଗୃହୀତ ଦାନ ଅର୍ଥ ମା'ଙ୍କ ଦୈନନ୍ଦିନ ଭୋଗ ସେବାରେ ଲାଗିବ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି ।

## କାନଖାରେ ମାଗ୍ ମୁଲୁଃ ସମାରୋହରେ ଶିକ୍ଷାର ଉନ୍ନତି ପାଇଁ ଗୁରୁତ୍ୱାରୋପ



ମୟୂରଭଞ୍ଜ୨/୨(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ କାନଖା ଗାଁ ରେ ମାଗ୍ ମୁଲୁଃ(ଆଦିବାସୀ ନୂତନ ବର୍ଷ) ପରମ୍ପରା ଅନୁସାରେ ଗ୍ରାମ ଦେବତା ମାରଂବୁରୁଙ୍କୁ ପୂଜାର୍ଚ୍ଚନା କରାଯାଇ ସମାରୋହ ପାଳନ କରାଯାଇଛି ।ମାରଂବୁରୁ ଦେବତା ପାଶେ ଗାଁ ର ସମସ୍ତ ପରିବାରର ଭଲରେ ରୁହନ୍ତୁ ବୋଲି ମଙ୍ଗଳ କାମନା କରାଯାଇଥିଲ ।ଗ୍ରାମ ର ଆଖପାଖ ଗାଁ ର ବହୁ ସଂଖ୍ୟାରେ ଜନସାଧାରଣମାନଙ୍କ ଉପସ୍ଥିତିରେ ଶିକ୍ଷାର ଉନ୍ନତି ଆଗକୁ କିପରି ହୋଇପାରିବ ସେ ବିଷୟରେ ଆଦିବାସୀ ଶିକ୍ଷାବିତ୍ ମାନେ ଗୁରୁତ୍ୱାରୋପ କରିଥିଲେ ।ଦଶମ ପାସ୍,ଯୁକ୍ତ ଦୁଇ,ଯୁକ୍ତ ତିନି ପାସ୍ ୨୦୨୪ ବର୍ଷର ବିଦ୍ୟାର୍ଥୀମାନଙ୍କୁ ବରିଷ୍ଠ ନାଗରିକମାନେ ପୁରସ୍କାର ପ୍ରଦାନ କରିବା ସହ ଶିକ୍ଷଣୀୟ ପୁସ୍ତକ ବଣ୍ଟନ କରି ସମ୍ମାନିତ କରିଥିଲେ । ଗାଁ ପିଲାମାନେ ଶିକ୍ଷାରେ କିପରି ଆଗକୁ ଅଗ୍ରସର ହେବେ ସେ ନେଇ ଗାଁ ର ବରିଷ୍ଠ ନାଗରିକମାନଙ୍କ ସହ ଆଲୋଚନା କରାଯାଇଛି । ଶିକ୍ଷକ ବିଞ୍ଝୁ ହେମ୍ବ୍ରମ,ଲକ୍ଷ୍ମଣ ମୁର୍ମୁ, ଧନଞ୍ଜୟ ହାଁସଦାଃ, ସଣେୟା ହେମ୍ବ୍ରମ,ଘାଟାମ ସୋରେନ୍,ନାରାୟଣ ହାଁସଦାଃ,ମାକିରାମ ହାଁସଦାଃ,ଭୀମ ସୋରେନ ସମେତ ଗାଁ ର ଶିକ୍ଷିତ ମହିଳାମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଭୁମିକା ଗ୍ରହଣ କରିଥିଲେ ।ସର୍ବଶେଷରେ ମାଗ୍ ମୁଲୁଃ ଅବସରରେ ଆଦିବାସୀ ନାଚଗୀତ ମାଦଳ,ନାଗରା ବଜାଇ ସମାରୋହକୁ ଉଦଯାପିତ କରିଥିଲେ । ଏହା ବ୍ୟତୀତ ଜାମଦା ବ୍ଲକର ଲକ୍ଷ୍ମୀପୋଷି, କାଣ୍ଡସର, ଦୁମାଡ଼ିହି, ମୁଗଦି,ବାଘିଆ, ଦେଉକୁଣ୍ଡି, ରମାପାହାଡ଼ି, ଚାନ୍ଦିଖମଣ, ପାସନା, ଡୁମୁରିଆ, ବାମ୍ବଦ, ନଟୁଆର, ଟିଙ୍ଗିରିଆ, ତାରଣା ଆଦି ସ୍ଥାନରେ ମାଗ୍ ମୁଲୁଃ ଖୁବ ଆନନ୍ଦ ସହକାରେ ପାଳିତ ହୋଇଯାଇଛି ।

## ରାଉଳ ଏବଂ ମୁନୀ କୁଳ ସମାଜର ନୂତନ କର୍ମକର୍ତ୍ତା ଚୟନ ଓ ବନ୍ଧୁ ମିଳନ

ରଙ୍ଗେଇଲୁଣ୍ଡା ୨/୨(ନି.ପ୍ର): ମହୁରୀ ତାଲୁକା ରାଉଳ ମୁନି କୁଳ ଶିବ ପୂଜକ ସମାଜର ବନ୍ଧୁ ମିଳନ ଓ ସମାଜ ର କାର୍ଯ୍ୟ କର୍ତ୍ତା ଚୟନ ଆଜି ତାଲୁକା ସଭାପତି ଓ ରାଜ୍ୟ ସଭାପତି ଙ୍କ ଉପସ୍ଥିତିରେ ଗୋଳନ୍ଥରା ସ୍ଥିତ ଈଶ୍ୱାରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଗୋଳନ୍ଥରା ଗ୍ରାମ୍ୟ ରାଉଳ କୁଳ ସଭାପତି ନାରାୟଣ ରାଉଳ ଓ ରାଉଳ ସମାଜ ସଦସ୍ୟ ମିଳିତ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବ ସଂମ୍ମତି କ୍ରମେ ମହୁରୀ ତାଲୁକା ସଭାପତି ଭାବେ ଗୋଳନ୍ଥରାର ମନଜୋ କୁମାର ରାଉଳ, ଉପସଭାପତି ଭାବେ ଆଙ୍କଶପୁରର ଦଣ୍ଡପାଣି ରାଉଳ ତୁଲୁର ମୁନା ରାଉଳ, ସମ୍ପାଦକ ଭାବେ ବ୍ରହ୍ମପୁରର ରୁପେଶ ମହାପାତ୍ର ସହସମ୍ପାଦକ ଧର୍ମେନ୍ଦ୍ର ରାଉଳ, କୃଷ୍ଣ ଚନ୍ଦ୍ର ରାଉଳ, ଅଜିତ ରାଉଳ ଏବଂ କୋଷାଧକ୍ଷ ଭାବେ ପ୍ରମୋଦ ରାଉଳ ମନାନୀତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ରବୀନ୍ଦ୍ର ରାଉଳ, ଜଗନ୍ନାଥ ରାଉଳ ଏବଂ ଶିବରାମ ରାଉତ ମନୋନୀତ ହୋଇଛନ୍ତି। ସେହିପରି ସଭ୍ୟ ଭାବେ ସୁବ୍ରତ ମହାପାତ୍ର, ବିଜୟ ରାଉଳ, ଚୂଡ଼ାମଣି ରାଉଳ, ମହେନ୍ଦ୍ର ରାଉଳ,ସନ୍ତୋଷ ରାଉଳ, ଶଙ୍କର ରାଉଳ, ଅମୂଲ୍ୟ ରାଉଳ, ଟିକିନା ରାଉଳ ସନ୍ତୋଷ ରାଉଳ, ସୁଶାନ୍ତ ରାଉଳ, ଦଣ୍ଡପାଣି ରାଉଳ, ସରୋଜ ରାଉଳ, ଫକୀର ମୋହନ ରାଉଳ ପ୍ରମୁଖଙ୍କୁ ସଭ୍ୟ ରୂପେ ଚୟନ କରାଯାଇଛି। ଆଗାମୀ ଦିନରେ ରାଉଳ ଓ ମୁନୀ କୁଳ ସମାଜକୁ ଆହୁରି ସୁଦୃଢ଼ କରାଯିବା ସହ ସମସ୍ତ ରାଉଳଙ୍କୁ ଏକତ୍ରିତ କରିବା ସହ ସେମାନଙ୍କ ଉନ୍ନତି ପାଇଁ ପ୍ରୟାସ କରିବି ବୋଲି ମହୁରୀ ତାଲୁକା ସଭାପତି ଶ୍ରୀ ମନୋଜ କୁମାର ରାଉଳ କହିଛନ୍ତି।

## ସାତଟି ମଣ୍ଡଳ ସଭାପତି ଙ୍କ ନାମ ଘୋଷିତ

ନିମାପଡା ୨/୨(ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବିଧାନ ସଭା ନିର୍ବାଚନ ମଣ୍ଡଳୀ ରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସଭାପତି ଙ୍କ ନାମ ଘୋଷିତ ହୋଇଛି ବଳଙ୍ଗା .୧୮. ନମ୍ବର ଜୋନ ଲାଗି ଦେବାଶିଷ ଆଚାର୍ଯ୍ୟ,,ଧନୁଆ ୧୯ ନମ୍ବର ଜୋନ ଲାଗି ସନ୍ତୋଷ ପରିଡା ୨୦ ନମ୍ବର ଯୋନ ନିମାପଡା ଗ୍ରାମୀଣ ଲାଗି ସତ୍ୟ ଭୂଷଣ ସାଇଁ,ଚାରିଛକ ୨୧ନମ୍ବର ଜୋନ ଲାଗି ପ୍ରଭାତ କୁମାର ନାୟକ, ନିମାପଡା ଏ ନ ଏସି ଲାଗି ନିରଞ୍ଜନ ନାୟକ,ମଞ୍ଚନାଥ (୧୧) ଲାଗି କିଶୋର ଚନ୍ଦ୍ର ରାଉତ, ଗୋପ (୧୩) ନମ୍ବର ଜୋନ ଲାଗି ବିଜୟ କୁମାର ନାୟକ ଓ ରାଜ୍ୟ ପରିଷଦ ସଦସ୍ୟ ଗୋବିନ୍ଦ ପାଢ଼ୀ ଓ ସ୍ୱର୍ଣ ଲତା ମାଝୀ ଙ୍କୁ ଚୟନ କରାଯାଇଥିବା ଦଳୀୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ଉଜ୍ଜଳା ଯୋଜନାରେ ଗ୍ୟାସ ଗାଡି ଗାଁ କୁ ଆସୁନି,ଉପଭୋକ୍ତା ହନ୍ତସନ୍ତ

ମୟୂରଭଞ୍ଜ ୨/୨(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ବହଳଦା ଗ୍ରାମୀଣ ବିତରଣ ଇନ୍ଦନ ଗ୍ୟାସ ଏଜେନ୍ସୀ ବିଞ୍ଜୁଆ ପକ୍ଷରୁ ଗ୍ୟାସ ବିତରଣ କରୁଥିବା ଗାଡି ନମ୍ବର ଓଡ଼ି ୧ ୧ ଏ ୭ ୫ ୧ ୧ ଗାଁ ଭିତରକୁ ଯାଉନାହିଁ ।ମୁଖ୍ୟ ରାସ୍ତା କଡ଼ରେ ଗ୍ୟାସ ଦେଇ ଚାଲି ଯାଉଛି ଏବଂ ଅଧିକ ସମୟ ରହୁନାହିଁ କିମ୍ବା ଆସିବାର କୌଣସି ସମୟ ଓ ସୂଚନା ଦେଉ ନାହିଁ ।ଏଭଳି ସଂଗୀନ ଅଭିଯୋଗ ଆସିଛି ଉକ୍ତ ବ୍ଲକ ଅନ୍ତର୍ଗତ ଇନ୍ଦଖୋଲି ଏବଂ କୁଲଗୀ ଗ୍ରାମରେ ।ବିତରଣ କରୁଥିବା ଉକ୍ତ ଗାଡ଼ିର କର୍ମଚାରୀ ମାନଙ୍କୁ ଗ୍ରାମବାସୀ ଏବଂ ସମାଜସେବୀ ବିକାଶ ନାୟକ କହିବାରୁ ସେମାନେ ଯୁକ୍ତିତର୍କ କରୁ ଅଛନ୍ତି ।ଏ ସମ୍ପର୍କରେ ଏଜେନ୍ସୀକୁ କହିବାରୁ ସେ ମଧ କର୍ଣ୍ଣପାତ କରୁ ନାହାନ୍ତି, ଯାହାଦ୍ୱାରା ଗ୍ରାମବାସୀ ମାନେ ଅନେକ ଅସୁବିଧା ପ୍ରକାଶ କରିଛନ୍ତି ।ଏ ନେଇ ଏଜେନ୍ସି ମୁଖ୍ୟଙ୍କୁ ମୋବାଇଲରେ ଯୋଗାଯୋଗ କଲେ ନମ୍ବର ଲାଗୁନାହିଁ ।

## କାଠଫେର ଠାରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ



ବୋଡ଼େନ ୦୨/୨(ନି.ପ୍ର):ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଦୁର୍ଗମ ଅଞ୍ଚଳ ଭଇସାଦାନି ପଞ୍ଚାୟତ ର କାଠଫେର ଗାଁ ରେ ଆଜି ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଗାଁ ର ବହୁ ଲୋକଙ୍କ ଠାରୁ ସମସ୍ତ ପ୍ରକାର ରକ୍ତ ପରୀକ୍ଷା କରି ଚିକିତ୍ସା କରାଯାଇ ନିଃଶୁଳ୍କ ସ୍ୱାସ୍ଥ୍ୟ ଯାଞ୍ଚ କରି ମାଗଣାରେ ଔଷଧ ଦିଆଯାଇ ଥିଲା । ଏଥିରେ ବୋଡ଼େନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଜୀବ କୁମାର ନାୟକ, ପିଏଚଇଓ ଅନୁପ ସିଂ ମାଝୀ,ବିଡ଼ିଏମ ଗଗନ ନାଏକ, ସ୍ୱାସ୍ଥ୍ୟ କର୍ମୀ ଦିପେଶ ପତି, ଅବିରାମ ମାଝୀ ଉପସ୍ଥିତ ହୋଇ ସହଯୋଗ କରିଥିଲେ।

## ଝାମୁଯାତ୍ରା ପାଇଁ ଭୂମିପୂଜା ମାଁ ଅଷ୍ଟ ଚଣ୍ଡୀଙ୍କ ନଗର ପରିକ୍ରମା

କର୍ଲାମୁଣ୍ଡା ୨/୨(ନି.ପ୍ର):କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠରେ ଆଗାମୀ ଚୈତ୍ର ମାସରେ ହେବାକୁ ଥିବା ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଙ୍କ ଝାମୁଯାତ୍ରା ଅବସରରେ ଶନିବାର ମାଁ ଚଣ୍ଡୀଙ୍କର ଉଲଗନ ଦିଆ ତଥା ଭୂମିପୂଜା, ବାନା ପୂଜା ଆୟୋଜିତ ହୋଇଯାଇଛି। ଅପରାହ୍ନରେ ଆଧାତ୍ମିକ ପରିବେଶ ମଧ୍ୟରେ ଘଣ୍ଟ ଶଙ୍ଖ, ନିଶାଣ, ହୁଳହୁଳି,ବାଜା ସହ ଗ୍ରାମର ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠରୁ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ। ଯାତ୍ରାରେ ଚଣ୍ଡୀଙ୍କ ସମେତ ପାର୍ଶ୍ୱ ଦେବୀଙ୍କ ପରିକ୍ରମା ହୋଇ ଶିବମନ୍ଦିରଠାରୁ ପ୍ରତ୍ୟାବର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଯାତ୍ରାରେ ମୁଖ୍ୟ ଦେହୁରୀ ସୁଶାନ୍ତ ମଲ୍ଲିକ ଙ୍କୁ କାଳିଶ୍ରୀ ଆସିଲାପରେ ମରାମପୁର ନିଲ ମାଧବ ସିଂ ଦେଓ ରାଜାପରିବାର ସଦସ୍ୟ ରୁ ପାଟସେନ୍ଦୁର, ପ୍ରଥମେ ଚଣ୍ଡୀଙ୍କୁ ସମର୍ପଣ କରିଥିଲେ ।ସେବାୟତ ରଞ୍ଜନ ରଣା,ହରି ବାରିକ, ହୃଦାନନ୍ଦ ମଲ୍ଲିକ, ବୃହସ୍ପତି ରଣା, ସୂର୍ଯ୍ୟମଣି ରଣା ମହେନ୍ଦ୍ର ପ୍ରଧାନୀ, ଶେଷ ଦେବ ରଣା, ମଣ୍ଟୁ ରଣା,ମହିମା ରଣା କୈଳାସ କୁମୁରା, ଲମ୍ବଧର ରଣା ମାର୍କଣ୍ଡ ପ୍ରଧାନୀ, ରାଧେଶ୍ୟାମ ପଟ୍ଟନାୟକ, ସରପଞ୍ଚ ସେବତୀ ରଣା , ମାଧବ ମାଝୀ, ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା, ଯୁବ ସାମ୍ବାଦିକ ରମେଶ ବାରିକ୍ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ଚୈତ୍ର ମାସରେ ୭ ଦିନ ବ୍ୟାପୀ ମାଁ ଅଷ୍ଟଚଣ୍ଡୀ ତାରିଣୀଙ୍କ ଝାମୁଯାତ୍ରା ଅନୁଷ୍ଠିତ ହେବାକାଯ୍ୟକ୍ରମ ରହିଛି।

## ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଦୁର୍ନୀତି,ସରକାର ଙ୍କ ନିଷ୍ପତ୍ତି କୁ ଉଚ୍ଚ ପଦସ୍ଥ ଅଧିକାରୀ ଙ୍କ ଅବମାନନା

ନିମାପଡ଼ା ୨/୨(ନି.ପ୍ର): ଜାତୀୟ ସ୍ୱାସ୍ଥ୍ୟ ମିଶନ ରେ କୋଟି କୋଟି ଟଙ୍କା ର ଦୁର୍ନୀତି ଅଭିଯୋଗ ସମ୍ପର୍କ ରେ ବିଭିନ୍ନ ଗଣମାଧ୍ୟମ ରେ ପ୍ରଚାର ହେବା ପରେ, ଏହା ସରକାର ଙ୍କ ନଜରକୁ ଆସିଥିଲା । ସରକାରୀ ସ୍ତରରେ ଏହାର ଅନେକ ଆଲୋଚନା ସମାଲୋଚନା ହେବା ପରେ, ସରକାର ସମସ୍ତ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ଙ୍କ ବଦଳି ପାଇଁ ଦୃଢ଼ ନିଷ୍ପତ୍ତି ନେଇଥିବା ଦୃଷ୍ଟି କୁ ଆସିଛି। ଯାହାକି ମିଶନ ଡାଇରେକ୍ଟର ଙ୍କ ଚିଠି ନଂ ୧୪୯୩୩/ ତା ୨୮/୧୧/୨୦୨୪ ରିଖ ଅନୁଯାୟୀ ସମସ୍ତ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚରୀମାନଙ୍କୁ ଅନ୍ୟତ୍ର ବଦଳି ନିମନ୍ତେ ସମସ୍ତ ଜିଲ୍ଲା ପାଳ ଙ୍କୁ ଚିଠି କରାଯାଇଥିଲେ ମଧ ତାହାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନଜର କୁ ଆସୁନାହିଁ । ତେଣୁ ଏହା ପଛରେ କି ପ୍ରକାର ଷଡ଼ଯନ୍ତ୍ର ଚାଲିଛି ତାହା ସ୍ପଷ୍ଟ ହୋଇ ପାରୁ ନ ଥିବାରୁ ସାଧାରଣ ରେ ଏହା ଚର୍ଚ୍ଚାର ବିଷୟ ପାଲଟି ଥିବା ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ମାନେ ଛାତି ଫୁଲାଇ ବାଟ ଚାଲୁଥିବା ନଜର କୁ ଆସୁଛି। ଯାହାକି ମିଶନ ଡାଇରେକ୍ଟର ଙ୍କ ଚିଠି ଓ ସରକର ଙ୍କ ନିଷ୍ପତ୍ତି ଏଠି ଫିକା ପଡ଼ିବା ଓ ମିଶନ ଡାଇରେକ୍ଟର ଙ୍କୁ ଅବମାନନା ହେଉଛି ବୋଲି ଜଣା ଯାଉଛି।

# ଦୁମାଡ଼ିହିରେ ବାର୍ଷିକ ମହୋଛବ ଆତସବାଜି ଓ ଆଲୋକମାଳାରେ ହେଲା ସମାପନ



ମୟୂରଭଞ୍ଜ ୨/୨(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡସ୍ଥ ତାଳଗାଁ ଗ୍ରାମପଞ୍ଚାୟତ ନିକଟସ୍ଥ ଦୁମାଡ଼ିହି ଗାନ୍ଧିଜୀ ଯୁବକ ସଂଘ ପକ୍ଷରୁ ୨୨ତମ ମହୋଛବ ଆତସବାଜି ଓ ବିଭିନ୍ନ ରଙ୍ଗୀନ ଆଲୋକମାଳାରେ ବିଳମ୍ବିତ ରାତ୍ରରେ ସମାପନ ହୋଇଯାଇଛି ।ଉକ୍ତ ମହୋତ୍ସବରେ ଦୁମାଡ଼ିହି ଖେଳ ପଡ଼ିଆରେ ବିଭିନ୍ନ ଦୋକାନ,ବିଭିନ୍ନ ପନିପରିବା,ହୋଟେଲ,ବିଭିନ୍ନ ଖାଦ୍ୟ ଷ୍ଟଲ,ଖେଳଣା ବିକ୍ରି ଷ୍ଟଲ ଆଦି ଦୂରଦୂରାନ୍ତରୁ ଆସିଥିବା ଦୋକାନୀ ଭାଇମାନେ ପସରା ମେଲାଇଥିଲେ ।ଚାରି ଦିନିଆ ମହୋଛବରେ ବିଭିନ୍ନ ଖେଳ ଗାନ୍ଧିଜୀ ଯୁବକ ସଂଘର କର୍ମକର୍ତ୍ତାଗଣ ଆୟୋଜନ କରିଥିଲେ ।ଉକ୍ତ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ବୟସ୍କ ନାରୀମାନଙ୍କର ପାଣିକଳସ ମୁଣ୍ଡରେ ରଖି ଦୌଡ଼ିବା,ରାତାଃ କୁଳିଆ ଜାଓ୍ୱାଇଁ ବାଛାଓ୍ୱ (ମହିଳା ମାନଙ୍କର ଆଖିରେ କପଡ଼ା ବାନ୍ଧି ନିଜ ନିଜ ସ୍ୱାମୀଙ୍କୁ ଖୋଜିବା) ।ଛୋଟ ବାଳକ/ବାଳିକା ମାନଙ୍କର ୨୦୦ମି ଦୌଡ଼,ବୟସ୍କ ମହିଳା ମାନଙ୍କର ୨୦୦ମି ଦୌଡ଼,ବାଳିକା ଭଉଣୀମାନଙ୍କର ବେଲୁନ ଫଟା,ବୟସ୍କ ପୁରୁଷ ମାନଙ୍କର ୪୦୦ମି ଦୌଡ,ବୟସ୍କ ମହିଳାଙ୍କର ବେଲୁନଫଟା ଆଦି ଖେଳ ଅନୁଷ୍ଠିତ ହୋଇଥିଲା ।ରାତ୍ର ମଉଜ ନିମନ୍ତେ ବିଭିନ୍ନ ଆଦିବାସୀ ନାଚ ବୁଢ଼ୀଗାଳି,ଆନ୍ଦିସୁସୁନ,ବାହା ଏନେଜ ,ଡିସ୍କୋ ଲାଗଣେ ନାଚ ଅନୁଷ୍ଠିତ ହୋଇଥିଲା ଏବଂ ବିଭିନ୍ନ ସଂଗୀତରେ ରେକର୍ଡ ଡ୍ୟାନ୍ସ ନିମନ୍ତେ ଯୁବକମାନେ ଅଂଶ ଗ୍ରହଣ କରିଥିଲେ ।ଅତିଥି ମଧ୍ୟରେ ତାଳଗାଁ ସରପଞ୍ଚ ଡମ୍ବୁରୁଧର ହେମ୍ବ୍ରମ,ସମାଜସେବୀ ଲକ୍ଷ୍ମଣ ଟୁଡୁ,ଲକ୍ଷ୍ମୀଧର ମହାନ୍ତ,ମୁସ୍ତଫା ଅଲ୍ଲୀ,ଅର୍ଜୁନ ପରାମାଣିକ,ପିକେ ଶତପଥୀ ପ୍ରମୁଖ ଯୋଗ ଦେଇ ଆନନ୍ଦ ଉଲ୍ଲାସର ମହୋଛବ ଉପରେ ବକ୍ତବ୍ୟ ରଖି କ୍ରୀଡ଼ାବିତ୍,ନାଚ ଦଳ,ଜୋକର ମାନଙ୍କୁ ବିଭିନ୍ନ ଘରକରଣା ଆସବାବ ଜିନିଷ ପତ୍ର ପ୍ରଦାନ କରିଥିଲେ ।ସଂଘର ତ୍ରିଲୋଚନ ପରାମାଣିକ,ନିରୋଦ ନାୟକ,ଲକ୍ଷ୍ମଣ ନାୟକ, ନରସିଂହ ବେହେରା, ବୁଧରାଏ ବାର୍ଜଃ,ନାରାୟଣ ପରାମାଣିକ,ରାଜୁ ବେହେରା,ମୁନା ବାବୁ,କାଦେ ଟୁଡୁ,ମକ୍ର ସର୍ଦ୍ଦାର,ସୁନିଲ ସର୍ଦ୍ଦାର ପ୍ରମୁଖ ଉତ୍ସବକୁ ସଫଳ କରିବାରେ ସହଯୋଗ ରହିଥିଲା ।

# ମୋରଣ୍ଡାରେ ଅଣଧାନ ଖାଦ୍ୟ ରନ୍ଧନ ପ୍ରତିଯୋଗିତା



ମୟୂରଭଞ୍ଜ ୨/୨(ନି.ପ୍ର): ବୃହତ ଉଠାଜଳସେଚନ ଅଞ୍ଚଳରେ ଫସଲ ବିବିଧକରଣ ଯୋଜନାରେ ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ କ୍ଲଷ୍ଟର ୪ ପଞ୍ଚାୟତ ଅଫିସ ମୋରଣ୍ଡାରେ ଅଣଧାନ ଖାଦ୍ୟ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଜାମଦା ସିଡିପିଓ ଜ୍ୟୋତିରେଖା ଦତ୍ତ,ମୋରଣ୍ଡା ସରପଞ୍ଚ କାପୁରା ମାର୍ଣ୍ଡି,ଜାମଦା ବିଏଓ ଶୁଶଲକ୍ଷ୍ମୀ ଦାଶ ଉପସ୍ଥିତ ରହି ଉକ୍ତ ଯୋଜନାର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ ।ଏଥିରେ ୩ଟି ଗ୍ରାମପଞ୍ଚାୟତ ଜାରକାଣୀ,ବଡ଼ଦୁନ୍ଦୁ,ମୋରଣ୍ଡା ପଞ୍ଚାୟତର ୬ଟି ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାର ଅଣଧାନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ଗ୍ରାମାଞ୍ଚଳର ଚାଷୀ ମାନଙ୍କୁ ଅଣଧାନ ଚାଷ ନିମନ୍ତେ ଉତ୍ସାହିତ କରିବା ସହିତ ଚାଷୀ କିଭଳି ସ୍ୱାବଲମ୍ବୀ ହୋଇ ନିଜର ଆୟକୁ ଦ୍ୱିଗୁଣା କରିବେ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଜାମଦା ବ୍ଲକ କୃଷି ଅଧିକାରିଣୀ ଶୁଭଲକ୍ଷ୍ମୀ ଦାଶ ଅଂଶଗ୍ରହଣକାରୀ ମହିଳା ଚାଷୀଙ୍କୁ ଉଦ୍??ବୋଧନଛଳରେ ଏହା କହିଥିଲେ ।ପ୍ରକାଶଥାଉ କି ଉପସ୍ଥିତ ଥିବା ସୟଂସହାୟକ ଗୋଷ୍ଠିର ମହିଳାମାନେ ଓ ଚାଷୀଭାଇ ମାନଙ୍କୁ ବିଭିନ୍ନ ଖାଦ୍ୟ ରନ୍ଧନ ପ୍ରକ୍ରିୟା ଉପରେ ସଚେତନ ଅତିଥିଗଣ ସଚେତନ କରିବା ସହ ଉଚ୍ଚ ଓ ମଧ୍ୟମ କିସମ ଜମିରେ ଧାନ ଚାଷ ନକରି ଅଣଧାନ ଚାଷ ଯଥା ମୁଗ, ବିରି, ଚିନାବାଦାମ, ହରଡ, ମାଣ୍ଡିଆ, ପନିପରିବା ଇତ୍ୟାଦି କରିବା ପାଇଁ ଚାଷୀ ମାନଙ୍କୁ ବହୁମୂଲ୍ୟ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଜାମଦା ଦୁଲାଲ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ବ୍ଲକ ସଂଯୋଜକ ମହାସାଗର ନାୟକ,ପିଏମ୍ ଆଦିକନ୍ଦ ବେହେରା,ମଳୟ ରଂଜନ ଜେନା,ଦମୟନ୍ତୀ ହେମ୍ବ୍ରମ ,କୁଞ୍ଜ ବିହାରୀ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲା ସାମ୍ବାଦିକ ସଂଗଠନର ସଡକସୁରକ୍ଷା କାର୍ଯ୍ୟକ୍ରମ

ଖୋର୍ଦ୍ଧା ୨/୨(ନି.ପ୍ର): ଭଏସ୍ ଅଫ୍ ମିଡିଆ ସାମ୍ବାଦିକ ସଂଗଠନ ,ଖୋର୍ଦ୍ଧାଜିଲ୍ଲା ଆନୁକୂଲ୍ୟରେ ରୋଡସେଫ୍ଟି ଆୱାରନେସ୍ ପାଳିତ ହୋଇଯାଇଛି ।ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦିସେଠୀ,ଖୋର୍ଦ୍ଧା ଅତିରିକ୍ତ ଆର ଟି ଓ ଅରବିନ୍ଦ ନାୟକ,ସଦର ଥାନାଅଧିକାରୀ କାହ୍ନୁଚରଣ ସ୍ୱାଇଁ,ନାଇଡୁ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଂଶୁମାନ,ଭଏସ ଅଫ୍ ମିଡିଆର ରାଜ୍ୟସଭାପତି ପ୍ରଭାତ ମିଶ୍ର,ଉପସଭାପତି ପି ବାଲାଜିପାତ୍ର ଆତିଥିଗ୍ରହଣକରି ସଡକସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ସଭାପତି ଧନେଶ୍ୱର ବିଧାର ଅତିଥି ପରିଚୟ ଦେବାସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

# ବାଣପୁର କୋର୍ଟରେ ଆଇନ ସଚେତନତା କାର୍ଯ୍ୟକ୍ରମ



ବାଣପୁର ୨/୨(ନି.ପ୍ର):ବାଣପୁର କୋର୍ଟ ପରିସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡିଶା ହାଇକୋର୍ଟ ଭିଡିଓ କନଫରେନସିଂ ଅଧିନିୟମ ଦ୍ୱାରା କିପରି ରାଜ୍ୟର ସମସ୍ତ କୋର୍ଟରେ ବିଚାରପ୍ରକ୍ରିୟା ଦ୍ରୁତ ହୋଇପାରୁଛି, ସେ ବିଷୟରେ ସଚେତନ କରାଇଥିଲେ ବିଚାରପତି ।ଭିଡିଓ କନଫରେନସିଂ ସୁବିଧା ମାଧ୍ୟମରେ ଦୂର ଦୁରାନ୍ତରରେ ରହୁଥିବା ସାକ୍ଷୀ ମାନେ ସିଧାସଳଖ ଶୁଣାଣି ସମୟରେ ସମ୍ପୃକ୍ତ କୋର୍ଟ ଦ୍ୱାରା ଯୋଡି ହୋଇପାରିବେ ଯାହାଦ୍ୱାରା ସେମାନଙ୍କ ସମୟ ଅପଚୟ ହେବନାହିଁ ତଥା ଖର୍ଚ୍ଚାନ୍ତରୁ ମୁକ୍ତ ହେବେ । ସେହିପରି ଭାବେ ସୁପ୍ରିମକୋର୍ଟ ର ରାୟ ଇଂରାଜୀ ଭାଷାରୁ ଅତ୍ୟାଧୁନିକ ଏଆଇ ଟେକ୍ନୋଲୋଜି(ସୁଭାଷ) ଦ୍ୱାରା କିପରି ଆଞ୍ଚଳିକ ଭାଷାରେ ପରିବର୍ତ୍ତନ କରାଯାଇପାରୁଛି, ତାହା ଉପରେ ମଧ୍ୟ ସଚେତନ କରାଯାଇଥିଲା । ଏହା ଦ୍ୱାରା ଜନସାଧାରଣ ମାନେ ଉପକୃତ ହୋଇପାରିବେ ଏବଂ ସୁପ୍ରିମକୋର୍ଟ ରାୟ ନିଜ ଆଞ୍ଚଳିକ ଭାଷାରେ ପାଇପାରିବେ ।ସମାନଭାବେ କୋର୍ଟଗୁଡିକୁ ପ୍ରଦାନ କରାଯାଇଥିବା ସୂଚନା ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସୁବିଧା ଏବଂ ଦେୱାନୀ ମାମଲାଗୁଡିକର ଶୀଘ୍ର ସମାଧାନ ପାଇଁ ହାଇକୋର୍ଟ ମଧ୍ୟସ୍ଥତା ଅଧିନିୟମ, ୨୦୦୭ ବିଷୟରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ବୃନ୍ଦାବନ ପ୍ରଧାନଙ୍କ ସମେତ ଏକାଧିକ ଓକିଲ ଏବଂ କୋର୍ଟ କର୍ମଚାରୀ ଯୋଗ ଦେଇଥିଲେ ।

# ମାହାଙ୍ଗା ସିଆରପି ଏମବିକେଙ୍କ ଧାରଣା-ବିଧାୟକଙ୍କୁ ଗାଳି ବିଜେପି ନେତାଙ୍କୁ ତାଳି

ମାହାଙ୍ଗା, ୨/୨(ନି.ପ୍ର): ବକେୟା ବେତନ ପାଇବା ଦାବିରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ୧୪ଟି ପଂଚାୟତର ସିଆରପି ଓ ଏମବିକେ ଧାରଣାରେ ବସିଥିଲେ । ଧାରଣାରତ ସିଆରପି ଓ ଏମବିକେ ମାନଙ୍କୁ ମାହାଙ୍ଗା ମଣ୍ଡଳ ଉନ୍ନୟନ ଅଧିକାରୀ, ତହସିଲଦାର ଏପରିକି ଅତିରିକ୍ତ ଜିଲ୍ଲାପାଳ ଆନ୍ଦୋଳନକାରୀ ମାନଙ୍କୁ ଭେଟି ଧାରଣା ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଗତ ବୁଧବାର ସିଆରପି ଏମବିକେ ମାନଙ୍କର ଧାରଣା ଚାଲୁରହିଥିବା ସମୟରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ପଂଚାୟତ ସମିତି ବୈଠକକୁ ଯୋଗ ଦେବାକୁ ଯାଇଥିଲେ ମଧ୍ୟ ଧାରଣାରତ ସିଆରପି ଓ ଏମବିକେମାନଙ୍କ ସହ କିଛି ଆଲୋଚନା କରିବା ଦୂରର କଥା ସେମାନଙ୍କୁ ଅଣଦେଖା କରି ସେଠାରୁ ଚାଲିଯାଇଥିଲେ । ସିଆରପି ,ଏମବିକେ ମାନଙ୍କର ଧାରଣା ଖବର ପାଇ ମାହାଙ୍ଗା ବିଜେପି ନେତା ତଥା ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ କୁମାର ଘଡ଼େଇ ଧାରଣା ସ୍ଥଳରେ ପହଞ୍ଚି ମାହାଙ୍ଗା ମଣ୍ଡଳ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା ଓ ମାହାଙ୍ଗା ତହସିଲଦାର ସୁଶାନ୍ତ କୁମାର ମିଶ୍ରଙ୍କ ଉପସ୍ଥିତିରେ ରାଜ୍ୟ ମିଶନ ଶକ୍ତି ନିର୍ଦ୍ଦେଶିକା ଓ କଟକ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଧାରଣାରତ ସିଆରପି ଓ ଏମବିକେଙ୍କ ମଧ୍ୟରୁ ଏକ ପ୍ରତିନିଧି ମଣ୍ଡଳୀ, ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ପାଇଁ ବ୍ୟବସ୍ଥା କରିଥିଲେ । ପରଦିନ ଉକ୍ତ ପ୍ରତିନିଧି ମଣ୍ଡଳୀ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଙ୍କ ସହ ଆଲୋଚନା କରିଥିଲେ । ୧୫ଦିନ ମଧ୍ୟରେ ସେମାନଙ୍କ ଦାବି ପୂରଣ ପାଇଁ ଜିଲ୍ଲାପାଳଙ୍କ ଠାରୁ ପ୍ରତିଶ୍ରୁତି ମିଳିବା ପରେ ସେମାନେ ଧାରଣା ପ୍ରତ୍ୟାହୃତ କରିଥିଲେ । ୧୫ଦିନ ମଧ୍ୟରେ ଯଦି ଜିଲ୍ଲାପାଳ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟ ନକରେ ତାହେଲେ ପୁର୍ନବାର ସିଆରପି ଓ ଏମବିକେ ମାନେ ଧାରଣା ଓ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି । ଧାରଣାରତ ସିଆରପି ଓ ଏମବିକେ ମାନଙ୍କୁ ବିଧାୟକ ଅଣଦେଖା କରିଥିବାରୁ ସିଆରପି ଓ ଏମବିକେ ମାନେ ବିଧାୟକଙ୍କୁ ବିଭିନ୍ନ ପ୍ରକାର ଗାଳି ଦେଉଥିଲାବେଳେ ବିଜେପି ନେତା ସେମାନଙ୍କ ସହିତ ସାମିଲ ହୋଇ ତାଙ୍କୁ ସହଯୋଗର ହାତ ବଢାଇଥିବାରୁ ସେମାନେ ବିଜେପି ନେତାଙ୍କ ଉଦ୍ଦେଶ୍ୟରେ ତାଳି ମାଳି ତାଙ୍କ ଗୁଣଗାନ କରିଥିଲେ ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି, ୨/୨(ନି.ପ୍ର): କୋଲଣପୁର ପଂଚାୟତ କୁଳିଆ ଠାରେ ଥିବା କାଶିପୁର ମୁକ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ପ୍ରଧାନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସସ୍ମିତା ପରିଡ଼ାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା,ମୁଖ୍ୟବକ୍ତା ଭାବେ ସରପଂଚ ଗୋପବନ୍ଧୁ ସେଠୀ, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଭାତୀ ମିଶ୍ର, ଦେବପ୍ରସାଦ କର, ପ୍ରଧାନଶିକ୍ଷୟିତ୍ରୀ କିରଣବାଳା ଦାସ,ସ୍ମୃତିରଂଜନ ପଣ୍ଡା, ଧନଞ୍ଜୟ ବରାଳ,ସ୍କୁଲ କମିଟି ସଭାପତି ଚଉରଂଜନ ଦତ୍ତ ପ୍ରମୁଖ ଯୋଗ ଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ବହୁମୁଖୀ ପ୍ରତିଭାର ଆଲୋଚନା କରିଥିଲେ । ଶିକ୍ଷୟିତ୍ରୀ ସୁଶ୍ରୀ ସଂଗୀତା ମହାପାତ୍ରଙ୍କ ସଂଯୋଜନାରେ ଚିନ୍ମୟୀ ପ୍ରିୟଦର୍ଶିନୀ, ସୁମିତ୍ରା ପଣ୍ଡା, ସବିତା ଜେନା,ଶୁଭଲକ୍ଷ୍ମୀ ସାମଲ, ରାଜଲକ୍ଷ୍ମୀ ସାହୁ, ମୀନା ରାଉତ,ରମାକାନ୍ତ ରାଉତ,ଉପେନ୍ଦ୍ର ସ୍ୱାଇଁ, ଆଶୁତୋଷ ସାମଲ, ସୁଦର୍ଶନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟ ,ଛାତ୍ର ଛାତ୍ରୀ ,ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବିଦାୟୀ ଶିକ୍ଷକଙ୍କୁ ଉ□ରୀୟ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନୂଆଦିଲ୍ଲୀରେ ସମ୍ମାନିତ ହେଲେ ବାଣପୁରର ଯୁବ ସମାଜସେବୀ ଜିତେନ୍ଦ୍ର



ବାଣପୁର ୨/୨(ନି.ପ୍ର):ନୂଆଦିଲ୍ଲୀରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସମ୍ମାନିତ ହେଲେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଅଞ୍ଚଳର ଯୁବ ସମାଜସେବୀ ଜିତେନ୍ଦ୍ର ଭୋଳ । ନିକଟରେ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ନ୍ୟାସନାଲ ୟୁଥ ଇନ୍ସପିରେସନ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି ଜିତେନ୍ଦ୍ର ।ଭାରତୀୟ ଯୁବା ୱେଲଫେୟାର ଆସୋସିଆସନ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସାରା ଦେଶରୁ ବିଭିନ୍ନ କ୍ଷେତ୍ରରେ ମନୋନୀତ ହୋଇଥିବା ଏକାଧିକ ଯୁବ ସମାଜସେବୀଙ୍କୁ ସମ୍ମାନିତ କରାଯାଇଛି । ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ତଥା ଦେଶ ସେବାରେ ନିଜକୁ ଉତ୍ସର୍ଗ କରିଥିବା ଯୁବକ ମାନଙ୍କୁ ଉକ୍ତ ପୁରସ୍କାର ଦିଆଯାଇଛି ।ଏହି ପରିପ୍ରେକ୍ଷୀରେ ବାଣପୁର ଅଞ୍ଚଳର ଯୁବ ସମାଜସେବୀ ଜିତେନ୍ଦ୍ର ଭୋଳ ସ୍ୱଳ୍ପ ବୟସ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେ ସମାଜସେବା କ୍ଷେତ୍ରରେ ବିଭିନ୍ନ ଜନହିତକର କାର୍ଯ୍ୟ କରି ପ୍ରଶଂସା ସାଉଁଟିଛନ୍ତି ।ଉକ୍ତ ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ବହୁ ପ୍ରତିଷ୍ଠିତ ରାଜନେତା, ସମାଜସେବୀ, ଗାୟକ, କ୍ରୀଡ଼ାବିତ ଆଦି ଯୋଗ ଦେଇଥିଲେ । ତେବେ ଜିତେନ୍ଦ୍ରଙ୍କ ଉକ୍ତ ସଫଳତା ପାଇଁ ତାଙ୍କୁ ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଏବଂ ବାଣପୁରବାସୀ ଶୁଭେଚ୍ଛା ଜଣାଇଛନ୍ତି ।

# ଜୟପାଟଣା ରେ ଧନୁଯାତ୍ରା ମହୋତ୍ସବ

ଜୟପାଟଣା ୨/୨(ନି.ପ୍ର): ହାତୀଶାଳ ପଡ଼ିଆର ମିନି ଷ୍ଟାଡିୟମରେ ନେତାଜୀ କ୍ଲବ୍, ଜୟପାଟଣା ଆନୁକୁଲ୍ୟରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା 'ଧନୁଯାତ୍ରା ମହୋତ୍ସବ' ର ତୃତୀୟ ସାଂସ୍କୃତିକ ସନ୍ଧ୍ୟାରେ କମିଟିର ସଭାପତି ଶ୍ରୀ ଶିବାନନ୍ଦ ବେନିଆଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପାଟଣା ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମରାଜ ମାଝୀ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ତଥା ସଂଗଠକ ଶ୍ରୀ ପ୍ରକାଶ ଦୁରିଆ ସମୟ ଦେଇଥିଲେ । ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀ ଗଙ୍ଗାଧର ମାଝୀ,ବରିଷ୍ଠ ସାମ୍ବାଦିକ ଶ୍ରୀ ବିକ୍ରମାଦିତ୍ୟ ସିଂ ଦେଓ,ଯୁବ ବ୍ୟବସାୟୀ ଶ୍ରୀ ରାକେଶ କୁମାର ଜୈନ୍ ଏବଂ ଅଞ୍ଚଳର ଅନ୍ୟତମ ବ୍ୟବସାୟୀ ଶ୍ରୀ ଘାସିରାମ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ସଦୟ ସମୟ ପ୍ରଦାନ କରିଥିଲେ । ମହାରାଜ କଂସ ସମସ୍ତ ନିମନ୍ତ୍ରିତ ଅତିଥିଙ୍କୁ ଜୟପାଟଣା ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରିଥିଲେ ଏବଂ ଏହାର ଶୀଘ୍ର ସମାଧାନ ପାଇଁ ପରାମର୍ଶ ଦେଇଥିଲେ ।ଶ୍ରୀ ସିଦ୍ଧାର୍ଥ କୁମାର ମିଶ୍ର,ଶିକ୍ଷକ ମଞ୍ଚ ପରିଚାଳନା ତଥା ଧନ୍ୟବାଦ ଅର୍ପଣ କରିଥିଲେ ।ତୃତୀୟ ସନ୍ଧ୍ୟାରେ ରଙ୍ଗମଞ୍ଚରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିବା ବେଳେ ମୀନା ବଜାରରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା ।

# ୫୧ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ

ବୁଗୁଡ଼ା, ୨/୨(ନି.ପ୍ର): ଜାନୁଆର ୩୧ ତାରିଖରେ ବୁଗୁଡା ବି.ଆର.ସି.ସି. କାର୍ଯ୍ୟାଳୟରେ ୫୧ ଜଣ ସିଡବ୍ଲୁଏସଏନ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଛି । ୫୧ ଜଣ ସିଡବ୍ଲୁଏସଏନ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପକରଣ, ଯଥା ହ୍ୱିଲ୍ ଚେୟାର ସାଥୀ, ଟ୍ରାଇ ସାଇକେଲ, କମୋଡ୍ ସହିତ ସିପି ଚେୟାର, ରୋଲେଟର, ହ୍ୱିଲ୍ ଚେୟାର ମମତା ଆଶାବାଡ଼ି, ଇତ୍ୟାଦି ବ୍ଲକ ରିସୋର୍ସ ସେଣ୍ଟରରେ ବଣ୍ଟନ କରାଯାଇଛି । ବୁଗୁଡ଼ା ବି.ଇ.ଓ. ଚିନ୍ମୟ ମହାପାତ୍ର, ଏବିଇଓ ତଥା ବି.ଆର.ସି.ସି. ଅମିତା କୁମାରୀ ପାଢୀ, ଏବିଇଓ ତପସ୍ୱିନୀ ସାହୁ, ଏନଏସି ସିଆରସିସି କିରଣ ବାଳା ତ୍ରିପାଠୀଙ୍କ ଦ୍ୱାରା ସାମଗ୍ରୀ ବଣ୍ଟନ କରାଯାଇଛି । ଆରପି ସିଡବ୍ଲୁଏସଏନ ସୋନାଲିନ ପଣ୍ଡା ଠ ସୁଶାନ୍ତ କୁମାର ଡାକୁଆଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆଇ.ଇ.ଭି. ପ୍ରମୋଦ କୁମାର ମିଶ୍ର, ସୁଶାନ୍ତ କୁମାର ଗୌଡ଼ା ଓ ଦୀପକ କୁମାର ସେଠୀ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

# ସିରିଜ ଦୁର୍ଘଟଣା : ଟ୍ରକ୍ ଧକ୍କାରେ ବାଇକ୍ ରେ ଥିବା ବାପ ପୁଅ ମୃତ



ପାଟଣା ୨/୨(ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ୨୦ ନମ୍ବର ଜାତୀୟ ରାଜପଥର ଡେଙ୍କିକୋଟ ନିକଟସ୍ଥ ସାନ ବରଡେତା ନିକଟରେ ଆଜି ସନ୍ଧ୍ୟାରେ ପୁଣି ଘଟିଛି ସିରିଜ ଦୁର୍ଘଟଣା । ଟ୍ରକ ଧକ୍କା ରେ ଦୁଇ ବାଇକ୍ ଆରୋହୀ ବାପ ଓ ପୁଅ ଙ୍କ ର ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ ପରେ ପଛରେ ଆସୁଥିବା ଏକ କାର ଟ୍ରକ ପଛରେ ଧକ୍କା ଦେଇଥିଲା ।କାର ରେ ଥିବା ଦୁଇ ଜଣ ମଧ୍ୟ ଆହତ ହୋଇଛନ୍ତି । ମୃତକ ଦୁଇ ଜଣ ଭଦ୍ରକ ଆହାରପଡା ଅଞ୍ଚଳ ର ବାପା ଦିଲ୍ଲିପ ଭଟ୍ଟାଚାର୍ଯ୍ୟ ଓ ତାଙ୍କ ପୁଅ ପ୍ରିତମ ଭଟ୍ଟାଚାର୍ଯ୍ୟ ବୋଲି ପ୍ରାଥମିକ ସୂଚନା ରୁ ଜଣାପଡିଛି । ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଉଭୟ ବାପ ପୁଅ ଙ୍କୁ ଟୋଲ୍ ଗେଟ୍ ଆମ୍ବୁଲାନ୍ସ ଓ ଘଟଗାଁ ଅଗ୍ନିଶମ ବାହିନୀ ଉଦ୍ଧାର କରି ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତର ଉଭୟ ଙ୍କୁ ମୃତ ଘୋଷଣା କରିଥିଲେ । ଘଟଗାଁ ଓ ଡେଙ୍କିକୋଟ ପୁଲିସ ଦୁର୍ଘଟଣା ର ତଦନ୍ତ କରୁଛନ୍ତି । ମୃତକ ବାପ ପୁଅ କେନ୍ଦୁଝର ରୁ ବାଇକ ରେ ନିଜ ଗ୍ରାମ କୁ ଫେରୁଥିଲେ ।

# ଡ଼. ଦେବେନ୍ଦ୍ର କୁମାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ତରଭା ୨/୨(ନି.ପ୍ର): ସ୍ଥାନୀୟ ଏ.ଇ.ଏସ୍. ମହାବିଦ୍ୟାଳୟରେ ସହକାରୀ ଗ୍ରନ୍ଥାଧ୍ୟକ୍ଷ ଡ଼. ଦେବେନ୍ଦ୍ର କୁମାର ନାଏକଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିବାବେଳେ ଇଂରାଜୀ ବିଭାଗୀୟ ମୁଖ୍ୟ ପ୍ରଫେସର ଅନୋଜ ଭୁକ୍ତା, ଅର୍ଥନୀତି ବିଭାଗୀୟ ମୁଖ୍ୟ ପ୍ରଫେସର ବିନତୀ ମିଶ୍ର,ଗୃହ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼. ସରୋଜିନୀ ପଧାନ ତଥା ଗଣିତ ବିଭାଗୀୟ ମୁଖ୍ୟ ଶିବରାମ ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏଥିରେ ପ୍ରଫେସର ଦେବାଶିଷ ଶତପଥୀ, ରୋହିତ ପଧାନ,ପ୍ରଭୁଦତ୍ତ ହୋତା,ରୋଶନ ମେହେର, ବିଦ୍ୟାପତି ଦାନୀ, ଡ଼ଃ ସବିତା ମିଶ୍ର, ମନୋରଞ୍ଜନ ଭୋଇ, ପ୍ରଶାନ୍ତ ନାଗ, ଶଙ୍କର ବଘାର ପ୍ରମୁଖ ଡ଼. ଦେବେନ୍ଦ୍ର କୁମାରଙ୍କ କର୍ମମୟ ଜୀବନର ସ୍ମୃତି ଚାରଣ କରିବା ସାଙ୍ଗେ ସାଙ୍ଗେ ଅବସର ପରବର୍ତ୍ତୀ ନିରାମୟ, ସୁଖମୟ ଜୀବନଯାପନର କାମନା କରିଥିଲେ । ପରେ ସହକାରୀ ଗ୍ରନ୍ଥାଧ୍ୟକ୍ଷ ଡ଼. ନାଏକଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ମୋନାଲିସା ପଧାନ, ସୁନିତା ପଧାନ, ସୌମ୍ୟାଶ୍ରୀ ମିଶ୍ର, ଖେଳ ଶିକ୍ଷକ ସଞ୍ଜୀବ ସାହୁ, ମୁଖ୍ୟ କିରାଣୀ ସନ୍ତୋଷ ଚାନ୍ଦ, ମୋତିଲାଲ ନାଏକ, ଧିରୋଜ ସାହୁ ଏବଂ ଦେବାଶିଷ ନାଏକ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । କଲେଜର ସମସ୍ତ ଶିକ୍ଷକ, ଅଣ-ଶିକ୍ଷକ କର୍ମଚାରୀ ସମ୍ବଲପୁରୀ ନୃତ୍ୟର ତାଳେ ତାଳେ ବଜାଗଜା ସହ ବିରାଟ ଶୋଭାଯାତ୍ରାରେ ଡ଼. ଦେବେନ୍ଦ୍ର କୁମାରଙ୍କ ଉଦ୍ଦେଶ୍ୟରେ ସହର ପରିକ୍ରମା କରି ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଟାଟା ପାୱାର କମ୍ପାନୀର ଜୁଲମ, ବିଦ୍ୟୁତ ମିଟର ସିଲ କାଟି ଲୋକଙ୍କୁ ଲୁଟୁଛି



ବୁଗୁଡ଼ା ୨/୨(ନି.ପ୍ର): TPSODL ବିଦ୍ୟୁତ ଯୋଗାଣ ଦାୟିତ୍ୱ ନେବା ଦିନଠାରୁ ସାଧାରଣ ଲୋକେ ଜୁଲମର ଶିକାର ହେଉଥିବା ବେଳେ ,ଟାଟା ପାୱାରର କିଛି କର୍ମଚାରୀ ନିଜକୁ ସ୍କ୍ୱାର୍ଡ କହି ଗାଁ ଗାଁ ବୁଲି ଲୋକଙ୍କ ବିଦ୍ୟୁତ ମିଟର ଯାଞ୍ଚ କରିବା ଆଳରେ ମିଟର ସିଲ କାଟିଦେଉଛନ୍ତି । ପରବର୍ତ୍ତୀ ସମୟରେ ଆସି ସିଲ ନାହିଁ କହି ମୋଟା ଅଙ୍କର ଫାଇନ ଆଦାୟ କରୁଛନ୍ତି । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରସିଙ୍ଗି ଓ ଜେଏକ ଗ୍ରାମରେ । ସୂଚନା ଅନୁସାରେ ଟାଟା ପାୱାରର କିଛି କର୍ମଚାରୀ ଘର ଘର ବୁଲି ମିଟର ସିଲ ଗୁଡିକୁ କାଟୁଥିବାବେଳେ ଲୋକେ ଏହାକୁ ବିରୋଧ କରି ସେମାନଙ୍କୁ ଘେରି ଯାଇଥିଲେ । ଫଳରେ ଜେଏକ ଗ୍ରାମରେ ଚାପା ଉତେଜନା ସୃଷ୍ଟି ହୋଇଥିଲା । ଖବର ପାଇ ବୁଗୁଡ଼ା ପୋଲିସ ପହଞ୍ଚି ଘଟଣାର ପହଁଚି ତଦନ୍ତ କରି ପୁଣିଥରେ ମିଟର ଗୁଡିକୁ ସିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମିଟର ଗୁଡିକ ସିଲ କରିବାପରେ ପରିସ୍ଥିତି ଶାନ୍ତ ପଡିଥିଲା । TPSODL ସ୍ମାର୍ଟ ମିଟର ବସାଇବାକୁ ବାଧ୍ୟ କରିବାରୁ ଉପଭୋକ୍ତା ମାନେ ଏହାକୁ ବିରୋଧ କରିଥିଲେ । ଫଳରେ ଟାଟା କମ୍ପାନୀ ସ୍ମାର୍ଟ ମିଟର ବସାଇବା ଉଦ୍ଦେଶ୍ୟରେ ଏହିପରି ମନ୍ଦ ଉଦ୍ଦେଶ୍ୟ ରଖି ସିଲ ଭଙ୍ଗା ଯାଉଛି । ବର୍ତ୍ତମାନ କର୍ମଚାରୀମାନେ ସିଲ ଭାଙ୍ଗି ଦେଇଛ କହି ଟଙ୍କା ଆଦାୟ କରୁଥିବା ବେଳେ ଆଉ କିଛି ଦିନ ପରେ ସିଲ ଭାଙ୍ଗି ବିଦ୍ୟୁତ ଚୋରାଉଛ କହି ନୂଆ ସ୍ମାର୍ଟ ମିଟର ବସାଇବାକୁ ଯୋଜନା କରିଥିବା ଜଣାପଡୁଛି । ଟାଟା ପାୱାରର ଯେଉଁ କର୍ମଚାରୀ ବୃନ୍ଦ ଉପଭୋକ୍ତାଙ୍କ ବିନା ଅନୁମତିରେ ମିଟରରେ ହାତ ଦେଇ ଏହିପରି କାର୍ଯ୍ୟ କରୁଛନ୍ତି ପୋଲିସ ବିଭାଗ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବା ଆବଶ୍ୟକ । ସରକାର ବଦଳିଲେ ମଧ୍ୟ ବଦଳି ନାହିଁ ଟାଟା ପାୱାର କମ୍ପାନୀର ଶୋଷଣ ନୀତି, ଏହାକୁ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚି ସୃଷ୍ଟିହୋଇଛି ।

# ମଣ୍ଡିରୁ ଧାନ ନଉଠିବା ନେଇ ଅସନ୍ତୋଷ ;କାର୍ଯ୍ୟାନୁଷ୍ଠାନ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସର ଦାବି



ନିଶ୍ଚିନ୍ତକୋଇଲି,ତା. ୨/୨(ନି.ପ୍ର): କଟକ ଜିଲ୍ଲା କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଅଧିନରେ କାର୍ଯ୍ୟରତ ଫଗୋଳ ଗ୍ରାମ ପଂଚାୟତର ପଲ୍ଲୀଶ୍ରୀ ସେବା ସମବାୟ ସମିତି ପାଇକରାପୁର ଠାରେ ଚାଷୀମାନେ ମଣ୍ଡିକୁ ଧାନ ବିକ୍ରୟ କରିବା ପାଇଁ ସକାଳୁ ୭ଘଟିକାରୁ ଆସି ସନ୍ଧ୍ୟା ୭ଘଟିକା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ଦ୍ୱାରା ସ୍ଥିରିକୃତ ମିଲରଙ୍କ ଗାଡ଼ି ଆସିନଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇ ଭୋକ ଉପାସରେ ରହି ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥିପାଇଁ କିଏ ଦାୟୀ ? ଏହି ସମସ୍ୟା ସଂକ୍ରାନ୍ତ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ତରଫରୁ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା, ସମ୍ମାନନୀୟ ଜିଲ୍ଲାପାଳ କଟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଧାନମଣ୍ଡିରେ ଦେଖାଯାଉଥିବା ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ ମହୋଦୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା: କୋରାପୁଟରେ ୨୨,୫୧୧ ଅସମ୍ପୂର୍ଣ୍ଣ

କୋରାପୁଟ,୨/୨: ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯେଜନାରେ ଚାଲିଥିବା ଗୃହ ନିର୍ମାଣ କାର୍ଯ୍ୟ କୋରାପୁଟ ଜିଲ୍ଲାରେ ମନ୍ଥର ଗତିରେ ଚାଲିଛି। ନୂଆ ଟାର୍ଗେଟ ୬୪୧୧ରୁ ୬୩ଟି ଆବାସ ସମ୍ପୂର୍ଣ୍ଣ ହୋଇପାରିଛି। ସେହିପରି ଗତ ୨୦୧୬-୧୭ଅର୍ଥିକ ବର୍ଷରୁ ୨୦୨୪-୨୫ଆର୍ଥିକ ବର୍ଷ ଯାଏଁ ୨୨ହଜାର ୫୧୧ଘର ଅସମ୍ପୁର୍ଣ୍ଣ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଠିକ୍ ଭାବେ ତଦାରଖ କରାଯାଉନଥିବା, ନିର୍ମାଣ ଲାଗି ମନରେଗାରେ ଦିଆଯାଉଥିବା ମଜୁରି ମିଳିବାରେ ବିଳମ୍ବ, ନିର୍ମାଣ ସାମଗ୍ରୀର ଦର ବୃଦ୍ଧି ଏହାର ମୁଖ୍ୟ କାରଣ ବୋଲି ଅଭିଯୋଗ ହୋଇଛି। କେତେକ ହିତାଧିକାରୀ କିସ୍ତି ପାଇବା ପରେ ଖର୍ଚ୍ଚ କରିଦେଇଥିବାରୁ, ଘର କାମ ଶେଷ କରିବାରେ ସମସ୍ୟା ହେଉଥିବା କୁହାଯାଉଛି। ଆବାସ ନିର୍ମାଣ ବିଳମ୍ବ ସମ୍ପର୍କରେ କେତେକ ପଞ୍ଚାୟତ କର୍ମଚାରୀ, ହିତାଧିକାରୀ ଓ ଗ୍ରାମବାସୀ କହିଛନ୍ତି,। ଏପରିକି ପ୍ରକ୍ରିୟା ବର୍ଷ ଆରମ୍ଭରୁ ହେଉଥିଲେହେଁ କାର୍ଯ୍ୟାଦେଶ ବହୁ ସମୟରେ ଜୁନ୍ ଓ ଜୁଲାଇରେ ହିତାଧିକାରୀଙ୍କୁ ଦିଆଯାଉଛି। ଏହି ସମୟରେ ନିର୍ମାଣ ସାମଗ୍ରୀ ସିମେଣ୍ଟ, ଲୁ ହାଛଡ଼, ଇଟା, ବାଲି ଓ ପଥର ଦର ମଧ୍ୟ ବଢୁଛି। ତା ସାଙ୍ଗକୁ ପୂର୍ବ ଅପେକ୍ଷା ଏବେ ସବୁ କଂଚାମାଲ ଦର ଅଧିକ। ଏଥିଯୋଗୁ ଘର କାମ ଆରମ୍ଭରେ ବିଳମ୍ବ କରିଥିଲେ ହିତାଧିକାରୀ। କେତେକ ହିତାଧିକାରୀ କିସ୍ତି ଟଙ୍କା ପାଇବା ପରେ ଚାଷ ଓ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ କରିଦେଇଥିଲେ। ସେହିପରି ଘର ନିର୍ମାଣ ଲାଗି ଠିକାନେଇଥିବା ଠିକାଦାର ମଧ୍ୟ ହେଲା କରିଥିଲେ। ଫଳରେ କିସ୍ତି ଟଙ୍କା ପାଇ ମଧ୍ୟ ଠିକ୍ ସମୟରେ ଘର କାମ ଆରମ୍ଭ କରି ପାରିନଥିଲେ ହିତାଧିକାରୀ। ବିଭାଗୀୟ ସୂଚନା ଅନୁଯାୟୀ, ଜିଲ୍ଲାରେ ଗତ ୨୦୧୬-୧୭ଆର୍ଥିକ ବର୍ଷରୁ ୨୦୨୪-୨୫ଆର୍ଥିକ ବର୍ଷ ଯାଏଁ ୯୯୪୭୭ଜଣ ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ସେଥିରୁ ୭୬ହଜାର ୯୬୬ଟି ଘର ସମ୍ପୁର୍ଣ୍ଣ ହୋଇଛି। ଏପରିକି ୨୦୨୩-୨୪ଆର୍ଥିକ ବର୍ଷରେ ଜିଲ୍ଲାକୁ ଘର ପାଇଁ ସରକାର ଅନୁଦାନ କିମ୍ବା ଟାର୍ଗେଟ ଦେଇନଥିଲେ। ଜିଲ୍ଲାର ୧୪ବ୍ଲକରେ ୨୦୧୬-୧୭ରେ



୧୧୧୮୩ରୁ ୧୦୭୭୨ସମ୍ପୁର୍ଣ୍ଣ ହୋଇଥିଲା। ୨୦୧୭-୧୮ରେ ୧୦୬୧୧ରୁ ୧୦୩୬୮, ୨୦୧୮-୧୯ରେ ୮୩୩୬ରୁ ୮୦୫୩, ୨୦୧୯-୨୦ରେ ୨୨୧୫୬ରୁ ୨୧୧୬୩, ୨୦୨୦-୨୧ରେ ୨୫୨୦ରୁ ୨୪୧୫, ୨୦୨୧-୨୨ରେ ୩୮୩୧୦ରୁ ୨୪୧୩୨, ଓ ୨୦୨୪-୨୫ରେ ୬୩୬୧ରୁ ୬୩ଟି ସମ୍ପୁର୍ଣ୍ଣ ହୋଇଛି। ଯଦି ବ୍ଲକ ୱାରୀ ଦେଖାଯାଏ ତେବେ ସର୍ବାଧିକ ଲକ୍ଷ୍ମୀପୁରରେ ୨୯୩୫ଟି ଘର ଅସମ୍ପୁର୍ଣ୍ଣ ରହିଛି। ବନ୍ଧୁଗାଁ ୨୮୪୬,ଜୟପୁର ୨୬୩୧, ନାରାୟଣପାଟଣା ୨୨୪୯, ବୈପାରୀଗୁଡା ୧୨୧୦, ବୋରିଗୁମ୍ମା ୧୨୯୩, ଦଶମନ୍ତପୁର ୧୧୭୧, କୋରାପୁଟ ୪୧୧, କୋଟପାଡ଼ ୧୪୬୨, କୁନ୍ଦ୍ରା ୧୪୨୨, ଲମତାପୁଟ ୧୬୪୩, ନନ୍ଦପୁର ୧୯୪୫, ପଟାଙ୍ଗୀ ୫୨୦,ଓ ସେମିଳିଗୁଡା ୭୭୩ଟି ଏଭଳି ୨୨ହଜାର ୫୧୧ଟି ଘର ଏହି ୭ବର୍ଷରେ ଅସମ୍ପୁର୍ଣ୍ଣ ରହିଛି। ବିଭିନ୍ନ ବ୍ଲକର ବିଡିଓ ଓ ଏବିଡିଓ ମାନଙ୍କୁ ଘର ନିର୍ମାଣ ସମ୍ପର୍କରେ ପଚାରିଲେ ବ୍ଲକର କର୍ମଚାରୀଙ୍କୁ ଏହି କାମକୁ ତ୍ୱାରନ୍ୱିତ କରିବା ପାଇଁ ଟିମ୍ ଘୋଷଣା କରାଯାଇଛି। ଟିମ୍ ବି ବୁଲୁଛନ୍ତି। ତେବେ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ପରେ ସେମାନେ କିଭଳି ଘର ନିର୍ମାଣକୁ ଗୁରୁତ୍ୱ ଦେବା କଥା । ଦେଉ ନଥିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି କିଛି କ୍ଷେତ୍ର କର୍ମଚାରୀ ପିଇଓ, ଜିଆରଏସ୍ ମାନେ କହିଛନ୍ତି। ଏହି ସ୍ଥିତିରେ ପୂର୍ବରୁ ଯେଭଳି ଇନ୍ଦିରା ଆବସରେ ବହୁ ଘର ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଯାଇଥିଲା ସେଭଳି ରହିଯିବ ନାହିଁ ତ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# କନ୍ଧମାଳ ଜିଲ୍ଲା ମେଟ୍ରୋନ ମହାସଙ୍ଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଫୁଲବାଣୀ ତା,୦୨/୦୨ ଜଗନ୍ନାଥଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମାରେ ଜିଲ୍ଲା ମେଟ୍ରୋନ ମହାସଂଘର ଜର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟାକାରିଣୀ ବୈଠକରେ ଅଖିଳ ଭାରତୀୟ ସରକାରୀ କର୍ମଚାରୀ ଫେଡେରେସନ ର ସାଧାରଣ ସମ୍ପାଦକ ତଥା ରାଜ୍ୟ ମେଟ୍ରୋନ ମହାସଂଘ ର ସାଧାରଣ ସମ୍ପାଦକ ଶ୍ରୀ ସୁଜିତ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ । ବୈଠକ ଆରମ୍ଭ ପୂର୍ବରୁ ପ୍ରଥମେ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ସୁଜିତ କୁମାର ନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା, କନ୍ଧମାଳ ମେଟ୍ରୋନ ମହାସଂଘ ର ସଭାନେତ୍ରୀ ସୁଶ୍ରୀ ସ୍ନିଗ୍ଧା ରାଣୀ ବେହେରା କାର୍ଯ୍ୟକାରିଣୀ ବୈଠକର ଉଧେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହାପରେ ଜିଲ୍ଲାରେ ମେଟ୍ରୋନ ମାନଙ୍କ ବିଭିର୍ଣ୍ଣ ଅସୁବିଧା, ସମସ୍ୟା ଉପରେ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ସୁଜିତ ନାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ମେଟ୍ରୋନ ମାନେ ଆଗାମୀ ଦିନରେ ଏକଜୁଟ ବା ସଂଗଠିତ ହୋଇ ନିଜର ନ୍ୟାର୍ଯ୍ୟଦବୀ ହାସଲ କରିବାକୁ ବୈଠକରେ ଆଉହ୍ୱାନ କରିଥିଲେ । ଏହାପରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିବା ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ସୁଜିତ କୁମାର ନାୟକ ରାଜ୍ୟରେ ମେଟ୍ରୋନ ମାନେ ସ୍ୱଳ୍ପ ଦରମାରେ ଦିନରାତି ଚବିଶ ଘଣ୍ଟା କାର୍ଯ୍ୟ କରୁଛନ୍ତି ଓ ତାରି ତୁଳନାରେ ମଟ୍ରୋନ ମାନଙ୍କୁ ସରକାର ଉଚିତ ପାରିଶ୍ରମିକ ନ ଦେଇ ଆଜିଯାଏ ଅବହେଳା ପ୍ରଦର୍ଶନ କରି ଆସୁଥିବା କଥା କହିଥିଲେ । ଆଉ ବେଳେ ବେଳେ ବିଭିର୍ଣ୍ଣ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମେଟ୍ରୋନ ମାନଙ୍କୁ ଦୁର୍ବ୍ୟବହାର କରିବା, ଶାରୀରିକ, ମାନସିକ ଭାବେ ନିର୍ଯ୍ୟାତନା ଦେଉଥିବା ଓ ତାରି ପ୍ରତିବାଦ ରେ ଉପରିସ୍ଥ ଅଧିକାରୀ ମାନଙ୍କୁ ଜଣାଇଲେ ସେମାନେ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ସେମାନଙ୍କ ହାତ ବାରିସୀ ହୋଇ କାର୍ଯ୍ୟ କରି ବରଂ ମେଟ୍ରୋନ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ବିରୁଦ୍ଧରେ ସଙ୍ଘ ସରକାର ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ ଏଭଳି କାର୍ଯ୍ୟକୁ ସଙ୍ଘ ଦୃଢ଼ ଭାବେ ବିରୋଧ କରାଯିବ ବୋଲି ବୈଠକରେ ପ୍ରକାଶ କରିଥିଲେ । ମହାସଙ୍ଘ ରାଜ୍ୟରେ କାର୍ଯ୍ୟରତ ମେଟ୍ରୋନ ମାନଙ୍କ ଦରମା ବୃଦ୍ଧି କରିବା, ଅବସର କାଳୀନ ଭତ୍ତା ବୃଦ୍ଧି, ସହିତ ସ୍କୁଲ ଗୁଡିକରେ



ମେଟ୍ରୋନ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କ୍ୱାଟର ନିର୍ମାଣ କରାଯିବା ପାଇଁ ମଧ୍ୟ ସଙ୍ଘ ସରକାର ଙ୍କର ନିକଟରେ ଦାବିରଖିବା ସହିତ ଆଗାମୀ ଚଳିତ ଫେବୃଆରୀ ମାସରେ ହେଉଥିବା ବଜେଟ ଅଧିବେଶନ ବସିବା ସମୟରେ ରାଜ୍ୟର ସମସ୍ତ ଠିକା କର୍ମଚାରୀ ମାନଙ୍କୁ ନେଇ ଅଖିଳ ଭାରତୀୟ ସରକାରୀ କର୍ମଚାରୀ ଫେଡେରେସନ ଆଗାମୀ ଦିନରେ ଭୁବନେଶ୍ୱର ପିଏମଜୀ ଛକରେ ଏକ ବିଶାଳ ଆନ୍ଦୋଳନ କରାଯିବ ବୋଲି ବୈଠକରେ ପ୍ରକାଶ କରିଥିଲେ ଓ କନ୍ଧମାଳ ଜିଲ୍ଲାର ସମସ୍ତ ମେଟ୍ରୋନ ଏକଜୁଟ ହୋଇ ନିଜ ନିଜର ନ୍ୟାର୍ଯ୍ୟ ଦାବୀ ହାସଲ କରିବାପାଇଁ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେବାକୁ ପଡିବ ବୋଲି କହିଥିଲେ । ବିଶେଷ ଘଟଣା ହେଲା ପୂର୍ବତନ ନବୀନ ପଟନାୟକ ସରକାର ରାଜ୍ୟରେ ଥିବା ସମୟରେ ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କୁ ଅଧୀକ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ନିବାସ ଗୁଡିକରେ ମେଟ୍ରୋନ ମାନଙ୍କୁ ଅତି ସ୍ୱଳ୍ପ ବେତନ ହାର ୭୫୦୦ ଟଙ୍କାରେ ନିଯୁକ୍ତି ପ୍ରଦାନ କରିଥିଲେ, ସେହି ସମୟରେ ମେଟ୍ରୋନ ମାନଙ୍କ ପାଇଁ କାର୍ଯ୍ୟ କରୁଥିବା ରାଜ୍ୟ ସଂଗଠକ ଶ୍ରୀ ଦିଗାମ୍ବର ଜେନା ଦାୟିତ୍ୱ ନେଇଥିଲେ ଏବଂ ମେଟ୍ରୋନ ମାନଙ୍କ ବେତନ ମଧ୍ୟ ନିଯୁକ୍ତି ପାଇଥିବା ସମୟର ବେତନ ହାର ଠାରୁ ବୃଦ୍ଧି ପାଇ ବର୍ତ୍ତମାନ ୧୫୦୦୦ /-ରେ ପହଂଚି ପାରିଛି । ହେଲେ ବର୍ତ୍ତମାନ ରାଜ୍ୟରେ ସରକାର ବଦଳିସାରିଛି ଓ ରାଜ୍ୟରେ ବିଜେପି ଦଳର ମୋହନ ସରକାର ଶାସନ କରୁଥିବା ବେଳେ ମେଟ୍ରୋନ ରାଜ୍ୟ ମହାସଂଘ ର କର୍ମକର୍ତ୍ତା ମଧ୍ୟ ବଦଳିଛନ୍ତି । ବର୍ତ୍ତମାନ ଅଖିଳ ଭାରତୀୟ ସରକାରୀ କର୍ମଚାରୀ ଫେଡେରେସନ ଦ୍ୱାରା ମେଟ୍ରୋନ ରାଜ୍ୟ ମହା ସଙ୍ଘ ଅନୁବନ୍ଧିତ ହୋଇ କାର୍ଯ୍ୟ କରିବା ସହିତ ଆନ୍ଦୋଳନ କୁ ଓଲ୍‌ହାଇବ,ଏଭଳି ପରିସ୍ଥିତି ରେ ମେଟ୍ରୋନ ମାନେ ରାଜ୍ୟରେ ଦୁଇ ଗୋଷ୍ଠିରେ ବିଭକ୍ତ ହୋଇରହିଛି । ଯାହାକି ବର୍ତ୍ତମାନ କନ୍ଧମାଳ ଜିଲ୍ଲାରେ ମଧ୍ୟ ମେଟ୍ରୋନ ମାନଙ୍କ ମଧରେ ଗୋଷ୍ଠୀ ବିବାଦ ଥିବା ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳୁଛି । କାରଣ କନ୍ଧମାଳ ମେଟ୍ରୋନ ମହାସଙ୍ଘ ର ଜିଲ୍ଲା କାର୍ଯ୍ୟ କାରିଣୀ ବୈଠକରେ ତାର ନିରାଶ୍ୟ ଜନକ ଉପସ୍ଥିତି ସୂଚନା ଦେଉଛି,ତେଣୁ ନିଜର ଦାବୀ ହାସଲ କରିବାପାଇଁ ହେଲେ ଗୋଷ୍ଠୀ ବିବାଦରୁ ଉର୍ଦ୍ଧରେ ରହି ଏକଜୁଟ ଭାବେ କାର୍ଯ୍ୟ କଲେ ନିଜର ଭବିଷ୍ୟତ ଉଜ୍ଜଳ ମୟ ହେବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ଆଜିର କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ଆବାହକ ସମେତ କନ୍ଧମାଳ ଜିଲ୍ଲା ମେଟ୍ରୋନ ମହାସଂଘର ସଭାନେତ୍ରୀ ସୁଶ୍ରୀ ସ୍ନିଗ୍ଧାରାଣୀ ବେହେରା, ମେଟ୍ରୋନ ବୈଜୟନ୍ତୀମାଳା ଛତୁରା, ଗୀତାରାଣୀ ସାହୁ, ଯୋତିର୍ମୟୀ ନାୟକ, ସୁଷମା କହଁର, ଜନନୀ ପ୍ରଧାନ, ଆମ୍ରା ସାହାଣୀ, ରାଜଶ୍ରୀ ପ୍ରଧାନ,କଳ୍ପନା ଶୂଲି, ନିର୍ମଳା ମହାନନ୍ଦ,ଓ ବୈଜନ୍ତି ମାଳା ସେଠୁଆ ପ୍ରମୁଖ ବୈଠକରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ, ଓ ଆଗାମୀ ଦିନରେ ନିଜ ନିଜର ଦାବୀ ହାସଲ କରିବା ପାଇ ଗୋଷ୍ଠୀ ବିବାଦରୁ ଉର୍ଦ୍ଧରେ ରହି ସମସ୍ତ ମେଟ୍ରୋନ ମାନଙ୍କୁ ସାଥିରେ ନେଇ କାର୍ଯ୍ୟ କରିବାପାଇଁ ସଂକଳ୍ପ କରିଥିଲେ । ହେଲେ ଜିଲ୍ଲାରେ ଥିବା ଗୋଷ୍ଠୀ ବିବାଦକୁ କିପରି ପ୍ରଶମିତ କରି ଆଗାମୀ ଦିନରେ ସଙ୍ଘ କିପରି ଲଢେଇ ଜାରି ରଖିବ ତାହା ଆଗାମୀ ଦିନରେ ଦେଖିବାକୁ ମିଳିବ ।

## ପାନୀୟ ଜଳ ସମସ୍ୟା ଘେରରେ ଏସୁମାଡ଼ି ସାହିବାସିନ୍ଦା



ଘୁ.ଉଦୟଗିରି, ୨/୨: ସରକାର ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି କାର୍ଯ୍ୟ କାରି କରି ଆସୁଥିବା ସତ୍ତ୍ୱେ ଆଜି ବି କନ୍ଧମାଳ ଜିଲ୍ଲାର ଏମିତି ଅନେକ ଗାଁ ଅଛି ଜନସାଧାରଣ ପାଣି ବୁନ୍ଦେ ପାଇଁ ଡହଳ ବିକଳ ହେଉଛନ୍ତି। ଏହାର ଜ୍ୱଳନ୍ତା ଉଦାହରଣ ଏସୁମାଡ଼ି ଗ୍ରାମରେ ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ଅନ୍ତର୍ଗତ ଚାଞ୍ଚେଡ଼ି ପଞ୍ଚାୟତ ଅଧିନରେ ଥିବା ୧୧ନଂ ୱାର୍ଡ ଏସୁମାଡି ସାହିରେ ପ୍ରାୟ ୧୫ ପରିବାର ବସବାସ କରି ଆସୁଥିବାବେଳେ ସାହିରେ ଗୋଟିଏ ନଳକୂପ ଓ ଗୋଟିଏ କୂପ ରହିଛି। କିନ୍ତୁ କୂପରେ ବର୍ଷ ତମାମ ପାଣି ରହୁନଥିବା ଯୋଗୁଁ ସମସ୍ତ ସାହିବାସିନ୍ଦା ଗୋଟିଏ ନଳକୂପ ଉପରେ ନିର୍ଭର କରିଥାନ୍ତି, ଯାହା କି ସମୁଦ୍ରକୁ ଶଙ୍ଖେ ଭଳି। ଫଳରେ ଏସୁମାଡ଼ିସାହିରେ ପ୍ରାୟ ୧୫ ପରିବାର ପାଣି ବୁନ୍ଦେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ବର୍ଷ ଧରି ସାହିରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅବଗତ କରିଥିଲେ ସୁଧା କେହି କର୍ଣ୍ଣପାତ କରୁ ନଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ସାହିରେ ଏକ ନୂତନ ନଳକୂପ ଖନନ କରିବା ସହିତ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ପ୍ରଶାସନକୁ ସ୍ଥାନୀୟ ବାସିନ୍ଦା କମଳାକାନ୍ତ ପ୍ରଧାନ, ବାଲ୍ମୀକ ପ୍ରଧାନ, କଣ୍ଟେଶ୍ୱର ପ୍ରଧାନ, ମୀନକେତନ ପ୍ରଧାନ, କୁନାଳ ପ୍ରଧାନ ଜିତୁ ପ୍ରଧାନ, ସନତ ପ୍ରଧାନ, ସାନ ପ୍ରଧାନ, ଜିନା ପ୍ରଧାନ, ବିରେଇ ଦିଗାଲ, ଅଜିତ ପ୍ରଧାନ, ଅମୀର ପ୍ରଧାନ, ଟିକନ ଦିଗାଲ, ନୀକାବତୀ ପ୍ରଧାନ, କାଜଲ ବଗର୍ତ୍ତୀ, ମମତା ପ୍ରଧାନ, ସୁଲେଖା ପ୍ରଧାନ, ହେମଲତା ପ୍ରଧାନ, ମାଳତୀ ପ୍ରଧାନଙ୍କ ସମେତ ସାହି ବାସିନ୍ଦା ନିବେଦନ କରିଛନ୍ତି।

# ହକି ଫାଇନାଲ୍‌ଦଳାଚକଟା: ଭିତରେ ୨୦ ହଜାର, ବାହାରେ ୩୦ ହଜାର

ରାଉରକେଲା,୨/୨: ରାଉରକେଲାରେ ଶନିବାର ଖେଳା ଯାଇଥିବା ହକି ଇଣ୍ଡିଆ ଲିଗ୍‌ର ଫାଇନାଲ୍ ମ୍ୟାଚ୍‌ରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ମ୍ୟାଚ୍ ଦେଖିବା ପାଇଁ ଆଶାଠୁ ଅଧିକ ଦର୍ଶକ ପହଞ୍ଚିବାରୁ ଷ୍ଟାଡିୟମ୍ ଭିତରେ ଓ ବାହାରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଦଳାଚକଟାରେ ୭ ଜଣ ଆହତ ହୋଇଥିବାବେଳେ ୩ ଜଣ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କୁ ଭିଡ଼ ଭିତରୁ ଉଦ୍ଧାର କରି ଆମ୍ବୁଲାନ୍ସ ଜରିଆରେ ଆରଜିଏଚ୍ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷରେ ଷ୍ଟାଡିୟମ୍ ଭିତରେ ନିର୍ଦ୍ଧାରିତ ସମୟ ପୂର୍ବରୁ ୨୦ ହଜାର ଦର୍ଶକ ପ୍ରବେଶ କରିବାରୁ ଏହାର ସବୁଯାକ ପ୍ରବେଶପଥକୁ ବନ୍ଦ କରି ଦିଆ ଯାଇଥିଲା। ଫଳରେ ବାହାରେ ବିଭିନ୍ନ ଗେଟ୍ ସମ୍ମୁଖରେ ରୁଣ୍ଡ ହୋଇଥିବା ୩୦ ହଜାର ଲୋକ ଷ୍ଟାଡିୟମ୍‌କୁ ପ୍ରବେଶ କରି ନପାରି ନିରାଶ ହୋଇଥିଲେ। ଉତ୍ୟକ୍ତ ଦର୍ଶକ ୨ ନମ୍ବର ଗେଟ୍‌କୁ ଭାଙ୍ଗି ଭିତରକୁ ପଶି ଯାଇଥିଲେ। ସେପଟେ ୫



ନମ୍ବର ଗେଟ୍ କଡ଼ରେ ଥିବା ସୁରକ୍ଷାକର୍ମୀଙ୍କ ପ୍ରକୋଷ୍ଠର ଝରକା ଭାଙ୍ଗି ଦର୍ଶକ ଷ୍ଟାଡିୟମ୍ ପରିସରକୁ ପ୍ରବେଶ କରିଥିଲେ। ତେବେ ଗ୍ୟାଲେରି ଗେଟ୍‌ଗୁଡ଼ିକ ବନ୍ଦ ଥିବାରୁ ଷ୍ଟାଡିୟମ୍ ଭିତରକୁ ପଶିଥିବା ବହୁ ଲୋକ ମ୍ୟାଚ୍ ଦେଖି ପାରି ନଥିଲେ। ବହୁ ଦର୍ଶକ ବିପଜ୍ଜନକ ତାରବାଡ଼ ଡେଇଁ ଭିତରକୁ ପଶୁଥିବା ଦେଖିବାକୁ ମିଳିଥିଲା। ରାଉରକେଲା ବିଧାୟକ ସାରଦା ନାୟକ ମ୍ୟାଚ୍ ଦେଖିବାକୁ ଆସିଥିଲେ। ପୁଲିସ୍ ତାଙ୍କୁ ବହୁକଷ୍ଟରେ ଭିତରକୁ ନେଇଥିଲା। ବିଭିନ୍ନ ଗେଟ୍‌ରେ ଦିନ ସାଢ଼େ ତିନିଟାରୁ ଲମ୍ବା ଲାଇନ୍ ଆରମ୍ଭ ହୋଇଥିଲାବେଳେ ୫ଟା ସୁଦ୍ଧା ଷ୍ଟାଡିୟମ୍ ଭର୍ତ୍ତି ହୋଇଯିବାରୁ ପୁଲିସ୍ ମାଗଣା ପ୍ରବେଶ ଥିବା ୨ ଓ ୬ ନମ୍ବର ଗେଟ୍‌ରୁ ପ୍ରଥମେ ବନ୍ଦ କରି ଦେଇଥିଲା। ଫଳରେ ହଜାରହଜାର ସଂଖ୍ୟାରେ ଦର୍ଶକ ସ୍ୱତନ୍ତ୍ର ପାସ୍‌ଧାରୀଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୟ ଗେଟ୍‌ଗୁଡ଼ିକରେ ଧସେଇ ପଶିଥିଲେ। ହାତଗଣତି ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇବାରେ ଅସମର୍ଥ ହେବାରୁ ବାଧ ହୋଇ ସବୁ ଗେଟ୍ ବନ୍ଦ କରି ଦେଇଥିଲେ। ଫଳରେ ଭିଭିଆଇପିଠୁ ଆରମ୍ଭ କରି ପ୍ରେସ୍ ପାସ୍‌ଧାରୀ ସାମ୍ବାଦିକମାନେ ମଧ ଷ୍ଟାଡିୟମ୍‌ରେ ପଶି ପାରି ନଥିଲେ। ଜିଲ୍ଲା ପ୍ରଶାସନ ଓ ଆରଏସ୍‌ପିର ବହୁ ବରିଷ୍ଠ ଅଧିକାରୀଙ୍କ ନିକଟରେ ଭିଆଇପି ପାସ୍ ଥିଲେ ବି ସେମାନଙ୍କୁ ପୁଲିସ୍ ଛାଡ଼ି ନଥିଲା। ଲୋକେ ରାଗରେ ପାସ୍‌ଗୁଡ଼ିକୁ ଚିରି ପୁଲିସ୍ ଉପରକୁ ଫିଙ୍ଗୁଥିବା ଦେଖା ଯାଇଥିଲା। ବହୁ ଲୋକ ମୁଖ୍ୟମନ୍ତ୍ରୀଙ୍କ ବିରୋଧୀ ହକି ଇଣ୍ଡିଆ ଲିଗ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ଦର୍ଶକ ସଂଖ୍ୟା ଖୁବ୍ କମ୍ ରହିଥିଲା। ମ୍ୟାଚ୍ ଦେଖିବା ମାଗଣା କରାଯାଇଥିଲେ ବି ଆଶାନୁରୂପ ଦର୍ଶକ ହୋଇ ନଥିଲେ। ପରେ ଅନ୍‌ଲାଇନ୍ ପାସ୍ ବ୍ୟବସ୍ଥାକୁ ଉଠାଇ ଦେଇ ୩ଟି ଗ୍ୟାଲେରି (ୱେଷ୍ଟଷ୍ଟାଣ୍ଡ ବ୍ୟତୀତ)କୁ ଅବାଧ ପ୍ରବେଶ ପାଇଁ ଦର୍ଶକଙ୍କୁ ଅନୁମତି ଦିଆଗଲା। ତଥାପି ସେମିଫାଇନାଲ୍ ପର୍ଯ୍ୟନ୍ତ ଆଶାନୁରୂପ ସଂଖ୍ୟାରେ ଦର୍ଶକ ହୋଇନଥିଲେ। କିନ୍ତୁ ଫାଇନାଲ୍‌ରେ ବଲିଉଡ୍ ତାରକା ସାରା ଅଲୀ ଖାନ୍ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସୁଥିବା ପ୍ରଚାର ହେବାପରେ ପାସ୍ ପାଇଁ କସରତ ଆରମ୍ଭ ହୋଇଗଲା। ୩ଟି ଗ୍ୟାଲେରିରେ ମୁକ୍ତ ପ୍ରବେଶ ଥିବାରୁ ଦିନବେଳୁ ଲୋକେ ଆସି ଧାଡ଼ି ବାନ୍ଧିଲେ। ଷ୍ଟାଡିୟମ୍ କ୍ଷମତାଠାରୁ ୩ ଗୁଣା ଦର୍ଶକ ପହଞ୍ଚିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବା ପୁଲିସ୍ ଭିଡ଼ ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଆଶାନୁରୂପ ପୁଲିସ ଓ ସୁରକ୍ଷାକର୍ମୀ ନ ଆସିବା ତଥା ଫାଇନାଲ୍ ପାଇଁ ପାସ୍ ବ୍ୟବସ୍ଥା ନ କରି ୩ଟି ଷ୍ଟାଣ୍ଡକୁ ପୂର୍ବ ଭଳି ମୁକ୍ତ ରଖାଯିବା ଯୋଗୁଁ ହିଁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି।

# ବିସ୍ଫୋରଣରେ ୨ ଶିଶୁ ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି

ପାଟଣାଗଡ଼: ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ପାଢେଲ ଗ୍ରାମରେ ବିସ୍ଫୋରଣରେ ୨ ଶିଶୁ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଗୁରୁତର ୨ ଶିଶୁ ହେଲେ ପାଢ଼େଲ ଗ୍ରାମର ଜଗା ସରାଫ ଓ ସଂଜୀବ ଦଳେଇ। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ପାଢ଼େଲ ଗ୍ରାମରେ ବିସ୍ଫୋରଣରେ ୨ ଶିଶୁ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ଗୁରୁତର ୨ ଶିଶୁ ହେଲେ ପାଢେଲ ଗ୍ରାମର ଜଗା ସରାଫ ଓ ସଂଜୀବ ଦଳେଇ ।ମିଳିଥିବା ସୂଚନା ଅନୁଯାୟୀ, ପାଢେଲ ଗ୍ରାମରେ ୨ ଜଣ ଶିଶୁ ଘରେ ଖେଳୁଥିବାର ସମୟରେ ବ୍ୟାଟେରି ବିସ୍ଫେରଣ ହୋଇଥିଲା। ଏଥିରେ ୨ ଶିଶୁ ଗୁରୁତର ହୋଇ ପଡ଼ିଥିଲେ। ଏହା ଦେଖି ପରିବାରଲୋକେ ଶିଶୁ ଦ୍ୱୟକୁ ପ୍ରଥମେ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ।ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବା ଦର୍ଶାଇ ସେମାନଙ୍କୁ ବଲାଙ୍ଗୀରକୁ ସ୍ଥାନାନ୍ତରିତ କରା ଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଥିବା ଜଣାପଡିଛି।

# ପୁନରୁଦ୍ଧାର ହେବ ଭୀମେଶ୍ୱର ପୋଖରୀ: ଖର୍ଚ୍ଚ ହେବ ୪୨ କୋଟି; ଲାଇଟ୍ ଓ ସାଉଣ୍ଡ ବ୍ୟବସ୍ଥା ହେବ

ଭୁବନେଶ୍ୱର,୨/୨: ବହୁ ଦିନର ଦାବି ପରେ ପୁନରୁଦ୍ଧାର ହେବାକୁ ଯାଉଛି ପ୍ରାଚୀନ ଶୈବପୀଠ ଭୀମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ପୁଷ୍କରିଣୀ। ଏଥିପାଇଁ ବିଏମ୍‌ସି ୪୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିଛି। ଏଥିପାଇଁ ଠିକାସଂସ୍ଥା ଚୟନ କରିବାକୁ ଟେଣ୍ଡର ଡାକିଛି। ଟେଣ୍ଡର ପ୍ରକ୍ରିୟା ସରିବା ପରେ ତିନିମାସ ଭିତରେ କାମ ଶେଷ ହେବ। ଦୀର୍ଘକାଳର ଦାବି ପୂରଣ ହେବାକୁ ଯାଉଥିବାରୁ ଭୀମେଶ୍ୱର ମନ୍ଦିର ପରିଚାଳନା ସମିତି ଓ ଭୀମଟାଙ୍ଗୀ ଅଧିବାସୀ ଖୁସିବ୍ୟକ୍ତ କରିଛନ୍ତି। ଭୀମଟାଙ୍ଗୀ ଓ ଭୀମେଶ୍ୱର ମନ୍ଦିର ପୌରାଣିକ କଥାବସ୍ତୁ ସହ ଏହି ପୁଷ୍କରିଣୀ ଯୋଡ଼ି ହୋଇ ରହିଛି। ପାଣ୍ଡବମାନେ ବନବାସରେ ଥିବା ସମୟରେ ଏହି ସ୍ଥାନକୁ ଆସିଥିଲେ ବୋଲି ଗବେଷକମାନେ ମତ ଦିଅନ୍ତି। ମଧ୍ୟମ ପାଣ୍ଡବ ଭୀମଙ୍କ ପାଦ ଏଠାରେ ପଡ଼ିଥିବାରୁ ଏହି ସ୍ଥାନକୁ ଭୀମଟାଙ୍ଗୀ କୁହାଯାଉଛି। ଭୀମଙ୍କ ପାଦ ଚିହ୍ନ ମଧ ଏଠାରେ ରହିଛି। ଏଥିସହ ଭୀମ ପ୍ରତିଷ୍ଠା କରିଥିବା ଶିବ ଲିଙ୍ଗ ନାମରେ ମନ୍ଦିରର ନାମ ଭୀମେଶ୍ୱର ରଖାଯାଇଛି। ଏଥିସହ ମନ୍ଦିର ପରିସରରେ ଅନ୍ୟ ୪ ଜଣ ପାଣ୍ଡବ ୪ଟି ଲିଙ୍ଗ ପ୍ରତିଷ୍ଠା କରିଥିଲେ। ଭୀମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଯୁଧିଷ୍ଠୀରେଶ୍ୱର, ଅର୍ଜୁନେଶ୍ୱର, ନକୁଳେଶ୍ୱର ଓ ସହଦେବେଶ୍ୱର ପୂଜା ପାଉଛନ୍ତି। ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ମନ୍ଦିର ପରିସରରେ ବୃହତ ବୃଷଭ,



ରାଧାକୃଷ୍ଣ ମନ୍ଦିର ଓ ଭୀମେଶ୍ୱରଙ୍କ ନୂତନ ମନ୍ଦିର ନିର୍ମାଣ ହୋଇଛି। କିନ୍ତୁ ଦୁଃଖର କଥା ଯେ ଏଠାରେ ଥିବା ଭୀମେଶ୍ୱର ପୋଖରୀ ଦୀର୍ଘ ବର୍ଷ ହେବ ଅବହେଳିତ ହୋଇ ପଡ଼ିରହିଛି। ଭୀମେଶ୍ୱରଙ୍କ ସହ ଏକାମ୍ରକ୍ଷେତ୍ରାଧିପତି ପ୍ରଭୁ ଲିଙ୍ଗରାଜଙ୍କ ସମ୍ପର୍କ ରହିଛି। ପ୍ରଭୁ ଲିଙ୍ଗରାଜ ଭୌମ୍ୟ ଏକାଦଶୀ ଦିନ ଶୋଭାଯାତ୍ରାରେ ପ୍ରଭୁ ଭୀମେଶ୍ୱରଙ୍କ ନିକଟକୁ ଆସିଥାନ୍ତି। ସେଠାରେ ଭୀମେଶ୍ୱର ପୁଷ୍କରିଣୀରେ ଲିଙ୍ଗରାଜ ସ୍ନାନ କରିବା ପରେ ଯାଇ ଭେଟ ଆଳତୀ କରାଯାଏ। ତେବେ ପୋଖରୀ ଅବହେଳିତ ଓ ଅପରିଷ୍କାର ହୋଇ ପଡ଼ିବାରୁ ଭକ୍ତଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଭୀମେଶ୍ୱର ମନ୍ଦିର ସମିତିର ସମ୍ପାଦକ ପଦ୍ମନାଭ ଷଡ଼ଙ୍ଗୀ କହିଛନ୍ତି, ରାମେଶ୍ୱର ଠାକୁର ରାଜ୍ୟପାଳ ଥିବା ସମୟରେ ମନ୍ଦିରକୁ ଆସିଥିଲେ। ମନ୍ଦିରର ଏହି ପୋଖରୀକୁ ଦେଖି ଖୁସି ହୋଇଥିଲେ। ସେତେବେଳେ ତାଙ୍କ ନିର୍ଦ୍ଦେଶରେ ଆମେ ପୋଖରୀର ପୁନରୁଦ୍ଧାର ପାଇଁ ବିଏମ୍?ସି ଓ ବିଡିଏକୁ ଚିଠି ଲେଖିଥିଲୁ। ସେବେଠାରୁ ଅନେକ ଥର ଚେଷ୍ଟା କରିଛୁ। କିଛି ଦିନ ତଳେ ଭୁବନେଶ୍ୱର ସାଂସଦ ଓ ଏକାମ୍ର ବିଧାୟକଙ୍କୁ ମଧ ଦାବି ପତ୍ର ଦେଇଥିଲୁ। ଏବେ ଟେଣ୍ଡର ହେବାକୁ ଯାଉଥିବା ଶୁଣିଲୁ। ?ଆମର ଅନୁରୋଧ ଏହି ପୋଖରୀକୁ ଭଲ ଭାବେ କାର୍ଯ୍ୟ କରାଯାଉ। ୬୧ ନମ୍ବର ୱାର୍ଡର କର୍ପୋରେଟର ଶିବ ନାରାୟଣ ରାୟ କହିଛନ୍ତି ପୋଖରୀରୁ ପଙ୍କ ଉଦ୍ଧାର ସହ ଚାରିପାଖ ୱାଲ୍ କରାଯିବ। ମୁଖ୍ୟ ରାସ୍ତାକୁ ବାଟ ଫିଟିବ। ପାଚେରୀ ଭଙ୍ଗା ଯାଇ ଚାରି ପାଖ ଷ୍ଟିଲ୍ ବାଡ଼ ଲଗାଯିବ। ପୋଖରୀର ମଧ୍ୟ ଭାଗରେ ଶିବଙ୍କ ମୂର୍ତ୍ତି ନିର୍ମାଣ ହେବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଲାଇଟ୍ ଓ ସାଉଣ୍ଡ୍‌ର ବ୍ୟବସ୍ଥା ବି କରାଯିବ। ଫଳରେ ଏହି ଐତିହ୍ୟ ପୁଷ୍କରିଣୀ ସହ ପର୍ଯ୍ୟଟକ ଯୋଡ଼ି ହେବାର ସୁଯୋଗ ପାଇବେ। ବିଏମ୍‌ସି ପକ୍ଷରୁ କୁହାଯାଇଛି କି ଫେବ୍ରୁଆରି ୭ ତାରିଖରେ ଟେଣ୍ଡର ଖୋଲାଯିବ। ୯୦ ଦିନ ଭିତରେ କାମ ଶେଷ କରିବାକୁ ସର୍ତ୍ତ ରହିଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ